READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524



ବର୍ଷ-୧୦ | ସଂଖ୍ୟା-୯ | ୯ ମାର୍ଚ୍ଚ - ୧୫ ମାର୍ଚ୍ଚ, ୨୦୨୬ | ଭୁବନେଶ୍ୱର | Monday Weekly | VOL-10 | ISSUE-9 | 9th MARCH - 15th MARCH, 2026 | BHUBANESWAR | ₹ 5/- (8 Pages)

### ରାଜ୍ୟସଭା ଚତୁର୍ଥ ଆସନ ପାଇଁ ମହା ମୁକାବିଲା

## ନବୀନଙ୍କୁ ପୁଣି ଚକ୍‌ମା ଦେବେ ଦିଲ୍ଲୀପ !

**ଭୁବନେଶ୍ୱର :** ଓଡ଼ିଶାରୁ ରାଜ୍ୟସଭାର ଚତୁର୍ଥ ଆସନ ପାଇଁ ମୁକାବିଲା ହେବ ଦିଲ୍ଲୀପ ବନାମ ଦଣ୍ଡେଶ୍ୱର। କଂଗ୍ରେସ ସମର୍ଥନରେ ଦଣ୍ଡେଶ୍ୱରଙ୍କୁ ରାଜ୍ୟସଭା ପଠାଇ ପାରିବେ ତ ନବୀନ? ନା ୨୦୦୨ ପରି ଦିଲ୍ଲୀପ ଦେବେ ଚକମା। କାରଣ ୨୦୦୨ ରାଜ୍ୟସଭା ନିର୍ବାଚନ ଫଳ ବିଜେଡି ଓ ନବୀନ ପଟ୍ଟନାୟକଙ୍କ ପାଇଁ ଥିଲା ଏକ ବଡ଼ ଧକ୍କା। ୨୦୦୨ରେ ବି ଓଡ଼ିଶାରୁ ଚତୁର୍ଥ ଆସନ ପାଇଁ ହୋଇଥିଲା ଲଢେଇ। ଯେଉଁଥିଲେ ଏହି ଦିଲ୍ଲୀପ ରାୟ କଂଗ୍ରେସ ପ୍ରାର୍ଥୀ ମୋରିସ୍ କୁଜୁରଙ୍କୁ ପରାସ୍ତ କରି ନବୀନଙ୍କ ସବୁ ଅଙ୍କ ଭୁଲ କରିଦେଇଥିଲେ। ଦିଲ୍ଲୀପଙ୍କୁ ହରାଇବା ପାଇଁ ନବୀନ ସବୁପ୍ରକାର ଗୋଟି ଚାଳନା କରିଥିଲେ। ଏପରିକି କୁହାଯାଏ ବିଜେଡିର ବଳକା ଭୋଟ୍ ମୋରିସ କୁଜୁରଙ୍କୁ ଦେବା ଲାଗି କଂଗ୍ରେସ ସହ ନବୀନ କରିଥିଲେ ଭିତିରିଆ ଡିଲ। ବିଧାନସଭାରେ ବିଜେଡିର ୭୧ ବିଜେପିର ୩୮



ଏବଂ କଂଗ୍ରେସର ୨୬ ବିଧାୟକ ଥିଲେ। ୨୦୦୨ ରାଜ୍ୟସଭା ନିର୍ବାଚନରେ ୧୪୭ରୁ ୧୪୩ ଜଣ ବିଧାୟକ ଭାଗନେଇଥିଲେ। ବିଜେଡି ବିଧାୟକ ତଥା ଜଙ୍ଗଲ ମନ୍ତ୍ରୀ ଏ.ପି ସିଂଦେଓଙ୍କ ଭୋଟ୍ ନାକଚ ହୋଇଥିଲା। ପ୍ରଥମ ୩ଟି ଆସନରେ ବିଜେଡିର ୨ଜଣ ଓ ବିଜେପିର ଜଣେ ପ୍ରାର୍ଥୀ ସହଜରେ ବିଜୟୀ ହୋଇଥିବା ବେଳେ ପ୍ରତିଦ୍ୱନ୍ଦ୍ୱୀତା ହୋଇଥିଲା ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟ ଓ କଂଗ୍ରେସ ପ୍ରାର୍ଥୀ ମୋରିସ କୁଜୁରଙ୍କ ମଧ୍ୟରେ। ତେବେ ନବୀନଙ୍କ ଶତ ଚେଷ୍ଟା ସତ୍ତ୍ୱେ ବିଜେଡିର ୧୪ ବିଧାୟକ, ବିଜେପିର ୮ ବିଧାୟକ, କଂଗ୍ରେସର ୨, ଜେଏମ୍ଏମର ଜଣେ ଓ ଜଣେ ସ୍ୱାଧୀନ ବିଧାୟକଙ୍କ ଭୋଟ୍ ପାଇ ବିଜୟୀ ହୋଇଥିଲେ ଦିଲ୍ଲୀପ ରାୟ। ଆଉ ୨୬ ବିଧାୟକ ଥାଇ ବି ହାରିଥିଲେ କଂଗ୍ରେସ ପ୍ରାର୍ଥୀ ମୋରିସ୍ କୁଜୁର। ଓଡ଼ିଶାରୁ ରାଜ୍ୟସଭା ନିର୍ବାଚନରେ ଆଉ ଏକ ରୋଚକ ଲଢେଇ ଦେଖିବାକୁ ମିଳିଥିଲା ୨୦୧୦ରେ। ଏଥିରେ କଂଗ୍ରେସ ଓ ବିଜେପି ସମର୍ଥନରେ ସ୍ୱାଧୀନ ପ୍ରାର୍ଥୀ ହୋଇଥିବା ବ୍ୟବସାୟୀ ତାରାରଞ୍ଜନ ପଟ୍ଟନାୟକଙ୍କୁ ହରାଇ ନିର୍ବାଚିତ ହୋଇଥିଲେ ବିଜେଡିର ତୃତୀୟ ପ୍ରାର୍ଥୀ ବୈଷ୍ଣବ ପରିଡ଼ା। ବିଜେଡିର ଅନ୍ୟ ୨ ପ୍ରାର୍ଥୀ ପ୍ୟାରୀମୋହନ ମହାପାତ୍ର ଓ ଶଶିଭୂଷଣ ବେହେରାଙ୍କୁ ଜିତାଇବା ପାଇଁ ଦଳ ପାଖରେ ଆବଶ୍ୟକ ଭୋଟ୍ ଥିବା ବେଳେ ବୈଷ୍ଣବଙ୍କ ପାଇଁ ନିଅଣ୍ଟ ଥିଲା ସଂଖ୍ୟା। ସେପଟେ କଂଗ୍ରେସର ୨୭ ବିଜେପିର ୬ ଓ ଜଣେ ସ୍ୱାଧୀନ ବିଧାୟକଙ୍କ ସମର୍ଥନରେ ଜିତିବା ପାଇଁ ଆଶା ବାନ୍ଧି ବସିଥିଲେ ସ୍ୱାଧୀନ ପ୍ରାର୍ଥୀ ତାରାରଞ୍ଜନ ପଟ୍ଟନାୟକ। କିନ୍ତୁ ପ୍ୟାରୀଙ୍କ ଗୋଟି ଚାଳନା ଆଗରେ ଧୂଳି ଚାଟିଥିଲେ ତାରା।

➤ ପୃ-୬

## ବିଜେଡି ଓ ନବୀନଙ୍କୁ ଶ୍ରୀମୟୀଙ୍କ କଡ଼ା ସମାଲୋଚନା

**ଭୁବନେଶ୍ୱର :** ପ୍ରବାଦପୁରୁଷ ବିଜୁବାବୁଙ୍କ ୧୧୦ତମ ଜୟନ୍ତୀରେ ବିଜେଡି ଏବଂ ନବୀନଙ୍କୁ ଶ୍ରୀମୟୀ ମିଶ୍ରଙ୍କ ସମାଲୋଚନା। ନିଜ ସୋସିଆଲ ମିଡିଆ ପୋଷ୍ଟରେ ସମାଲୋଚନା କଲେ ଶ୍ରୀମୟୀ ମିଶ୍ର। ଦୀର୍ଘ ତିନି ଦଶନ୍ଧି ଧରି ଯେଉଁ ବ୍ୟକ୍ତି କ୍ଷମତାରେ ରହିଛନ୍ତି, ନିଜେ କେତେଥର ଦିଲ୍ଲୀ ଦରବାରରେ ବିଜୁବାବୁଙ୍କୁ ଭାରତରତ୍ନ ସମ୍ମାନ ଦେବା ପାଇଁ ଚେଷ୍ଟା କରିଛନ୍ତି? ଅବଶ୍ୟ ଦଳର ନେତାଙ୍କୁ ଲଗେଇ, ଭାଷଣରେ ଅନ୍ୟର ସ୍କ୍ରିପ୍ଟ ପଢ଼ି, ଧର୍ମକୁ ଆଖିଠାର କଲା ଭଳି ଏ ପ୍ରସଙ୍ଗ ଉଠାନ୍ତି। କ'ଣ ଖାଲି ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ଆଉ ଖଣ୍ଡି ଓଡ଼ିଆରେ ଭାଷଣ ଦେବା ହିଁ ଦେଶର ଜଣେ ପ୍ରଭାବଶାଳୀ ପୁତ୍ରର କର୍ତ୍ତବ୍ୟ? ଓଡ଼ିଶାବାସୀ ଓ ଦିଲ୍ଲୀରେ ଥିବା ବିଜୁବାବୁଙ୍କ ପାଖ ଲୋକେ କୁହନ୍ତି କି, ବିଜୁବାବୁଙ୍କର ଶେଷ ସମୟରେ ତାଙ୍କୁ ନିଜ ଘରେ ରଖି ବାପାଙ୍କ ଭଳି ପାଖରେ ରହି ସବୁ କଥା ବୁଝୁଥିଲେ ଦିଲୀପ ରାୟ। ବାପା ମାଆଙ୍କ ସେବା କରୁଥିବା ବ୍ୟକ୍ତିଙ୍କ ପ୍ରତି ସବୁ ପିଲାମାନେ କୃତଜ୍ଞ ରୁହନ୍ତି। ରାଜ୍ୟସଭା ନିର୍ବାଚନରେ ବାପାଙ୍କ ପ୍ରିୟ ଲୋକଙ୍କୁ ସମର୍ଥନ କରି କୃତଜ୍ଞତା ଜାହିର କରିବା ଉଚିତ୍ ନୁହଁ କି? ଏମିତି କେତେ




ନିର୍ବାଚନ ଆସିବ, ଯେଉଁଥିରେ ଅନ୍ୟ ପ୍ରାର୍ଥୀଙ୍କୁ ସମର୍ଥନ ଦେଇ ହେବ, କିନ୍ତୁ ବିଜୁ ଜୟନ୍ତୀରେ ବିଜୁବାବୁଙ୍କ ସେବା କରିଥିବା ବ୍ୟକ୍ତିଙ୍କୁ ଯଦି ସମ୍ମାନ ଓ ସମର୍ଥନ, ନ' ଦେଇପାରିବେ, ତେବେ ସେ ପୁତ୍ର କୃତଜ୍ଞ ନା କୃତଘ୍ନ? ବିଜୁବାବୁଙ୍କୁ ଆଦର୍ଶ ମାନୁଥିବା ବହୁ ବିଧାୟକ ମଧ୍ୟ ନିଜ ବିବେକାନୁମୋଦିତ ନିଷ୍ପତ୍ତି ନେବେ, ନା ଭଣ୍ଡ ଅନୁଗାମୀ ହେବେ, ତାହା ସମୟ କହିବ। ସେପଟେ ବିଜୁ ବାବୁଙ୍କୁ ମନେ ପକାଇ ଭାବବିହ୍ୱଳ ହେଲେ ଦିଲ୍ଲୀପ ରାଏ, ସୋସିଆଲ ମିଡିଆରେ ଲେଖିଲେ ମନର କଥା। ବିଜୁ ବାବୁଙ୍କ ଜନ୍ମବାର୍ଷିକୀରେ, ଭାରତୀୟ ଜନତା ପାର୍ଟିର ସମର୍ଥନରେ ସ୍ୱାଧୀନ ପ୍ରାର୍ଥୀ ଭାବରେ

➤ ପୃ-୬

### କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀଙ୍କ ବଡ଼ ଘୋଷଣା

## ୧୬ ବର୍ଷରୁ କମ ପିଲାଙ୍କୁ ସୋସିଆଲ ମିଡିଆ ମନା

**ବେଙ୍ଗାଲୁରୁ :** ଦେଶର ପ୍ରଥମ ରାଜ୍ୟ ଭାବେ କର୍ଣ୍ଣାଟକାରେ ୧୬ ବର୍ଷରୁ କମ ବୟସ୍କ ପିଲାଙ୍କ ପାଇଁ ସୋସିଆଲ ମିଡିଆ ବ୍ୟାନ କରାଯିବ। ଏନେଇ ମୁଖ୍ୟମନ୍ତ୍ରୀ ସିଦ୍ଦରମୈୟା ଶୁକ୍ରବାର ଘୋଷଣା କରିଛନ୍ତି। ପିଲାମାନଙ୍କ ଉପରେ ମୋବାଇଲର ବହୁଳ ବ୍ୟବହାର ଯୋଗୁ ପଡୁଥିବା କୁପ୍ରଭାକୁ ରୋକିବା ପାଇଁ ସୋସିଆଲ ମିଡିଆ ବ୍ୟାନ ପାଇଁ ଯୋଜନା ହୋଇଥିବା ବଜେଟ ଉପସ୍ଥାପନ ବେଳେ କହିଛନ୍ତି ମୁଖ୍ୟମନ୍ତ୍ରୀ। ଛୋଟ ପିଲାମାନଙ୍କ ସୋସିଆଲ ମିଡିଆ ବ୍ୟବହାର ଉପରେ ପ୍ରତିବନ୍ଧକ ଲଗାଇବା ପାଇଁ ଚାଲିଥିବା ଚର୍ଚ୍ଚା ଭିତରେ କର୍ଣ୍ଣାଟକା ଦେଶର



ପ୍ରଥମ ରାଜ୍ୟ ଯେଉଁଠାରେ ଖୋଦ ମୁଖ୍ୟମନ୍ତ୍ରୀ ବିଧାନସଭାରେ ଏପରି ଘୋଷଣା କରିଛନ୍ତି। ଏହାପୂର୍ବରୁ ଆନ୍ଧ୍ର ପ୍ରଦେଶ ଓ ଗୋଆ ଛୋଟ ପିଲାଙ୍କ ପାଇଁ ସୋସିଆଲ ମିଡିଆ ବ୍ୟାନ କରାଯିବା ପ୍ରସଙ୍ଗରେ ଆଲୋଚନା ଚାଲିଥିବା କହିଥିଲେ।

➤ ପୃ-୬

### ଏପ୍ରିଲ ପହିଲାରୁ ଓଡ଼ିଶାରେ ଏସ୍‌ଆଇଆର

## '୯୦% ସରିଛି ମ୍ୟାପିଂ'

**ଭୁବନେଶ୍ୱର :** ଓଡ଼ିଶାରେ ଏସ୍‌ଆଇଆରକୁ ନେଇ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସୂଚନା। ଆସନ୍ତା ଏପ୍ରିଲ ପହିଲାରୁ ରାଜ୍ୟରେ ଆରମ୍ଭ ହେବ ଏସଆଇଆର ପ୍ରକ୍ରିୟା। ରାଜ୍ୟରେ ଭୋଟର ତାଲିକାକୁ ସ୍ୱଚ୍ଛ ଏବଂ ତ୍ରୁଟିଶୂନ୍ୟ କରିବା ପାଇଁ ଆଗାମୀ ଏପ୍ରିଲ ୧ ତାରିଖରୁ ଆରମ୍ଭ ହେବାକୁ ଯାଉଛି ସ୍ପେଶାଲ୍ ଇଣ୍ଟେନ୍ସିଭ ରିଭିଜନ ବା ଏସଆଇଆର ପ୍ରକ୍ରିୟା। ଏପର୍ଯ୍ୟନ୍ତ ୯୦% ଭୋଟରଙ୍କ ନାମ ଓ ପିତାଙ୍କ ନାମ ୨୦୦୨ ରୋଲ ସହିତ ମାପିଙ୍ଗ ସରିଛି। ବାକି ୧୦ ପ୍ରତିଶତ ମଧ୍ୟରୁ ଅତିକମରେ ୮ ପ୍ରତିଶତ ସଂଶୋଧନ ହେବ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସମ୍ବାଦିକ ସମ୍ମିଳନୀ କରି ସୂଚନା ଦେଇଛନ୍ତି। ୯୫% ଲୋକଙ୍କୁ ମାପିଙ୍ଗ କରିଦେଲେ ଏସଆଇଆର ପାଇଁ ସୁବିଧା ହେବ। ଓଡ଼ିଶାରେ ଏସଆଇଆରକୁ ନେଇ ୯୦% ଲୋକଙ୍କ ପାଇଁ କିଛି ସମସ୍ୟା ନାହିଁ। ସହରାଞ୍ଚଳରେ ମାପିଙ୍ଗ ପାଇଁ ସମସ୍ୟା ହେଉଛି। ଇସିଆଇଏନଇଟି ମୋବାଇଲ ଆପ୍ସ - କ୍ୟୁଆର



କୋର୍ଡ ଆଧାରରେ ଭୋଟର, ନିଜ ବିବରଣୀ ଖୋଜି ପାରିବେ। ସେ ଆହୁରି ବି କହିଛନ୍ତି କି, ସବୁଠୁ ବଡ଼ କଥା ୨୦୦୨ ଆଧାରରେ ସଂଶୋଧନ କରାଯିବ। ୨୦୦୨ ମସିହାରେ ଯେଉଁ ବୁଥ୍‌ରେ ମତଦାନ କରିଥିଲେ ତାର ବୁଥ୍ ନମ୍ବର କହିଲେ ବି ସଂଶୋଧନ ହେବ। କିନ୍ତୁ ଯଦି ଜଣକ ପାଖରେ କିଛି ବି ଲିଷ୍ଟ ନାହିଁ ତେବେ ତାକୁ ୧୧ ନମ୍ବର ବିଶିଷ୍ଟ ଫର୍ମ ଦିଆଯିବ।

➤ ପୃ-୬

### ୫ ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର କାଏମ

## ସନ୍ତୃପ୍ତ ସବୁଠୁ ଧନୀ



**ଭୁବନେଶ୍ୱର :** ରାଜ୍ୟର ୪ଟି ରାଜ୍ୟସଭା ଆସନ ପାଇଁ ୫ଜଣ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର କାଏମ ରହିଛି। ବିଜେପି ପ୍ରାର୍ଥୀ ମନମୋହନ ସାମଲ ଓ ସୁଜିତ୍ କୁମାରଙ୍କ ସମେତ ବିଜେଡିର ସନ୍ତୃପ୍ତ ମିଶ୍ର ଏବଂ ଦୁଇ ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟ ଓ ଡାକ୍ତର ଦଣ୍ଡେଶ୍ୱର ହୋତାଙ୍କ ପ୍ରାର୍ଥୀପତ୍ର କାଏମ ରହିଛି। କୌଣସି ବିଧାୟକ ପ୍ରସ୍ତାବକ ନଥିବାରୁ ହାଇଦ୍ରାବାଦର କାନ୍ତେ ସାୟାନ୍ନାଙ୍କ ନାମାଙ୍କନ ପତ୍ର ଖାରଜ ହୋଇଛି। ରାଜ୍ୟସଭା ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲବେଳେ ଦେଇଥିବା ସତ୍ୟପାଠରୁ ଜଣାପଡ଼ିଛି ଯେ, ଏହି ୫ଜଣ ପ୍ରାର୍ଥୀଙ୍କ ମଧ୍ୟରେ ସନ୍ତୃପ୍ତ ମିଶ୍ର ସର୍ବାଧିକ ଧନୀ ପ୍ରାର୍ଥୀ। ମୋଟ ପ୍ରାୟ ୫୯୫.୧୪କୋଟି ଟଙ୍କାର ସ୍ଥାବର-ଅସ୍ଥାବର ସମ୍ପତ୍ତିର ସେ ଓ ତାଙ୍କ ପତ୍ନୀ ଅଳକା ମିଶ୍ର ହେଉଛନ୍ତି ମାଲିକ । ସେହିପରି ଦ୍ୱିତୀୟ ସ୍ଥାନରେ ଦିଲ୍ଲୀପ ରାୟ ଅଛନ୍ତି। ଶ୍ରୀ ରାୟଙ୍କ ମୋଟ ସମ୍ପତ୍ତି ପ୍ରାୟ ୪୫୭କୋଟି ଟଙ୍କା ରହିଛି,ଯେଉଁଥିରେ ତାଙ୍କ ପତ୍ନୀ ପୂଜା ରାୟଙ୍କ ନାଁରେ ପ୍ରାୟ ୨୦କୋଟି ଟଙ୍କାର ସମ୍ପତ୍ତି ରହିଛି। ସେହିପରି ତୃତୀୟ ଧନୀ ପ୍ରାର୍ଥୀ ଭାବେ ଡାକ୍ତର ଦଣ୍ଡେଶ୍ୱର ହୋତା ମୋଟ ୧୨.୮୫କୋଟି ଟଙ୍କାର ସ୍ଥାବର-ଅସ୍ଥାବର ସମ୍ପତ୍ତିର ମାଲିକ ହୋଇଥିବାବେଳେ ଚତୁର୍ଥ ଧନୀ ପ୍ରାର୍ଥୀ ହେଉଛନ୍ତି ସୁଜିତ୍ କୁମାର। ତାଙ୍କ ପାଖରେ ପ୍ରାୟ ୬.୬୯କୋଟି ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ମଧ୍ୟ ରହିଛି। ଆଉ ଧନୀ ପ୍ରାର୍ଥୀ ତାଲିକାରେ ପଂଚମ ତଥା ଶେଷରେ ମନମୋହନ ସାମଲ ରହିଛନ୍ତି। ତାଙ୍କର ମୋଟ ସମ୍ପତ୍ତିର ପରିମାଣ ପ୍ରାୟ ୪.୭୫ କୋଟି ଟଙ୍କା ବୋଲି ଜଣାପଡ଼ିଛି। ସୁଜିତ୍ କୁମାର, ସନ୍ତୃପ୍ତ ମିଶ୍ର ଓ ଦଣ୍ଡେଶ୍ୱର ହୋତାଙ୍କ ନାଁରେ କୌଣସି ଅପରାଧିକ ମାମଲା ନଥିବାବେଳେ ମନମୋହନ ସାମଲଙ୍କ ନାଁରେ ୪ଟି କେସ୍ ବିଚାରାଧୀନ ରହିଛି। ସେହିପରି ଦିଲ୍ଲୀପ ରାୟଙ୍କ

➤ ପୃ-୬

### ନବୀନଙ୍କ ଶାସନକୁ ଶାହଙ୍କ ଟାର୍ଗେଟ୍

## ୨୦ ବର୍ଷର କ୍ଷତିକୁ ୫ ବର୍ଷରେ ପୂରଣ କରିବୁ


**ଭୁବନେଶ୍ୱର :** ରାହୁଲଙ୍କ ୨୦ଟା ଲଞ୍ଚିଂ ଫେଲ୍। ଏହା ୧୦୦ ପର୍ଯ୍ୟନ୍ତ ଯାଇପାରେ। ଦିଲ୍ଲୀର ଏଆଇ ସମ୍ମିଳନୀରେ କଂଗ୍ରେସର ପ୍ରତିବାଦକୁ ସମାଲୋଚନା କରି ଏହା କହିଛନ୍ତି କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ। ସାରା ବିଶ୍ୱର ନଜର ଭାରତ ଉପରେ ଥିଲା ବେଳେ ସେହି ସମୟରେ କଂଗ୍ରେସ କର୍ମୀ କପଡା ଖୋଲି ଭାରତକୁ ବଦନାମ କରିବା ପାଇଁ କୁତ୍ସିତ ପ୍ରୟାସ କଲେ। ଏହା ନିନ୍ଦନୀୟ। ସେହପିରି ନବୀନଙ୍କୁ ଶାସନକୁ ଟାର୍ଗେଟ କରି କେନ୍ଦ୍ର ଗୃହ ମନ୍ତ୍ରୀ କହିଛନ୍ତି, ୨ ଦଶନ୍ଦି ଧରି ଓଡ଼ିଶାର ବିକାଶ ଠପ ହୋଇଯାଇଥିଲା। ଏହି ୫ ବର୍ଷରେ ୨୦



ବର୍ଷର କ୍ଷତିକୁ ପୂରଣ କରିବୁ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ଶାହ। ଜନାଦେଶକୁ ଜନତାଙ୍କ ଦୁର୍ବଳତା ଭାବୁଥିଲେ ଏବେ ଏହା ଦୁର୍ବଳତା ନୁହେଁ ଆଶୀର୍ବାଦ ବୋଲି ସେ କହିଛନ୍ତି। ବିଗତ ଦୁଇ ଦଶନ୍ଧି ଧରି ଓଡ଼ିଶାରେ କ୍ଷମତାସୀନ ଥିବା ନବୀନ ପଟ୍ଟନାୟକ ସରକାର ଜନସାଧାରଣଙ୍କ ସେବା କରିବା ପରିବର୍ତ୍ତେ ଜନାଦେଶକୁ ଲୋକଙ୍କ 'ବାଧବାଧକତା' ବୋଲି ଭାବୁଥିଲେ। ନା ସେମାନେ ସମବାୟ କ୍ଷେତ୍ର ପାଇଁ କିଛି ପଦକ୍ଷେପ ନେଲେ ନା ଦୁଗ୍ଧ ଚାଷୀ ଓ କୃଷକଙ୍କ ପାଇଁ କୌଣସି ଯୋଜନା କଲେ। ଯୋଜନାବଦ୍ଧ ଭାବେ ଓଡ଼ିଶାର ଗ୍ରାମାଞ୍ଚଳର ଅର୍ଥନୀତିକୁ ପଙ୍ଗୁ କରିଦିଆଯାଇଛି। ଏଭଳି କିଛି ଢଙ୍ଗରେ କଡ଼ା ଭାଷାରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ସିଧାସଳଖ ଟାର୍ଗେଟ୍ କରିଛନ୍ତି ବିଜେପି ଚାଣକ୍ୟ ତଥା କେନ୍ଦ୍ର ଗୃହ ଓ ସହକାରିତା ମନ୍ତ୍ରୀ ଅମିତ୍ ଶାହ। ଦିନିକିଆ ଓଡ଼ିଶା ଗସ୍ତରେ ଆସି ବିଭିନ୍ନ ୩୨୭୫ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦଘାଟନ କରିବା ସହ ୬ଟି ପ୍ରକଳ୍ପ ପାଇଁ ଏମଓୟୁ ସ୍ୱାକ୍ଷରିତ ହୋଇଛି। ଏହାସହିତ ବିକଶିତ ଓଡ଼ିଶାର ବ୍ଲୁପ୍ରିଣ୍ଟ ଦେଇ ଶ୍ରୀ ଶାହ ରାଜ୍ୟରେ ବନ୍ଦ ପଡ଼ିଥିବା ସବୁ ବନ୍ଦ ପଡ଼ିଥିବା ଚିନି କଳ ଖୋଲିବା ଓ ଶ୍ୱେତ ବିପ୍ଳବ ପାଇଁ ସବୁ ପ୍ରକାରର ସହାୟତା ଯୋଗାଇ ଦେବା ନିମନ୍ତେ

➤ ପୃ-୬

### ବକ୍ରବାଣୀ



ନିଜର ଇଜ୍ଜତ ହାଟରେ ଥୋଇ
ନିତୀଶ ଚାଲିଲେ ଲଙ୍ଗଳା ହୋଇ
ସୁବିଧାବାଦରେ ନମ୍ବର ଏକ
ସହି ପାରିଲେନି ବିଜେପି ସେକ
ପଛମରାଙ୍କର ଅସଲ ଗୁରୁ
ରାଜ୍ୟସଭା ଯାଇ ଛେଲିବେ ସାରୁ
ଦାଢ଼ିଆ ପାଲରେ ପଡ଼ଇ ଯିଏ
ମୁଣ୍ଡେ ମାରି କର କାନ୍ଦଇ ସିଏ
ନବୀନ ଯେମିତି କାନ୍ଦୁଛି ଆଜି
ନିଜ କଲା କର୍ମ ହେଉଛି ହେଜି।

—— ଟୁଟୁ

### ଜନଗଣନା-୨୦୨୭ ପାଇଁ ଡିଜିଟାଲ୍ ଉପକରଣ ସହ ମାସ୍କଟ୍‌ର ଶୁଭାରମ୍ଭ

## ୨ ପର୍ଯ୍ୟାୟରେ ହେବ ବିଶ୍ୱର ସର୍ବବୃହତ୍ ଜନଗଣନା

**ନୂଆଦିଲ୍ଲୀ :** କେନ୍ଦ୍ର ଗୃହ ଏବଂ ସମବାୟ ମନ୍ତ୍ରୀ ଅମିତ ଶାହ ନୂଆଦିଲ୍ଲୀରେ ଆନୁଷ୍ଠାନିକ ଭାବରେ ୨୦୨୭ ଜନଗଣନା ପାଇଁ ଚାରୋଟି ଡିଜିଟାଲ୍ ଉପକରଣ ସହ ମାସ୍କଟ୍ - 'ପ୍ରଗତି' (ମହିଳା) ଏବଂ 'ବିକାଶ' (ପୁରୁଷ) ଉନ୍ମୋଚନ କରିଛନ୍ତି। ସେଣ୍ଟର ଫର ଡେଭଲପମେଣ୍ଟ ଅଫ୍ ଆଡଭାନ୍ସଡ୍ କମ୍ପ୍ୟୁଟିଂ (ସି-ଡିଏସି) ସାରା ଦେଶରେ ଗଣନା କାର୍ଯ୍ୟକୁ ସହଜ କରିବା ପାଇଁ ଉନ୍ନତ ଡିଜିଟାଲ୍ ପ୍ଲାଟଫର୍ମ ବିକଶିତ କରିଛି। ଏହି ଅବସରରେ କେନ୍ଦ୍ର ଗୃହ ସଚିବ ଏବଂ ଭାରତର ରେଜିଷ୍ଟ୍ରାର ଜେନେରାଲ ତଥା ଜନଗଣନା କମିଶନରଙ୍କ ସମେତ ଅନେକ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। କେନ୍ଦ୍ର ସରକାର ଜୁନ୍ ୧୬, ୨୦୨୫ରେ ଜନଗଣନା ୨୦୨୭ ପାଇଁ ଏକ ଗେଜେଟ୍ ବିଜ୍ଞପ୍ତି ଜାରି କରିଥିଲେ। ଏହା ପରେ, ଜନଗଣନା ୨୦୨୭ ପ୍ରକ୍ରିୟା ଆନୁଷ୍ଠାନିକ ଭାବରେ ଆରମ୍ଭ ହୋଇଥିଲା। ଦୁଇ ପର୍ଯ୍ୟାୟ ଜନଗଣନା ୨୦୨୭ ହେଉଛି ବିଶ୍ୱର ସର୍ବବୃହତ ଜନଗଣନା ପ୍ରୟାସ। ପ୍ରଥମ ଥର ପାଇଁ, ଜନଗଣନା ଡିଜିଟାଲ୍ ଭାବରେ କରାଯିବ, ଏବଂ ପ୍ରଥମ ଥର ପାଇଁ, ସ୍ୱୟଂ-ଗଣନାର ବିକଳ୍ପ ମଧ୍ୟ ପ୍ରଦାନ କରାଯାଉଛି। 'ପ୍ରଗତି' (ମହିଳା ଗଣନାକାରୀ) ଏବଂ 'ବିକାଶ' (ପୁରୁଷ ଗଣନାକାରୀ) ମାସ୍କଟକୁ ଜନଗଣନା-୨୦୨୭ର ବନ୍ଧୁତ୍ୱପୂର୍ଣ୍ଣ, ସମ୍ପର୍କଯୁକ୍ତ ଚେହେରା ଭାବେ ଉନ୍ମୋଚନ କରାଯାଇଥିଲା। ୨୦୪୭ ମସିହା ସୁଦ୍ଧା ଭାରତକୁ ଏକ ବିକଶିତ



ରାଷ୍ଟ୍ରରେ ପରିଣତ କରିବାର ସଂକଳ୍ପକୁ ପୂରଣ କରିବାରେ ମହିଳା ଏବଂ ପୁରୁଷଙ୍କ ସମାନ ଅଂଶଗ୍ରହଣର ପ୍ରତୀକ ମଧ୍ୟ ଏହି ମାସ୍କଟ୍। ଏହି ମାସ୍କଟ୍ ମାଧ୍ୟମରେ, ୨୦୨୭ ଜନଗଣନା ସମ୍ବନ୍ଧୀୟ ସୂଚନା, ଉଦ୍ଦେଶ୍ୟ ଏବଂ ପ୍ରମୁଖ ବାର୍ତ୍ତା ସମାଜର ବିଭିନ୍ନ ବର୍ଗରେ ଏକ ପ୍ରଭାବଶାଳୀ ଏବଂ ନାଗରିକ ଅନୁକୂଳ ଢଙ୍ଗରେ ପ୍ରସାରିତ ହେବ। ୨୦୨୭ ଜନଗଣନା ଡିଜିଟାଲ ଉପକରଣ ବ୍ୟବହାର କରି କରାଯାଇଥିବା ଭାରତର ପ୍ରଥମ ଜନଗଣନା ହେବ। କେନ୍ଦ୍ରଗୃହମନ୍ତ୍ରୀଙ୍କ ଦ୍ୱାରା ଶୁଭାରମ୍ଭ ହୋଇଥିବା ଚାରୋଟି ଡିଜିଟାଲ ପ୍ଲାଟଫର୍ମ ହେଉଛି: ହାଉସଲିଷ୍ଟିଂ ବ୍ଲକ୍ କ୍ରିଏଟର୍ (ଏଚ୍.ଏଲ୍.ବି.ସି.) ୱେବ୍ ଆପ୍ଲିକେସନ୍: ଏକ ୱେବ୍-ମ୍ୟାପ୍ ଆପ୍ଲିକେସନ୍ ଯାହା ଦାୟିତ୍ୱରେ ଥିବା ଅଫିସରମାନଙ୍କୁ ସାଟେଲାଇଟ୍ ଚିତ୍ର ବ୍ୟବହାର କରି ଡିଜିଟାଲ୍ ଭାବରେ ଘର ତାଲିକା ବ୍ଲକ୍ ସୃଷ୍ଟି କରିବାକୁ ସକ୍ଷମ କରିଥାଏ, ଯାହା ସାରା ଦେଶରେ ମାନକ ଭୌଗୋଳିକ କଭରେଜ୍ ନିଶ୍ଚିତ କରେ। ଏଚ.ଏଲ.ଓ. ମୋବାଇଲ ଆପ୍ଲିକେସନ: ଗଣନାକାରୀମାନଙ୍କ ପାଇଁ ଘର ତାଲିକା ତଥ୍ୟ ସଂଗ୍ରହ ଏବଂ ଅପଲୋଡ କରିବା ପାଇଁ ଏକ ସୁରକ୍ଷିତ ଅଫଲାଇନ ମୋବାଇଲ ଆପ୍ଲିକେସନ। କେବଳ ସି.ଏମ୍.ଏସ୍. ପୋର୍ଟାଲରେ ପଞ୍ଜୀକୃତ ଗଣନାକାରୀମାନେ ଏହି ଆପ୍ଲିକେସନ୍ ବ୍ୟବହାର କରିପାରିବେ। ଏହି ଆପ୍ ପାରମ୍ପରିକ କାଗଜପତ୍ର କାର୍ଯ୍ୟକୁ ସମାପ୍ତ କରି ସିଧାସଳଖ ଫିଲ୍ଡ-ଟୁ-ସର୍ଭର ଡାଟା ଟ୍ରାନ୍ସମିଶନକୁ ସକ୍ଷମ କରେ। ସମସ୍ତ ଗୃହ ତାଲିକା ତଥ୍ୟ ଏହି ଆପ୍ ମାଧ୍ୟମରେ ସଂଗ୍ରହ କରାଯିବ, ଯାହା କେବଳ ପଞ୍ଜୀକୃତ ମୋବାଇଲ୍ ନମ୍ବର ବ୍ୟବହାର କରି

➤ ପୃ-୬

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

**ମେଷ** — ଖରାପ ଅଭ୍ୟାସ ବନ୍ଦ କରିବା ଯୋଗୁଁ ସ୍ୱାସ୍ଥ୍ୟରେ ଉନ୍ନତି ହେବ। ଇଚ୍ଛା ଅନୁରୂପ ଫଳ / ଅର୍ଥ ପ୍ରାପ୍ତି ହେବନାହିଁ। ଘରକୁ ନୂଆ ଅତିଥି ଆସିବାରୁ ପୁରୁଣା ବନ୍ଧୁଙ୍କ ସାକ୍ଷାତ ହୋଇପାରେ। ଛାତ୍ରମାନଙ୍କ ପାଇଁ ସମୟ ଉତ୍ତମ।

**ବୃଷ** — ପୂର୍ବ ଅପେକ୍ଷା ସ୍ୱାସ୍ଥ୍ୟ ଭଲ ରହିବ। ଅନେକ ଦିଗରୁ ଅର୍ଥର ଆଗମନ ହେବ। କୌଣସି ଶୁଭ ଖବର ପାଇପାରନ୍ତି। ଇଚ୍ଛା ଅନୁସାରେ କାର୍ଯ୍ୟକ୍ଷେତ୍ରରେ ମତ ରଖିପାରିବେ ନାହିଁ। ଛାତ୍ରମାନଙ୍କ ଆତ୍ମବିଶ୍ୱାସ କମ୍ ରହିବ।

**ମିଥୁନ** — ସ୍ୱାସ୍ଥ୍ୟ ଉତ୍ତମ ରହିବ। ଆର୍ଥିକ ଦିଗ ସାଧାରଣରୁ ମଧ୍ୟମ ରହିବ। ସାମାଜିକ କାର୍ଯ୍ୟରେ ଲିପ୍ତ ରହିବେ। କାର୍ଯ୍ୟକ୍ଷେତ୍ରରେ କୌଣସି କାଗଜପତ୍ର ହଜିଯାଇପାରେ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ସଫଳ ହେବେ।

**କର୍କଟ** — ଅନେକ ଗୁଡିଏ ଗୁରୁତ୍ୱପୂର୍ଣ୍ଣ ନିର୍ଣ୍ଣୟ ନେବାକୁ ପଡିପାରେ। ସେଥିପାଇଁ ମନଚିନ୍ତା ଗ୍ରସ୍ତ ରହିବ। ଋଣଗ୍ରସ୍ତ ହୋଇପାରନ୍ତି। ଏକା ଏକା ରହିବା ପାଇଁ ଇଚ୍ଛା କରିବେ। ଛାତ୍ରମାନଙ୍କ ସମସ୍ୟା ବଢ଼ିବ।

**ସିଂହ** — ମାନସିକ ଅଶାନ୍ତି ବଢ଼ିବ। ଅର୍ଥପ୍ରାପ୍ତିର ଅନେକ ଦିଗ ଖୋଲିବ। ହଠାତ୍ ଅତିଥିଙ୍କ ଆଗମନ ହୋଇପାରେ। ଛାତ୍ରମାନେ ସଫଳତାର ସ୍ୱାଦ ପାଇବେ। ପ୍ରେମୀ ଯୁଗଳ ଜଣେ ଅନ୍ୟ ଜଣକ ପ୍ରତି ଅଧିକ ସମର୍ପିତ ହେବେ।

**କନ୍ୟା** — ଶାରୀରିକ ଓ ମାନସିକ ଶାନ୍ତି ମିଳିବ। ଆର୍ଥିକ ସଙ୍କଟ ଦୂର ହେବ। ସଞ୍ଚୟ କରିବେ। ଘରରୁ କୌଣସି ଦ୍ରବ୍ୟ ଭାଙ୍ଗି ପାରେ ବା ହଜିଯାଇପାରେ। ବିଦ୍ୟାର୍ଥୀ ମାନଙ୍କ ପାଇଁ ସମୟ ଅନୁକୂଳ। ପ୍ରେମିକଙ୍କ ସହ ମନମାଳିନ୍ୟ ହେବ।

**ତୁଳା** — ଅନେକ ଦିନରୁ ଇଚ୍ଛା କରୁଥିବା କାର୍ଯ୍ୟ ଏ ସପ୍ତାହରେ କରିବେ। କାହାକୁ ଉଧାର ଦିଅନ୍ତୁ ନାହିଁ କି ନିଅନ୍ତୁ ନାହିଁ। ଅସୁବିଧାରେ ପଡିବେ। ଛାତ୍ରମାନଙ୍କ ବହୁତ ଏକା ଏକା ଅନୁଭବ କରିବେ। ପ୍ରେମୀ ଜୀବନ ଭଲ ରହିବ।

**ବିଛା** — ଘରର ଖାଦ୍ୟ ଖାଆନ୍ତୁ। ଧନ ସଞ୍ଚୟ ହୋଇପାରିବ ନାହିଁ। ଘରର କୌଣସି ମହିଳା ସଦସ୍ୟଙ୍କ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବ। ଛାତ୍ରମାନଙ୍କ ସମୟ ଶୁଭ। ଜୀବନସାଥୀଙ୍କ ଅଦରକାରୀ ବସ୍ତୁ ଦାବି କରିପାରନ୍ତି।

**ଧନୁ** — ପୁରୁଣା ବେମାରୀରୁ ମୁକ୍ତ ମିଳିବ। ବ୍ୟବସାୟରେ ଏବେର ଅର୍ଥ ବିନିଯୋଗ, ଭବିଷ୍ୟତରେ ଲାଭ ହେବ। ନୂତନ କାର୍ଯ୍ୟ ଆରମ୍ଭ ପାଇଁ ସମୟ ଅନୁକୂଳ। ଛାତ୍ର ପାଠ ଛାଡି ଅନ୍ୟ କାମରେ ମନଦେବେ।

**ମକର** — ସ୍ୱାସ୍ଥ୍ୟ ସମସ୍ୟା ଯଥା ଆଖି କାନର ସଂକ୍ରମଣ ହୋଇପାରେ। ସଞ୍ଚୟରେ ସଫଳ ହେବେ। କାର୍ଯ୍ୟକ୍ଷେତ୍ରରେ ଉତ୍ଥାନ ପତନ ଦେଖାଦେବ। ଛାତ୍ରମାନେ ଯୋଜନା କରି ଆଗକୁ ଯାଆନ୍ତୁ।

**କୁମ୍ଭ** — କାର୍ଯ୍ୟକ୍ଷେତ୍ରରେ ଦାୟିତ୍ୱରେ ଯାତ୍ରା କରିପାରନ୍ତି। ଆୟର ଅନେକ ଦିଗ ଦେଖା ଦେବ। କାର୍ଯ୍ୟକ୍ଷେତ୍ରରେ ପ୍ରତିବନ୍ଧକ ଦେଖା ଦେବ। ପ୍ରେମୀମାନେ ବିପରୀତ ଲିଙ୍ଗର ଲୋକଙ୍କୁ ଆକର୍ଷିତ କରିପାରିବେ। ପରିବାରରେ ଶାନ୍ତି ବଜାୟ ରହିବ।

**ମୀନ** — ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ। କୌଣସି ଗୋଟିଏ ଆର୍ଥିକ ଦିଗରେ ବଡ ଲାଭ ହେବ। ନୂଆ ଘର ଓ ସାମାନ କିଣିବାର ଯୋଜନା କରିବେ। ପରିବାରର ବଡ ଲୋକଙ୍କ ସହଯୋଗ ମିଳିବ। ଛାତ୍ରମାନେ ଗୁରୁଜନଙ୍କ ବାକ ତର୍କ କରିପାରନ୍ତି।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

ତୃଣମୂଳର ଭୋଟ୍‌ବ୍ୟାଙ୍କକୁ ଖାଇଲା ଏସ୍‌ଆଇଆର

# ମହିଳା ଓ ସଂଖ୍ୟାଲଘୁ ଏକୀକରଣକୁ ଗୁରୁତ୍ୱ

**କୋଲକାତା :** ପଶ୍ଚିମବଙ୍ଗରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର) ଟିଏମ୍‌ସିର ଭୋଟ୍‌ବ୍ୟାଙ୍କକୁ କ୍ଷତି ପହଞ୍ଚାଉଛି। ଏହା ବିଧାନସଭା ନିର୍ବାଚନ ପୂର୍ବରୁ ମୁସଲମାନବହୁଳ ଅଞ୍ଚଳ ଏବଂ ୨୪ ପ୍ରଗଣାର ଦୁଇଟି ଗୁରୁତ୍ୱପୂର୍ଣ୍ଣ ଜିଲ୍ଲାକୁ ପ୍ରଭାବିତ କରିଛି, ଯଦିଓ ଶାସକ ଦଳ ଅଧିକ ଭୋଟ୍ ପାଇବା ପାଇଁ ବଙ୍ଗାଳୀ ଗର୍ବ ଏବଂ ମହିଳା ଓ ସଂଖ୍ୟାଲଘୁ ଏକୀକରଣ ଉପରେ ଜୋର ଦେଉଛି। ଭୋଟର ତାଲିକା ସଂଶୋଧନର ଗଭୀର ପ୍ରଭାବ ଉତ୍ତର ୨୪ ପ୍ରଗଣା, ଦକ୍ଷିଣ ୨୪ ପ୍ରଗଣା, ମୁର୍ଶିଦାବାଦ, ମାଲଦା, ଉତ୍ତର ଦିନାଜପୁର ଏବଂ ଦକ୍ଷିଣ ଦିନାଜପୁରରେ ରହିଛି। ଏହି ଛଅଟି ଜିଲ୍ଲାରେ ୧୦୦ରୁ ଅଧିକ ବିଧାନସଭାଆସନ ରହିଛି, ଯେଉଁଥିରେ କେବଳ ଦୁଇଟି ୨୪ ପ୍ରଗଣାରେ ୬୪ଟି ଆସନ ରହିଛି। ଏହି ଜିଲ୍ଲାଗୁଡ଼ିକ ମଧ୍ୟ ୨୦୧୧ ମସିହାରୁ ଟିଏମ୍‌ସି ଆଧିପତ୍ୟର କେନ୍ଦ୍ରବିନ୍ଦୁ ପାଲଟିଛି। ୨୦୨୧ ବିଧାନସଭା ନିର୍ବାଚନରେ ଦଳ ସମସ୍ତ ଛଅଟି ଆସନରେ ବିଜୟୀ ହୋଇଥିଲା। କେବଳ ମୁର୍ଶିଦାବାଦରେ ୧୧ ଲକ୍ଷରୁ ଅଧିକ ଭୋଟର ବିଚାରାଧୀନ ଅଛନ୍ତି, ଯାହା ରାଜ୍ୟରେ ସର୍ବାଧିକ ଏବଂ ମାଲଦାରେ ପ୍ରାୟ ୮.୩ ଲକ୍ଷ ଭୋଟର ବିଚାରାଧୀନ ଅଛନ୍ତି। ରାଜନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଉତ୍ତର ୨୪ ପ୍ରଗଣାରେ ପ୍ରାୟ ୫.୯ ଲକ୍ଷ ଭୋଟର ଯାଞ୍ଚରେ ଥିବାବେଳେ ଦକ୍ଷିଣ ୨୪



ପ୍ରଗଣାରେ ପ୍ରାୟ ୫.୨ ଲକ୍ଷ ମାମଲା ରହିଛି। ଏହି ଜିଲ୍ଲାଗୁଡ଼ିକରେ ପ୍ରାୟ ୨୩ ଲକ୍ଷ ଲୋକଙ୍କ ନାମ କଟିବା ସମ୍ଭାବନା ରହିଛି। ଉତ୍ତର ଓ ଦକ୍ଷିଣ ୨୪ ପ୍ରଗଣା ଉପରେ ନିୟନ୍ତ୍ରଣ ପ୍ରାୟତଃ ସ୍ଥିର କରେ ଯେ କିଏ ବଙ୍ଗଳାକୁ ଶାସନ କରିବେ। ଯଦି ଏହି ପାଞ୍ଚଟି ଜିଲ୍ଲାରେ ଦଳର ସଂଖ୍ୟା ହ୍ରାସ ପାଏ, ତେବେ ଏହା ଦଳ ପାଇଁ ଏକ ଚ୍ୟାଲେଞ୍ଜ ହୋଇପାରେ। ଆମେ ଜାଣୁ ଯେ ଏହି ଚ୍ୟାଲେଞ୍ଜକୁ କିପରି ବିଜୟରେ ପରିଣତ କରାଯିବ ବୋଲି ଟିଏମ୍‌ସିର ଜଣେ ନେତା କହିଛନ୍ତି। ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାର ପରିଣାମ ସ୍ୱରୂପ ୬୩.୬୬ ଲକ୍ଷ ଭୋଟରଙ୍କୁ ବାଦ୍ ଦିଆଯାଇଥିଲା। ସଂଶୋଧନ ପୂର୍ବରୁ ୭.୬୬ କୋଟି ଥିବା ମତଦାତା ସଂଖ୍ୟା ବର୍ତ୍ତମାନ ୭.୦୪ କୋଟିକୁ ହ୍ରାସ ପାଇଛି। ଅନ୍ୟ ୬୦.୦୬ ଲକ୍ଷ ଭୋଟରଙ୍କ ବିଚାର ଚାଲିଛି, ସେମାନେ ଦସ୍ତାବିଜ ଯାଞ୍ଚ ପାଇଁ ଅପେକ୍ଷା କରିଛନ୍ତି।

## ଭାରତର ଆଶା ବଢ଼ିଲା !

**ନୂଆଦିଲ୍ଲୀ :** ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ତଥା ବ୍ୟସ୍ତବହୁଳ ପଣ୍ୟବାହୀ ଜଳପଥ ହର୍ମୁଜ ପ୍ରଣାଳୀକୁ ନେଇ ବଡ଼ ଖବର ସାମ୍ନାକୁ ଆସିଛି। ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଯୋଗୁ ଇରାନ ଏହି ପ୍ରମୁଖ ଜଳମାର୍ଗକୁ ବନ୍ଦ କରିଥିବା ଘୋଷଣା କରିଥିଲା। ସେହିପରି ଏହି ମାର୍ଗକୁ ଅତିକ୍ରମ କରିବାକୁ ଚେଷ୍ଟା କରୁଥିବା ଜାହାଜଗୁଡ଼ିକୁ ଜାଳି ଦିଆଯିବ ବୋଲି ଚେତାବନୀ ଦେଇଥିଲା। ଏପରି କି ୭ଟି ଜାହାଜ ଉପରେ ମଧ୍ୟ ଇରାନ ଆକ୍ରମଣ କରି ନିଜ କ୍ରୋଧ ଜାହାରି କରିଛି। ଇରାନର ଆକ୍ରମଣାତ୍ମକ ଆଭିମୁଖ୍ୟ ଯୋଗୁ ହଜାର ହଜାର ଜାହଜ ହର୍ମୁଜ ପ୍ରଣାଳୀରେ ଉଭୟ ପଟେ ଅଟକିଛି। ଭାରତୀୟ ଜାହାଜଗୁଡ଼ିକ ମଧ୍ୟ ଏହି ଲମ୍ୱା ଲାଇନରେ ରହିଛନ୍ତି। କିନ୍ତୁ ଭାରତକୁ ଆଶ୍ୱସ୍ତ କରିବା ଭଳି ଘୋଷଣା କରିଛି ଇରାନ। ଭାରତୀୟ ଜାହାଜଗୁଡ଼ିକ ପାଇଁ ହର୍ମୁଜ ପ୍ରଣାଳୟୀ ବନ୍ଦ ହୋଇ ନଥିବା ଇରାନର ଆଇଆରଜିସି ପରୋକ୍ଷରେ କହିଛି। ଆଇଆରଜିସିର କହିବା କଥା ଯେ ହର୍ମୁଜ ପ୍ରଣାଳୀକୁ ନିର୍ଦ୍ଦିଷ୍ଟ ଭାବେ କେବଳ ଆମେରିକା, ଇସ୍ରାଏଲ, ୟୁରୋପ ଓ ସେମାନଙ୍କ ପଶ୍ଚିମ ସହଯୋଗୀ ଦେଶଗୁଡ଼ିକ ପାଇଁ ବନ୍ଦ କରାଯାଇଛି। ଅନ୍ୟ କୌଣସି ଦେଶ ପାଇଁ ହର୍ମୁଜ ପ୍ରଣାଳୀକୁ ଇରାନ ବନ୍ଦ କରି ନଥିବା ଆଇଆରଜିସି ସ୍ପଷ୍ଟ କରିଛି। ଇରାନର ଆଇଆରଆଇବି ଜରିଆରେ ପୂରା ବିଶ୍ୱକୁ ଏସମ୍ପର୍କରେ ଅବଗତ କରାଯାଇଛି। ଆଇଆରଜିସି କହିଛି ଯେ ଅନ୍ତର୍ଜାତୀୟ ଆଇନ ଓ ପ୍ରମୁଖ ସଂକଳ୍ପ ଜରିଆରେ ଇସଲାମିକ ରିପବ୍ଲିକ ଅଫ ଇରାନ ଯୁଦ୍ଧ ସମୟରେ ହର୍ମୁଜ ପ୍ରଣାଳୀର ଗତିବିଧିକୁ ନିୟନ୍ତ୍ରଣ କରିବାର ଅଧିକାର ପାଇଛି।

## ଭାରତ ଉପରେ ଇରାନ ଯୁଦ୍ଧର ପ୍ରଭାବ !

**ନୂଆଦିଲ୍ଲୀ :** ଇରାନ ଉପରେ ଇସ୍ରାଏଲ ଏବଂ ଆମେରିକୀୟ ଆକ୍ରମଣ ଏବଂ ତେହେରାନର ପ୍ରତିଶୋଧମୂଳକ କାର୍ଯ୍ୟ କେବଳ ମଧ୍ୟପ୍ରାଚ୍ୟର ବାତାବରଣକୁ ଉଷ୍ମ କରିନାହିଁ। ଏହା ସମଗ୍ର ବିଶ୍ୱକୁ ପ୍ରଭାବିତ କରିଛି। ଭାରତ ମଧ୍ୟ ଏହାର ବ୍ୟତିକ୍ରମ ନୁହେଁ। ବିଶ୍ୱାୟନର ଏହି ଯୁଗରେ, ସମସ୍ତ ଦେଶ ପରସ୍ପର ସହିତ ଜଡିତ। ତେଣୁ, ଗୋଟିଏ ଦେଶରେ ଯେକୌଣସି ଭଲ କିମ୍ୱା ଖରାପ କାର୍ଯ୍ୟ ଅନ୍ୟମାନଙ୍କୁ ପ୍ରଭାବିତ କରେ। ଏହି ପରିପ୍ରେକ୍ଷୀରେ, ଇରାନ ସହିତ ଯୁଦ୍ଧ ଭାରତରେ ଅନେକ ସାମଗ୍ରୀର ମୂଲ୍ୟ ବୃଦ୍ଧି କରିଛି, ଯାହା ଆପଣଙ୍କ ପକେଟକୁ ପ୍ରଭାବିତ କରିବ। ଏହି ଯୁଦ୍ଧ ଭଳି ପରିବେଶରେ, ସୁନା ଏବଂ ରୂପା ମୂଲ୍ୟ ବୃଦ୍ଧି ପାଇଛି। ୧ ମାର୍ଚ୍ଚ, ୨୦୨୬ ରେ, ଘରୋଇ ବଜାରରେ ସୁନା ପ୍ରତି ୧୦ ଗ୍ରାମ ୧.୭୩ ଲକ୍ଷର ରେକର୍ଡ ସ୍ତରରେ ପହଞ୍ଚିଥିଲା। ରୂପା ମୂଲ୍ୟ ମଧ୍ୟ ପ୍ରତି କିଲୋଗ୍ରାମ ୨.୯୦ ଲକ୍ଷ ପାଖାପାଖି ପହଞ୍ଚିଥିଲା। ତଥାପି, ଗତ ଚାରି ଅଧିବେଶନରେ ମୂଲ୍ୟ ସାମାନ୍ୟ ହ୍ରାସ ପାଇଛି। ଯୁଦ୍ଧ ଦେଶର ସେରାମିକ ଶିଳ୍ପକୁ ମଧ୍ୟ ପ୍ରଭାବିତ କରିଛି। ପରିସ୍ଥିତି ଏପରି ହୋଇଛି ଯେ ଉପସାଗରୀୟ ଦେଶଗୁଡ଼ିକରେ ଯୁଦ୍ଧ ଭଳି ପରିସ୍ଥିତି ଯୋଗୁ ଗ୍ୟାସ ଯୋଗାଣ ବାଧାପ୍ରାପ୍ତ ହେବା ଯୋଗୁ ଗୁଜରାଟର ମୋର୍ବିରେ ସେରାମିକ ଶିଳ୍ପ ଆଗାମୀ କିଛି ଦିନ ମଧ୍ୟରେ ବନ୍ଦ ହେବାକୁ ବସିଛି। ସେରାମିକ ଶିଳ୍ପକୁ ଚୁଲି ଜଳାଇବା ଠାରୁ ଆରମ୍ଭ କରି ମାଟି ଶୁଖାଇବା ପର୍ଯ୍ୟନ୍ତ ସବୁକିଛି ପାଇଁ ପ୍ରଚୁର ପରିମାଣର ପ୍ରୋପେନ କିମ୍ୱା ପ୍ରାକୃତିକ



ଗ୍ୟାସ ଆବଶ୍ୟକ ହୁଏ। ପ୍ରକୃତରେ, ଇରାନ-ଇସ୍ରାଏଲ ଉତ୍ତେଜନା ଯୋଗୁ, ଅଶୋଧିତ ତୈଳ ମୂଲ୍ୟ ମହଙ୍ଗା ହୋଇଛି, ଫଳରେ ଜୈବ ଇନ୍ଧନ ଉତ୍ପାଦନ ପାଇଁ ପାମ ଏବଂ ସୋୟାବିନ ତେଲ ଅଧିକ ବ୍ୟବହୃତ ହେଉଛି। ଏହା ଫଳରେ ରନ୍ଧନ ତେଲର ଯୋଗାଣ ହ୍ରାସ ହେଉଛି, ଯାହା ଏହାର ମୂଲ୍ୟ ବୃଦ୍ଧି କରୁଛି। ଏହା ବ୍ୟତୀତ, ଯୁଦ୍ଧ ଭଳି ପରିସ୍ଥିତିରେ, ପରିବହନ ଏବଂ ସାମଗ୍ରୀ ବଜାରରେ ବୃଦ୍ଧି ପାଇଥିବା ଅସ୍ଥିରତା ଅନ୍ତର୍ଜାତୀୟ ବାଣିଜ୍ୟକୁ ଧୀର କରିଦିଏ, ଯାହା ଫଳରେ ଷ୍ଟକ ଅଭାବ ଦେଖାଦିଏ। ଉଲ୍ଲେଖନୀୟ ଯେ ମାର୍ଚ୍ଚ ୫ଠାରୁ, ଅନେକ ସାମୁଦ୍ରିକ ବୀମା କମ୍ପାନୀ ଏହି ଅଞ୍ଚଳ ପାଇଁ ଯୁଦ୍ଧ ବିପଦ କଭରେଜ ପ୍ରଦାନ କରିବା ବନ୍ଦ କରିଦେଇଛନ୍ତି। ଫଳସ୍ୱରୂପ, ଏହି ଅଞ୍ଚଳ ଦେଇ ପରିବହନ କରିବା କେବଳ ମହଙ୍ଗା ନୁହେଁ ବରଂ ଜାହାଜ ପାଇଁ ବିପଦପୂର୍ଣ୍ଣ ମଧ୍ୟ।

## ସାମରିକ ଶକ୍ତି ପ୍ରତ୍ୟେକ ସମସ୍ୟାର ସମାଧାନ ନୁହେଁ : ପ୍ରଧାନମନ୍ତ୍ରୀ



**ନୂଆଦିଲ୍ଲୀ :** ଇରାନ-ଆମେରିକା ଓ ଇସ୍ରାଏଲ ଯୁଦ୍ଧ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଶ୍ୱକୁ ଏକ ବାର୍ତ୍ତା ଦେଇଛନ୍ତି। ସେ କହିଛନ୍ତି, କେବଳ ସାମରିକ ଶକ୍ତି ପ୍ରତ୍ୟେକ ସମସ୍ୟାର ସମାଧାନ କରିପାରିବ ନାହିଁ। ସେ ସ୍ପଷ୍ଟ କରିଥିଲେ ଯେ ସାମରିକ କାର୍ଯ୍ୟାନୁଷ୍ଠାନ ନୁହେଁ, ଶାନ୍ତି ଏବଂ ଆଲୋଚନା ହିଁ ଆଗକୁ ବଢ଼ିବାର ପଥ। ପ୍ରଧାନମନ୍ତ୍ରୀ ମୋଦୀ ରୁଷ ଏବଂ ୟୁକ୍ରେନ, ଇରାନ, ଆମେରିକା ଏବଂ ଇସ୍ରାଏଲ ମଧ୍ୟରେ ଚାଲିଥିବା ବିବାଦ ସମ୍ପର୍କରେ ଏଭଳି ବିବୃତି ଦେଇଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ନିୟମ କାନୁନ୍, ଆଲୋଚନା ତଥା କୂଟନୀତି ଯେକୌଣସି ବିବାଦର ସମାଧାନର ଏକମାତ୍ର ରାସ୍ତା। ଗୁରୁବାର ଦିଲ୍ଲୀରେ ଫିନଲାଣ୍ଡ ରାଷ୍ଟ୍ରପତି ଆଲେକଜାଣ୍ଡାର ଷ୍ଟବ୍‌ଙ୍କ ସହ ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ସେ ଏହି ବିବୃତି ଦେଇଛନ୍ତି। ବିଶ୍ୱସ୍ତରୀୟ ଚ୍ୟାଲେଞ୍ଜ ବିଷୟରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ବିଶ୍ୱକୁ ଏବେ ପୁରୁଣା ବିଶ୍ୱସ୍ତରୀୟ ପ୍ରତିଷ୍ଠାନଗୁଡ଼ିକର ସଂସ୍କାରର ଅତ୍ୟନ୍ତ ଆବଶ୍ୟକତା ଅଛି। ସଂସ୍କାର କେବଳ ଆବଶ୍ୟକ ନୁହେଁ, ବରଂ ଏହା ବହୁତ ଶୀଘ୍ର କରାଯିବା ଆବଶ୍ୟକ। ସମସ୍ତ ପ୍ରକାରର ଆତଙ୍କବାଦକୁ ମୂଳୋତ୍ପାଟନ କରିବା ପାଇଁ ଆମର ମିଳିତ ପ୍ରତିବଦ୍ଧତା ରହିଛି। ସେ ଜାନୁଆରିରେ ୟୁରୋପୀୟ ସଂଘ ସହିତ ହୋଇଥିବା ଐତିହାସିକ ବାଣିଜ୍ୟ ଚୁକ୍ତିନାମା ବିଷୟରେ ଉଲ୍ଲେଖ କରି କହିଛନ୍ତି, ଅସ୍ଥିରତା ସମୟରେ ଭାରତ-ୟୁରୋପ ସମ୍ପର୍କ ଏକ ସୁବର୍ଣ୍ଣ ଯୁଗରେ ପ୍ରବେଶ କରୁଛି। ଉଭୟ ମହାଶକ୍ତି ବିଶ୍ୱ ସ୍ଥିରତା, ଅଭିବୃଦ୍ଧି ଏବଂ ସମୃଦ୍ଧି ପାଇଁ ନୂତନ ପ୍ରେରଣା ପ୍ରଦାନ କରୁଛନ୍ତି। ପ୍ରଧାନମନ୍ତ୍ରୀ ଫିନଲାଣ୍ଡ ସହିତ ରଣନୈତିକ ସହଭାଗୀତାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଦୁଇ ଦେଶ ଦ୍ୱିପାକ୍ଷିକ ସମ୍ପର୍କକୁ ନୂତନ ଉଚ୍ଚତାରେ ପହଞ୍ଚାଇବା ପାଇଁ ଅନେକ ଚୁକ୍ତି ସ୍ୱାକ୍ଷର କରିଥିବା ସେ ଦୋହରାଇଛନ୍ତି।

ଇରାନ-ଇସ୍ରାଏଲ ଯୁଦ୍ଧ

## ସଙ୍କଟରେ ୩୦୦ କୋଟିର ବାସୁମତୀ ଚାଉଳ ବ୍ୟବସାୟ

**ଇଟାୱା :** ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧର ପ୍ରଭାବ ଏବେ ଉତ୍ତରପ୍ରଦେଶର ଇଟାୱା ଜିଲ୍ଲାର ବାସୁମତୀ ଚାଉଳ ବାଣିଜ୍ୟ ଉପରେ ସ୍ପଷ୍ଟ ଭାବରେ ଦେଖାଯାଉଛି। ଏହି ଅଞ୍ଚଳର ଚାଉଳ ରପ୍ତାନିକାରୀଙ୍କ ପ୍ରାୟ ୨୫ ରୁ ୩୦ କୋଟି ଟଙ୍କାର ବାସୁମତୀ ଚାଉଳ ଗୁଜୁରାଟର ଗାନ୍ଧୀଧାମ ବନ୍ଦରରେ ଫସି ରହିଛି। ଯାହା ଫଳରେ ବ୍ୟବସାୟୀମାନେ ଯଥେଷ୍ଟ ଆର୍ଥିକ କ୍ଷତି ହେବାର ଆଶଙ୍କା କରୁଛନ୍ତି। ପ୍ରାୟ ୩୦୦ କୋଟି ଟଙ୍କାର ଏହି ବାର୍ଷିକ ବ୍ୟବସାୟ ବର୍ତ୍ତମାନ ଅନିଶ୍ଚିତତା ମଧ୍ୟରେ ରହିଛି। ଜିଲ୍ଲାରୁ ବାସୁମତୀ ଚାଉଳ ଇରାନ ଓ ଅନ୍ୟାନ୍ୟ ଉପସାଗରୀୟ ଦେଶଗୁଡ଼ିକୁ ରପ୍ତାନି କରାଯାଏ। ବର୍ତ୍ତମାନର ଅନ୍ତର୍ଜାତୀୟ ପରିସ୍ଥିତି ପରିବହନରେ ବାଧା ସୃଷ୍ଟି କରିଛି ତଥା ପେମେଣ୍ଟ ପ୍ରକ୍ରିୟାରେ ବିଳମ୍ବ ହେଉଛି। ଏନେଇ ବ୍ୟବସାୟୀଙ୍କ ଚିନ୍ତା ବଢ଼ିବାରେ ଲାଗିଛି। ରପ୍ତାନିକାରୀମାନେ କହିଛନ୍ତି ଯେ, ଯଦି ପରିସ୍ଥିତି ଶୀଘ୍ର ସ୍ୱାଭାବିକ ନ ହୁଏ, ତେବେ ସେମାନଙ୍କ ବ୍ୟବସାୟ ଗୁରୁତର ଭାବରେ



ପ୍ରଭାବିତ ହେବ। ଚାଉଳ ରପ୍ତାନିକାରୀ ଓ ଉତ୍ତର ପ୍ରଦେଶ ଚାଉଳ ମିଲର୍ସ ଆସୋସିଏସନର ରାଜ୍ୟ ସଭାପତି ଦୀପକ ଗୁପ୍ତା କହିଛନ୍ତି, ଆମର ବାସୁମତୀ ଚାଉଳ ଗୁଜୁରାଟର ଗାନ୍ଧୀଧାମ ବନ୍ଦରରେ ଲୋଡିଂ ପାଇଁ ଅପେକ୍ଷା କରିଛି। ଇରାନର ପରିସ୍ଥିତି ଖରାପ ହେଉଥିବାରୁ ପଠାଇବା କାର୍ଯ୍ୟ ବନ୍ଦ ରହିଛି। ଫଳରେ ଦେୟ ମଧ୍ୟ ବିଳମ୍ବିତ ହୋଇପାରେ ବୋଲି ଆଶଙ୍କା ସୃଷ୍ଟି ହୋଇଛି। ଯଦି ଶୀଘ୍ର ସମାଧାନ ନ ମିଳେ, ତେବେ ବ୍ୟବସାୟୀମାନେ ଆମେ ବହୁ କ୍ଷତି ସହିବୁ। ସେ କହିଛନ୍ତି, ଭର୍ଥନାର ବାସୁମତୀ ଚାଉଳର ଚାହିଦା ଇରାନ ଓ ଉପସାଗରୀୟ ଦେଶଗୁଡ଼ିକରେ ରହିଛି। କିନ୍ତୁ ବର୍ତ୍ତମାନର ପରିସ୍ଥିତି ରପ୍ତାନି ଉପରେ ଗୁରୁତର ପ୍ରଭାବ ପକାଉଛି। ବ୍ୟବସାୟୀମାନେ ସରକାରଙ୍କୁ ବିକଳ୍ପ ବଜାର ଯୋଗାଇବା ତଥା ଏକ ସୁରକ୍ଷିତ ରପ୍ତାନି ପ୍ରକ୍ରିୟା ସୁନିଶ୍ଚିତ କରିବାକୁ ଅନୁରୋଧ କରିଛନ୍ତି। ଅଞ୍ଚଳର ଚାଉଳ ବ୍ୟବସାୟୀମାନେ କହିଛନ୍ତି, ଆନ୍ତର୍ଜାତୀୟ ପରିସ୍ଥିତି ସ୍ୱାଭାବିକ ହେବା ପରେ ହିଁ ବାସୁମତୀ ଚାଉଳ ରପ୍ତାନି ବଢ଼ିବ। ବର୍ତ୍ତମାନ, ବ୍ୟବସାୟୀମାନେ ପରିସ୍ଥିତିରେ ଉନ୍ନତି ପାଇଁ ଅପେକ୍ଷା କରିଛନ୍ତି। ଏକ ଆକଳନ ଅନୁଯାୟୀ, ଏହି ବନ୍ଦର ମାଧ୍ୟମରେ ବାର୍ଷିକ ପ୍ରାୟ ୨୫ ହଜାର ମେଟ୍ରିକ୍ ଟନ୍ ବାସୁମତୀ ଚାଉଳ ଇରାନ, ୟେମେନ୍, ଓମାନ, ସାଉଦି ଆରବ ଓ ଅନ୍ୟାନ୍ୟ ଉପସାଗରୀୟ ଦେଶଗୁଡ଼ିକୁ ପଠାଯାଇଥାଏ। ଇରାନରେ ଚାଲିଥିବା ଯୁଦ୍ଧ ସମସ୍ତ ଦେଶର ସାମଗ୍ରୀ ପରିବହନକୁ ପ୍ରଭାବିତ କରୁଛି। ଯଦି ଯୁଦ୍ଧ ଦୀର୍ଘ ସମୟ ଧରି ଜାରି ରହିବ, ତେବେ ସମଗ୍ର ବ୍ୟବସାୟର କ୍ଷତି ହେବ। ଏହା ରପ୍ତାନିକାରୀଙ୍କ ମଧ୍ୟରେ ଯଥେଷ୍ଟ ଚିନ୍ତା ସୃଷ୍ଟି କରିଛି।

# ଆୟୁଷ୍ମାନ କାର୍ଡରେ କ'ଣ ମାଗଣା, କ'ଣ ନୁହେଁ ?

**ନୂଆଦିଲ୍ଲୀ :** ଭାରତ ସରକାରଙ୍କ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା (ପିଏମ୍‌ଜେଏୱାଇ) ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ପରିବାରଙ୍କ ପାଇଁ ଏକ ପ୍ରମୁଖ ଆଶ୍ୱସ୍ତି ପଲଟିଛି। ଏହି ଯୋଜନା ଅଧୀନରେ, ଯୋଗ୍ୟ ହିତାଧିକାରୀମାନେ ବାର୍ଷିକ ୫ ଲକ୍ଷ ପର୍ଯ୍ୟନ୍ତ ମାଗଣା ଚିକିତ୍ସା ପାଇପାରିବେ, ବିଶେଷକରି ଯେତେବେଳେ କୌଣସି ଗୁରୁତର ରୋଗ ପାଇଁ ହସ୍ପିଟାଲରେ ଭର୍ତ୍ତି ହେବା ଆବଶ୍ୟକ ହୁଏ। ଏପରି ସମୟରେ, ସରକାର ଚିକିତ୍ସାର ସମ୍ପୂର୍ଣ୍ଣ ଖର୍ଚ୍ଚ ବହନ କରନ୍ତି। ଯାହା ଫଳରେ ଗରିବ ପରିବାର ଉପରେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଖର୍ଚ୍ଚର ବୋଝ କମ୍ ହୋଇଥାଏ। ତଥାପି, ଆୟୁଷ୍ମାନ କାର୍ଡ ରହିବାର ଅର୍ଥ ନୁହେଁ ଯେ ସମସ୍ତ ପ୍ରକାରର ଚିକିତ୍ସା ମାଗଣା ହେବ। ଏହି ଯୋଜନା ମୁଖ୍ୟତଃ ହସ୍ପିଟାଲରେ ଭର୍ତ୍ତି ହେବା ପାଇଁ ପ୍ରଯୁଜ୍ୟ। ତଥାପି, ଅନେକ ସେବା ଏବଂ ଚିକିତ୍ସା ଅଛି ଯାହା ଏହି ଯୋଜନାରେ ଅନ୍ତର୍ଭୁକ୍ତ ନୁହେଁ। ତେଣୁ, ହସ୍ପିଟାଲକୁ ଯିବା ପୂର୍ବରୁ, ଏହି ଯୋଜନାରେ କେଉଁ ଖର୍ଚ୍ଚ କଭର ହୋଇଛି ଏବଂ କେଉଁଗୁଡ଼ିକ ନୁହେଁ ତାହା ଜାଣିବା ଗୁରୁତ୍ୱପୂର୍ଣ୍ଣ। ଯଦି ଜଣେ ରୋଗୀ କେବଳ ଡାକ୍ତରଙ୍କ ପାଖକୁ ଯାଆନ୍ତି ଏବଂ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଏ ନାହିଁ, ତେବେ ଏହାକୁ ଖର୍ଚ୍ଚାନ୍ତ ଚିକିତ୍ସା ଭାବରେ ବିବେଚନା କରାଯାଏ। ଏପରି ପରିସ୍ଥିତିରେ, ଔଷଧ ଏବଂ ନିୟମିତ ପରୀକ୍ଷାର ଖର୍ଚ୍ଚ ଆୟୁଷ୍ମାନ ଯୋଜନା ଅଧୀନରେ ବହନ କରାଯାଏ ନାହିଁ। ରୋଗୀଙ୍କୁ ଏହି ଖର୍ଚ୍ଚ ପାଇଁ ଦେୟ ଦେବାକୁ ପଡିବ। ଏହା ସହିତ, ଯଦି ଆପଣ ହସ୍ପିଟାଲରେ ଭର୍ତ୍ତି ନହୋଇ କେବଳ କିଛି ଟେଷ୍ଟ



କରିନ୍ତି, ତେବେ ଆପଣଙ୍କୁ ସେଗୁଡିକ ପାଇଁ ନିଜ ହାତରୁ ଟଙ୍କା ଦେବାକୁ ପଡ଼ିପାରେ। ତଥାପି, ଯଦି ଆପଣ ଡାକ୍ତରଙ୍କ ପରାମର୍ଶରେ ହସ୍ପିଟାଲରେ ଭର୍ତ୍ତି ହୋଇ ଚିକିତ୍ସା ନେଉଛନ୍ତି, ତେବେ ପରୀକ୍ଷାର ଖର୍ଚ୍ଚ ବହନ କରାଯାଇପାରେ। ସାଧାରଣ ଦୁର୍ବଳତା କିମ୍ୱା ଥକ୍କାପଣ ପାଇଁ ନିଆଯାଇଥିବା ଭିଟାମିନ୍ ଟନିକ୍ ଏବଂ ସପ୍ଲିମେଣ୍ଟର ଖର୍ଚ୍ଚ ମଧ୍ୟ ଏହି ଯୋଜନାରେ ଅନ୍ତର୍ଭୁକ୍ତ ନୁହେଁ। ଏହି ଯୋଜନାରେ କେବଳ ଗୁରୁତର ରୋଗ ପାଇଁ ଡାକ୍ତରଙ୍କ ଦ୍ୱାରା ନିର୍ଦ୍ଧାରିତ ସପ୍ଲିମେଣ୍ଟର ଖର୍ଚ୍ଚକୁ କଭର୍ କରାଯାଏ। ଆୟୁଷ୍ମାନ କାର୍ଡ ଯୋଜନାରେ କ୍ୟାଭିଟି ଫିଲିଂ, ଦାନ୍ତ ସଫା କରିବା, କିମ୍ୱା ନିୟମିତ ଦାନ୍ତ ଯାଞ୍ଚ ଭଳି ସାଧାରଣ ଚିକିତ୍ସା କଭର କରାଯାଇ ନାହିଁ। ତଥାପି, ଦୁର୍ଘଟଣା, ଟ୍ୟୁମର, ସିଷ୍ଟ କିମ୍ୱା କିଛି ବଡ଼ ରୋଗର ଆଘାତ ପାଇଁ ଚିକିତ୍ସା କଭର କରାଯାଇପାରେ। ଏହା ସହିତ, ଅନେକ ଲୋକ ପିତାମାତା ହେବା ପାଇଁ ଆଇଭିଏଫ୍‌ର ସାହାଯ୍ୟ ନିଅନ୍ତି। କେତେକ ଲୋକ ଭାବନ୍ତି ଯେ ଆଇଭିଏଫ୍ ଏବଂ ଅନ୍ୟାନ୍ୟ ପ୍ରଜନନ ପ୍ରଯୁକ୍ତିବିଦ୍ୟାର ଖର୍ଚ୍ଚ ଆୟୁଷ୍ମାନ ଭାରତ ଯୋଜନା ଅଧୀନରେ କଭର କରାଯିବ, କିନ୍ତୁ ଏହା ନୁହେଁ। ଆଇଭିଏଫ୍ ଏବଂ ଅନ୍ୟାନ୍ୟ ପ୍ରଜନନ ପ୍ରଯୁକ୍ତିବିଦ୍ୟାର ଖର୍ଚ୍ଚ ଆୟୁଷ୍ମାନ ଭାରତ ଯୋଜନାରେ ଅନ୍ତର୍ଭୁକ୍ତ ନୁହେଁ। ଏହି ଯୋଜନାରେ ପରିବାର-ବିସ୍ତାର ଚିକିତ୍ସା ମାଗଣାରେ ଉପଲବ୍ଧ ନୁହେଁ। ଏହି ଯୋଜନାରେ କସମେଟିକ୍ ସର୍ଜରୀ, ଲେଜର ଟାଟୁ ଅପସାରଣ, ଓଜନ ହ୍ରାସ ସର୍ଜରୀ, ବେକ ଲିଫ୍ଟ, ନାକ ସର୍ଜରୀ, ଟୀକାକରଣ କିମ୍ୱା ଟିକାକରଣ ଅନ୍ତର୍ଭୁକ୍ତ ନୁହେଁ। ଦୁଇ ବର୍ଷରୁ କମ୍ ବୟସର ପିଲାମାନଙ୍କ ପାଇଁ କେବଳ ଡାକ୍ତରୀ ଉପକରଣ ଏବଂ ସୁନ୍ନତ ଉପରେ ନିର୍ଭର କରୁଥିବା ଚିକିତ୍ସା ମଧ୍ୟ ଏହି ଯୋଜନାରେ ଅନ୍ତର୍ଭୁକ୍ତ ନୁହେଁ। ଆୟୁଷ୍ମାନ କାର୍ଡ ଯୋଜନା କେବଳ ଆର୍ଥିକ ଦୁର୍ବଳ ବର୍ଗଙ୍କ ପାଇଁ। ସରକାରୀ କର୍ମଚାରୀ, କରଦାତା, ଇଏସ୍‌ଆଇସି ହିତାଧିକାରୀ ଏବଂ ସଂଗଠିତ କ୍ଷେତ୍ରର କର୍ମଚାରୀ ଯାହାଙ୍କ ଦରମା ପିଏଫ୍ କାଟୁଥିବା ସେମାନେ ଏହି ଯୋଜନା ପାଇଁ ଯୋଗ୍ୟ ନୁହଁନ୍ତି।




## ହୋଲିରେ ଖାଇଗଲେ ୮ କୋଟିରୁ ଅଧିକ ଆମିଷ

**ଭୁବନେଶ୍ୱର :** ହୋଲିରେ ଭୁବନେଶ୍ୱରରେ ଜମିଲା ଆମିଷ ବେପାର। ହୋଲି ଖେଳିବା ସହ ଆମିଷର ମଜା ଉଠାଇଛନ୍ତି ଭୁବନେଶ୍ୱରବାସୀ। ରାଜଧାନୀରେ କୋଟି କୋଟି ଟଙ୍କାର ଆମିଷ ବିକ୍ରି ହୋଇଛି। ୮ କୋଟିର ଆମିଷ ବିକ୍ରି ହୋଇଥିବାରୁ ବ୍ୟବସାୟୀ ଖୁସି ପ୍ରକାଶ କରିଛନ୍ତି। ମିଳିଥିବା ସୂଚନାନୁସାରେ, ହୋଲିରେ ୬୦ ଟନ୍ରୁ ଅଧିକ ଖାସି ମାଂସ ବିକ୍ରି ହୋଇଛି। ଖାସି ମାଂସ କେଜି ପିଛା ୮୫୦ରୁ ୯ଶହ ଟଙ୍କାରେ ବିକ୍ରି ହୋଇଥିବାବେଳେ ମୋଟ୍ ୩ କୋଟି ୨ ଲକ୍ଷ ୪୦ ହଜାର ଟଙ୍କାର ଖାସି ମାଂସ ବିକ୍ରି କରାଯାଇଛଇ। ସେହିପରି ୩ କୋଟି ୩୬ ଲକ୍ଷ ୬୫ ହଜାର ଟଙ୍କାର ଚିକେନ୍ ମଧ୍ୟ ବିକ୍ରି ହୋଇଛି। ଏହା ସହ ପାଖାପାଖି ୧୨୮ ଟନ୍ର ମାଛ ବ୍ୟବସାୟ ହୋଇଛି। ତେବେ ରାଜଧାନୀରେ ମୋଟ ୮ କୋଟି ୪୧ ଲକ୍ଷ ଟଙ୍କାର ଆମିଷ ବିକ୍ରି ହୋଇଥିବା ଜଣାପଡିଛି।

## ଓଡ଼ିଶାର ସମୃଦ୍ଧ ସଂସ୍କୃତି, ପରମ୍ପରାର ଦ୍ୱାର ହୋମ ଷ୍ଟେ: ଉପମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର :** ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଭୁବନେଶ୍ୱରସ୍ଥିତ ଲାଇଫ୍ ହୋଟେଲରେ 'ଗୋ-ହୋମଷ୍ଟେ' ପୋର୍ଟାଲର ଶୁଭାରମ୍ଭ କରି ଓଡ଼ିଶାରେ ସମୁଦାୟ-ନେତୃତ୍ୱାଧୀନ ପର୍ଯ୍ୟଟନକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସ୍ଥାପନ କରିଛନ୍ତି। ଅଂଶୀଦାରମାନଙ୍କୁ ସଚେତନ କରିବା ଏବଂ 'ଓଡ଼ିଶା ହୋମଷ୍ଟେ ସ୍କିମ୍ ୨୦୨୫'କୁ କାର୍ଯ୍ୟକାରୀ କରିବା ଲକ୍ଷ୍ୟରେ ଆୟୋଜିତ 'ଓଡ଼ିଶା ହୋମଷ୍ଟେ କର୍ମଶାଳା' ସହିତ ଏହି ଶୁଭାରମ୍ଭ କରାଯାଇଥିଲା। ସମାବେଶକୁ ସମ୍ବୋଧିତ କରି ଉପମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ଯେ ହୋମଷ୍ଟେଗୁଡ଼ିକ କେବଳ ରହିବା ପାଇଁ ସୁବିଧା ନୁହେଁ, ବରଂ ଓଡ଼ିଶାର ସମୃଦ୍ଧ ସଂସ୍କୃତି, ପରମ୍ପରା ଏବଂ ଆତିଥ୍ୟର ଏକ ଦ୍ୱାର। ସେ କହିଛନ୍ତି ଯେ 'ଗୋ-ହୋମଷ୍ଟେ' ପୋର୍ଟାଲ୍ ଆଶାୟୀ ହୋମଷ୍ଟେ ମାଲିକମାନଙ୍କ ପାଇଁ ସ୍ୱଚ୍ଛତା, ସୁଗମତା ଏବଂ ବ୍ୟବସାୟିକ ସହଜତା ନିଶ୍ଚିତ କରିବା ସହିତ ତୃଣମୂଳ ସ୍ତରରେ ଜୀବିକା ନିର୍ବାହର ସୁଯୋଗ ସୃଷ୍ଟି କରିବ। ସେ ଆହୁରି ମଧ୍ୟ କହିଛନ୍ତି ଯେ ଏହି ପଦକ୍ଷେପ ପର୍ଯ୍ୟଟନ-ଭିତ୍ତିକ ବିକାଶ ମାଧ୍ୟମରେ ଗ୍ରାମାଞ୍ଚଳର ପରିବାର, ମହିଳା ଏବଂ ସ୍ଥାନୀୟ ଉଦ୍ୟୋଗୀମାନଙ୍କୁ ସଶକ୍ତ କରି ଅନ୍ତର୍ଭୁକ୍ତ ବିକାଶ ପାଇଁ ରାଜ୍ୟ ସରକାରଙ୍କ ଦୂରଦୃଷ୍ଟି ସହ ସମାନ୍ତରାଳ ରହିଛି। ଏହି କର୍ମଶାଳାରେ ଯୋଜନାର କାର୍ଯ୍ୟକାରୀ ନିର୍ଦ୍ଦେଶାବଳୀ ଉପରେ ବିସ୍ତୃତ ଉପସ୍ଥାପନା, ବୈଷୟିକ ଦଳ ଦ୍ୱାରା ପୋର୍ଟାଲର ପରିଚାଳନା ପ୍ରଦର୍ଶନ ଏବଂ 'ହୋମଷ୍ଟେଜ୍ ଅଫ୍ ଇଣ୍ଡିଆ' ଓ 'ସ୍ୱନିର ୱାଇଲ୍ଡରନେସ୍ ହୋମଷ୍ଟେ'ର ପ୍ରତିନିଧିମାନଙ୍କ ଦ୍ୱାରା ବିଶେଷଜ୍ଞ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅଭିଜ୍ଞ ହୋମଷ୍ଟେ ମାଲିକମାନଙ୍କ ସହ ପ୍ୟାନେଲ୍ ଆଲୋଚନା ମଧ୍ୟ କରାଯାଇଥିଲା, ଯେଉଁଥିରେ ସେମାନେ ସଫଳତାର କାହାଣୀ ଏବଂ ଶ୍ରେଷ୍ଠ କାର୍ଯ୍ୟଶୈଳୀ ବାବଦରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ପର୍ଯ୍ୟଟନ ବିଭାଗର କମିସନର ତଥା ଶାସନ ସଚିବ ବଲୱନ୍ତ ସିଂ, ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଓଏଲଏମର ନିର୍ଦ୍ଦେଶିକା ତଥା ସିଇଓ ମୋନିକା ପ୍ରିୟଦର୍ଶିନୀ; ପର୍ଯ୍ୟଟନ ବିଭାଗର ବରିଷ୍ଠ ଅଧିକାରୀ; ଆର୍ଥିକ ଅନୁଷ୍ଠାନର ପ୍ରତିନିଧି, ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ହୋମଷ୍ଟେ ମାଲିକ, ହୋମଷ୍ଟେଜ୍ ଅଫ୍ ଇଣ୍ଡିଆର ବିଶେଷଜ୍ଞ, ଏବଂ ଅନ୍ୟାନ୍ୟ ବିଶିଷ୍ଟ ଅତିଥିମାନେ ଉପସ୍ଥିତ ଥିଲେ।

### ଦୂର ହେଲା ଲୋକଙ୍କ ଦ୍ୱନ୍ଦ୍ୱ; ୨୫ରେ ହେବ ରତ୍ନଭଣ୍ଡାର ଅଳଙ୍କାରର ଗଣତିମଣତି

# ୧୯୭୮ ମସିହା ତାଲିକା ଅନୁସାରେ ସବୁ ଅଳଙ୍କାର ଠିକ୍ ଅଛି ତ ?



**ପୁରୀ :** ଦୂର ହେଲା ଲୋକଙ୍କ ଦ୍ୱନ୍ଦ ଓ ଆଶଙ୍କା। ଖୁବଶୀଘ୍ର ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାରରୁ ରତ୍ନ ଅଳଙ୍କାର ଚୋରୀ ଅଭିଯୋଗ ଉପରୁ ହଟିବ ପରଦା। ଆଉ ଉଠିବ ସସପେନ୍ସ। ଆସନ୍ତା ମାର୍ଚ୍ଚ ୨୫ ତାରିଖ ବୁଧବାର ହେବ ରତ୍ନଭଣ୍ଡାରରେ ଥିବା ଅଳଙ୍କାରର ଗଣତିମଣତି। ଗତ ୨ ତାରିଖରେ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧକ୍ଷତାରେ ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ ଏନେଇ ଚୂଡାନ୍ତ ନିଷ୍ପତ୍ତି ହୋଇଥିବା ବେଳେ ସମ୍ବେଦନଶୀଳ ପ୍ରସଙ୍ଗ ହୋଇଥିବାରୁ ରାଜ୍ୟ ମୁଖ୍ୟ ଶାସନ ସଚିବ ତଥା ପରିଚାଳନା କମିଟିର କାର୍ଯ୍ୟକାରୀ ଅଧକ୍ଷ ଅନୁ ଗର୍ଗ ମଧ୍ୟ ବୈଠକରେ ଉପସ୍ଥିତ ଥିଲେ। ତେବେ ଆସନ୍ତା ମାର୍ଚ୍ଚ ୨୫ ଚୈତ୍ର ଶୁକ୍ଳ ସପ୍ତମୀ ତିଥି ଅପରାହ୍ନ ୧୨.୧୨ ରୁ ୧.୪୫ ମଧ୍ୟରେ ସ୍ଥିରିକୃତ ମାହେନ୍ଦ୍ରବେଳାରେ ହେବ ରତ୍ନଭଣ୍ଡାର ଅଳଙ୍କାରର ଗଣତିମଣତି। ତେବେ ପ୍ରଥମେ ଚଳନ୍ତି ଭଣ୍ଡାର,, ପରେ ବାହାର ଭଣ୍ଡାର ଓ ଶେଷରେ ଭିତର ରତ୍ନଭଣ୍ଡାର ଏଭିଓ ତିନୋଟି ପର୍ଯ୍ୟାୟରେ ଗଣତିମଣତି ହେବାକୁ ଚୂଡାନ୍ତ ହୋଇଥିବା ବେଳେ ସେହି ସମୟରେ କେବଳ ବାହାରକାଠରୁ ମହାପ୍ରଭୁଙ୍କ ଦର୍ଶନ କରିବେ ଶ୍ରଦ୍ଧାଳୁ। ବିଶେଷ ଦିନ,ପର୍ବ ପର୍ବାଣୀ, ଶନିବାର ଓ ରବିବାର ଦିନ ଅଳଙ୍କାର ଗଣତିମଣତି ହେବନାହିଁ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିବା ବେଳେ ସମସ୍ତ ପ୍ରକ୍ରିୟାର ଭିଡିଓଗ୍ରାଫି କରାଯାଇ ପରିଚାଳନା କମିଟିରେ ଉପସ୍ଥାପନ କରାଯାଇ ରାଜ୍ୟ ସରକାରଙ୍କୁ ପଠାଯିବ ବୋଲି କହିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ। ସେପଟେ ରାଜ୍ୟ ସରକାରଙ୍କ ଅନୁମୋଦିତ ଏସଓପି ଅନୁସାରେ ଅଳଙ୍କାର ଗଣତିମଣତି ପାଇଁ ସୁପରଭାଇଜିଙ୍ଗ ଟିମ୍ ଓ ହ୍ୟାଣ୍ଡେଲିଙ୍ଗ ଟିମ୍ ଏହିଭଳି ଦୁଇଟି ଟିମ୍ ଗଠିତ ହୋଇଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ସୁପରଭାଇଜିଙ୍ଗ ଟିମ୍ରର ଅଧକ୍ଷ ରହିଥିବାବେଳେ ରତ୍ନଭଣ୍ଡାର ତଦାରଖ କମିଟିର ଦୁଇ ଜଣ ସଦସ୍ୟ, ଜଣେ ସେବାୟତ ସଦସ୍ୟ ରହିଛନ୍ତି। ସେହିପରି ହ୍ୟାଣ୍ଡେଲିଙ୍ଗ ଟିମ୍ରେ ଶ୍ରୀମନ୍ଦିର ପରିଚାଳନା କମିଟିର ଜଣେ ସଦସ୍ୟ, ପାଟଯୋଶୀ ମହାପାତ୍ର, ଭଣ୍ଡାର ମେକାପ ଚତଡ଼ଉକରଣ, ଦେଉଳକରଣ, ଶ୍ରୀ ମନ୍ଦିର ବଣିଆ ସେବକ, ଦୁଇ ଜଣ ସ୍ୱର୍ଣ୍ଣକାର, ଦୁଇ ଜଣ ଜେମୋଲୋଗିଷ୍ଟ, ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆର ଜଣେ ଅଧିକାରୀ ପ୍ରମୁଖ ସାମିଲ ରହିବେ। ସେପଟେ ବାରମ୍ବାର ଅଳଙ୍କାର ଗଣତିମଣତିକୁ ନେଇ ତତ୍କାଳୀନ ସରକାରଙ୍କ ଅପାରଗତାକୁ ଦାୟୀ କରିଛନ୍ତି ପରିଚାଳନା କମିଟିର ସଦସ୍ୟ ପଣ୍ଡିତ ମହେଶ୍ ସାହୁ। ଅନ୍ୟପଟେ କୋଟିକୋଟି ଜଗନ୍ନାଥ ପ୍ରେମୀଙ୍କ ଦାବିକୁ ସମ୍ମାନ ଦେଇ ଓ ରତ୍ନଲୁଟ୍ ରହସ୍ୟ ଉପରୁ ପରଦା ହଟାଇବାକୁ ହେଲେ ପ୍ରଥମେ ଭିତର ରତ୍ନଭଣ୍ଡାରରୁ ଅଳଙ୍କାର ଗଣତିମଣତି କରି ୧୯୭୮ ମସିହା ତାଲିକା ସହ ମେଳକ କରିବାକୁ ଦାବି କରିଛନ୍ତି ଜଗନ୍ନାଥ ମହାପ୍ରଭୁଙ୍କ ବାଡଗ୍ରାହୀ ଜଗନ୍ନାଥ ସ୍ୱାଇଁ ମହାପାତ୍ର। ଦୀର୍ଘବର୍ଷ ପରେ ଅଳଙ୍କାର ଗଣତିମଣତି ହେଉଥିବାରୁ ରତ୍ନଲୁଟ୍ ଘଟଣା ଉପରୁ ପରଦା ହଟିବ ବୋଲି ଆଶା କରାଯାଉଛି। ଅପେକ୍ଷା କେବଳ ଭିତର ରତ୍ନଭଣ୍ଡାରରେ ୧୯୭୮ ମସିହା ତାଲିକା ଅନୁସାରେ ସବୁ ଅଳଙ୍କାର ଠିକ୍ ଅଛି କି ନାହିଁ?

## ବିଜୁ ବାବୁଙ୍କ ସ୍ୱପ୍ନ ପୂରଣ ହେବ, ସମୃଦ୍ଧ ଓଡ଼ିଶା ଗଠନ ହେବ : ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର :** ଓଡ଼ିଆ ସ୍ୱାଭିମାନର ପ୍ରତୀକ ବିଜୁ ପଟ୍ଟନାୟକ ରାଜନୀତିରୁ ଉର୍ଦ୍ଧ୍ୱରେ ରହି ଓଡ଼ିଶାର ବିକାଶ ପାଇଁ ବ୍ରତୀ ଥିଲେ। ବିଜୁ ବାବୁ ଯେଉଁ କ୍ଷେତ୍ରରେ ହାତ ରଖୁଥିଲେ, ତାହା ସୁନା ପାଲଟି ଯାଉଥିଲା। ଅତୀତର ନାୟକ ନୁହେଁ, ବରଂ ଆଧୁନିକ ଓଡ଼ିଶାର ନିର୍ମାତା ଭାବେ ବିଜୁ ବାବୁ ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ଜୟଦେବ ଭବନ ଠାରେ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହା କହିଛନ୍ତି। ବିଜୁ ବାବୁଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରି ମୁଖ୍ୟମନ୍ତ୍ରୀ କହିଲେ ଯେ, ବିଜୁ ପଟ୍ଟନାୟକ କେବଳ ଜଣେ ବ୍ୟକ୍ତି ନୁହେଁ, ସେ ଥିଲେ ଏକ ଅନୁଷ୍ଠାନ ଓ ଏକ ବିଚାରଧାରା। ସାହସ, ଦୂରଦୃଷ୍ଟି ଓ ଦେଶପ୍ରେମ ତାଙ୍କ ଜୀବନର ପ୍ରମୁଖ ପରିଚୟ ଥିଲା ବୋଲି ସେ କହିଥିଲେ। ସେ କହିଥିଲେ ଯେ ଓଡ଼ିଶା ପାଇଁ ବିଜୁ ବାବୁଙ୍କର ଅନେକ ସ୍ୱପ୍ନ ଥିଲା। ଓଡ଼ିଶାକୁ ଶିଳ୍ପ ସମୃଦ୍ଧ କରିବା, ଗରିବ ଲୋକଙ୍କୁ ରୋଜଗାର ଦେବା ଓ ମୌଳିକ ସୁବିଧା ସୁଯୋଗ ଦେବା, ମହିଳାମାନଙ୍କୁ ସଶକ୍ତ କରିବା ଏବଂ ଗାଁ'ର ସମୃଦ୍ଧି ପାଇଁ ପଞ୍ଚାୟତିରାଜ ବ୍ୟବସ୍ଥାକୁ ସୁଦୃଢ଼ କରିବା। ଏ ସମସ୍ତ ସ୍ୱପ୍ନର ସାମୂହିକ ରୂପ ହେଉଛି ସମୃଦ୍ଧ ଓଡ଼ିଶା। ସମୃଦ୍ଧ ଓଡ଼ିଶା ଗଠନ ହେଲେ ହିଁ, ବିଜୁ ବାବୁଙ୍କ ସ୍ୱପ୍ନ ପୂରଣ ହୋଇପାରିବ ବୋଲି ମତ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆମ ସରକାର ସମୃଦ୍ଧ ଓଡ଼ିଶା ଗଠନ କରି ବିଜୁ ବାବୁଙ୍କ ସ୍ୱପ୍ନକୁ ନିଶ୍ଚୟ ପୂରଣ କରିବେ। ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ, ବିଜୁ ପଟ୍ଟନାୟକଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ବର୍ତ୍ତମାନ ଆମ ସରକାର ପଞ୍ଚାୟତିରାଜ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରୁଛନ୍ତି ଏବଂ ଗାଁ ଗାଁକୁ ପାନୀୟ ଜଳ, ସଡ଼କ, ବିଦ୍ୟୁତ ଓ ଶିକ୍ଷା ଭିତ୍ତିଭୂମି ସୁବିଧା ପ୍ରଦାନ ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ପଞ୍ଚାୟତିରାଜ ବିଭାଗ ପାଇଁ ୩୪,୧୬୬ କୋଟି ଟଙ୍କାର ରେକର୍ଡ ବଜେଟ ବ୍ୟବସ୍ଥା ହୋଇଥିବା କଥା ସେ ଉଲ୍ଲେଖ କରି ରାଜ୍ୟର ଆର୍ଥିକ ମାନଦଣ୍ଡ ବୃଦ୍ଧି ପାଉଥିବା କଥା କହିଥିଲେ। ସେ ଆହୁରି କହିଥିଲେ ଯେ, ଦିନେ ବିଜୁ ପଟ୍ଟନାୟକଙ୍କ ସ୍ୱପ୍ନ ଥିଲା ଓଡ଼ିଶାକୁ ଶିଳ୍ପ ସମୃଦ୍ଧ କରିବା ପାଇଁ। ଆଉ ଆଜି ରାଜ୍ୟ ସରକାର ସେହି ଶିଳ୍ପାୟନ ନିମନ୍ତେ ଭିତ୍ତିଭୂମିର ବିକାଶ କରୁଛନ୍ତି। ୨୦ ମାସର ସରକାର ଆଜି ୨୦ ଲକ୍ଷ କୋଟିରୁ ଅଧିକ ଟଙ୍କାର ପୁଞ୍ଜି ଆକର୍ଷଣ କରି ଓଡ଼ିଶାର ଯୁବବର୍ଗଙ୍କ ପାଇଁ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିଛନ୍ତି। ୨.୪୦ ଲକ୍ଷ କୋଟି ଟଙ୍କାର ୧୦୯ ଟି ଶିଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ ହୋଇଛି ଏବଂ ଏହାଦ୍ୱାରା ୧.୭୬ ଲକ୍ଷ ନିଯୁକ୍ତି ସୃଷ୍ଟି ହୋଇଛି। ପାରାଦୀପରୁ କଟକ-ଭୁବନେଶ୍ୱର ଦେଇ ପୁରୀ ପର୍ଯ୍ୟନ୍ତ ଏକ ବୃହତ୍ ଅର୍ଥନୈତିକ କରିଡୋର ଗଢ଼ିଉଠୁଛି ଯାହା ଓଡ଼ିଶାର ବନ୍ଦରଭିତ୍ତିକ ବିକାଶରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିବ ବୋଲି ସେ କହିଥିଲେ। ବିଜୁ ପଟ୍ଟନାୟକଙ୍କ ସ୍ୱପ୍ନକୁ ପୂରଣ କରିବା ପାଇଁ ଡବଲ ଇଞ୍ଜିନ ସରକାର ପ୍ରତିବଦ୍ଧ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଓଡ଼ିଶାକୁ ପୂର୍ବ ଭାରତର ଏକ ପ୍ରମୁଖ ଶିଳ୍ପ କେନ୍ଦ୍ର ଭାବେ ଗଢ଼ି ତୋଳିବା ପାଇଁ ଯୋଜନାବଦ୍ଧ ଭାବେ କାମ କରାଯାଉଛି। ଆଉ ଏହି ସଫଳତା ଖୁବ୍ କମ୍ ସମୟ ମଧ୍ୟରେ ସାରା ଦେଶ ଦେଖିବ ବୋଲି ସେ କହିଥିଲେ। ସେ ଆହୁରି କହିଥିଲେ ଯେ, ସ୍ୱାଧୀନତା ସଂଗ୍ରାମରେ ବିଜୁ ପଟ୍ଟନାୟକଙ୍କ ଅବଦାନ ଅସାଧାରଣ ଥିଲା। ରୟାଲ ଏୟାର ଫୋର୍ସର ପାଇଲଟ୍ ଭାବେ ସେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ସାହସିକ ଭୂମିକା ନିଭାଇଥିଲେ। ଅଗଷ୍ଟ କ୍ରାନ୍ତି ସମୟରେ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ସୁରକ୍ଷିତ ଭାବେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ପହଞ୍ଚାଇବାରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ। ସ୍ୱାଧୀନତା ପରେ ୧୯୪୭ ମସିହାରେ କାଶ୍ମୀର ସଙ୍କଟ ସମୟରେ ଶ୍ରୀନଗରରେ ସେନା ଅବତରଣ କରାଇ ଭାରତର ସୁରକ୍ଷାରେ ମଧ୍ୟ ସେ ଅମୂଲ୍ୟ ଅବଦାନ ରଖିଥିଲେ। ପରିଶେଷରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଆଦର୍ଶକୁ ଅନୁସରଣ କରି ଓଡ଼ିଶାର ସମୃଦ୍ଧି ଓ ଓଡ଼ିଆ ଜାତିର ଗୌରବକୁ ଆହୁରି ଉଚ୍ଚତାକୁ ନେବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂହ, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ଭୁବନେଶ୍ୱର ମହାନଗର ନିଗମ ମେୟର ସୁଲୋଚନା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଭାଗୀୟ ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

### ପାରାଦୀପ ପାଇଁ ବଡ଼ ଯୋଜନା

## ପ୍ରତିଷ୍ଠା ହେବ ହାଇଜିନିକ୍ ମାଛ ବଜାର



**ଭୁବନେଶ୍ୱର :** ପାରାଦୀପ ନିର୍ବାଚନ ମଣ୍ଡଳୀରେ ମାଛ ଚାଷୀ ଓ ଖାଉଟିଙ୍କ ସୁବିଧା ପାଇଁ ଏକ ଅତ୍ୟାଧୁନିକ ତଥା ସ୍ୱଚ୍ଛ ମାଛ ବଜାର ପ୍ରତିଷ୍ଠା କରିବାକୁ ପ୍ରସ୍ତାବ ଦେଇଛନ୍ତି ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ତଥା ପାରାଦୀପ ବିଧାୟକ ସମ୍ପଦ ଚନ୍ଦ୍ର ସ୍ୱାଇଁ। ପ୍ରକଳ୍ପ ପାଇଁ ହସ୍ତକ୍ଷେପ କରିବା ସହ ତୁରନ୍ତ ସମ୍ବଳ ଆବଣ୍ଟନ ପାଇଁ ସେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କୁ ଅନୁରୋଧ କରିଛନ୍ତି। ପାରାଦୀପ ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ନଦୀ ରହିଥିବା ବେଳେ ଏହା ବଙ୍ଗୋପସାଗର କୂଳରେ ଅବସ୍ଥିତ। ତେଣୁ ଏଠାରେ ପ୍ରଚୁର ପରିମାଣରେ ସାମୁଦ୍ରିକ ମାଛ ଉପଲବ୍ଧ ହୋଇଥାଏ। ଏହି ଅଞ୍ଚଳରେ ଜନସଂଖ୍ୟାର ଏକ ବଡ଼ ଭାଗ ମାଛ ଧରିବା ଓ ଏହାର ବ୍ୟବସାୟ ଉପରେ ନିର୍ଭର କରି ନିଜର ଗୁଜରାଣ ମେଣ୍ଟାଇଥାନ୍ତି। ଏହା ସହ ସ୍ଥାନୀୟ ଲୋକଙ୍କ ନିତିଦିନିଆ ଖାଇବାରେ ମାଛ ପ୍ରମୁଖ ସ୍ଥାନ ଗ୍ରହଣ କରିଛି। ତେବେ ବର୍ତ୍ତମାନ ପାରାଦୀପରେ ଥିବା ମାଛ ବଜାରଗୁଡ଼ିକର ସ୍ଥିତି ଅତ୍ୟନ୍ତ ଶୋଚନୀୟ। ସେଠାରେ ସ୍ୱଚ୍ଛତାର ଅଭାବ ରହିବା ସହ ଭିତ୍ତିଭୂମି ମଧ୍ୟ ଦୁର୍ବଳ ରହିଛି। ଉପଯୁକ୍ତ ସଂରକ୍ଷଣ ବ୍ୟବସ୍ଥା ନଥିବାରୁ ମାଛର ଗୁଣବତ୍ତା ହ୍ରାସ ପାଉଛି, ଯାହା ଉଭୟ ବ୍ୟବସାୟୀ ଓ ଗ୍ରାହକଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି। ତେଣୁ ଏକ ଆଧୁନିକ ସ୍ୱଚ୍ଛ ମାଛ ବଜାର ପ୍ରତିଷ୍ଠା କରିବାକୁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ପ୍ରସ୍ତାବ ଦେଇଛନ୍ତି। ପ୍ରସ୍ତାବିତ ଆଧୁନିକ ମାଛ ବଜାରରେ ପରିମଳ ବ୍ୟବସ୍ଥା, ବରଫ ଭିତ୍ତିକ ସଂରକ୍ଷଣ, ଉନ୍ନତ ଭିତ୍ତିଭୂମି ଏବଂ ଶୀତଳ ଭଣ୍ଡାର ସୁବିଧା ଉପଲବ୍ଧ ରହିବ। ଏହିପରି ଆଧୁନିକ ବଜାର ପ୍ରତିଷ୍ଠା ହେଲେ ପରିବେଶ ଦୂଷିତ ହେବାର ଆଶଙ୍କା ହ୍ରାସ ପାଇବା ସହ ସତେଜ ମାଛ ଓ ସର୍ବୋଚ୍ଚ ସୁରକ୍ଷା ମାନ ସୁନିଶ୍ଚିତ କରାଯାଇପାରିବ। ଏହି ପ୍ରକଳ୍ପ ଦ୍ୱାରା ପାରାଦୀପ ଅଞ୍ଚଳର ମାଛ ବ୍ୟବସାୟରେ ବଡ଼ ପରିବର୍ତ୍ତନ ଆସିପାରିବ ଏହା କେବଳ ବ୍ୟବସାୟୀଙ୍କୁ ଲାଭବାନ କରିବ ନାହିଁ, ବରଂ ଗ୍ରାହକମାନେ ମଧ୍ୟ ଉଚ୍ଚ ମାନର ଓ ସ୍ୱାସ୍ଥ୍ୟକର ମାଛ ପାଇପାରିବେ। ଦୀର୍ଘ ଦିନ ଧରି ଅଞ୍ଚଳବାସୀ ଏନେଇ ଦାବି କରୁଥିବା ବେଳେ ଏହି ପ୍ରକଳ୍ପକୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଶ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କୁ ପତ୍ର ଲେଖିଛନ୍ତି।

## ମଧ୍ୟପ୍ରାଚ୍ୟରେ ଫସିଥିବା ଓଡ଼ିଆଙ୍କ ପାଇଁ ହେଲ୍ପଲାଇନ ନମ୍ବର ଜାରି


**ଭୁବନେଶ୍ୱର :** ଇରାନ- ଆମେରିକା ଯୁଦ୍ଧ ନେଇ ମଧ୍ୟପ୍ରାଚ୍ୟରେ ଫସି ଥିବା ଓଡ଼ିଆଙ୍କ ପାଇଁ ହେଲ୍ପଲାଇନ ନମ୍ବର ଜାରି ହୋଇଛି। ଯୁଦ୍ଧକାଳୀନ ଜରୁରୀ ପରସ୍ଥିତିକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ଏ ନେଇ କ୍ରୀଡା ଓ ଯୁବବ୍ୟାପାର ମନ୍ତ୍ରୀ ସର୍ଯ୍ୟବଂଶୀ ସୂରଜ ତାଙ୍କ ଏକ୍ସରେ ପୋଷ୍ଟ କରଛନ୍ତି। ଓଡ଼ିଶା ପରିବାର, ଗୃହ ବିଭାଗ ଓ ଶ୍ରମ ନିର୍ଦ୍ଦେଶାଳୟ ପକ୍ଷରୁ ବୈଠକ ପରେ ନଂ ଜାରି ହୋଇଛି। ଉକ୍ତ ନଂ, ହେଲା ବୈଦେଶିକ ମନ୍ତ୍ରାଳୟ- ୮୦୦୪୬୩୪୨, ହ୍ୱାଟ୍ସଆପ- ୯୭୧୫୪୩୦୯୦୫୭୧ -ଓଡ଼ିଶା ପରିବାର ସ୍ୱତନ୍ତ୍ର ଅଧିକାରୀ-୯୫୮୩୩୨୧୯୬୪ଙ୍କୁ ସମ୍ପର୍କ କରିପାରିବେ କୁହାଯାଇଛି।

### ଭାରତୀୟ ସେନା "ଅଗ୍ନିବୀର" ନିଯୁକ୍ତି - ୨୦୨୬ ସମ୍ପର୍କରେ ମୁଖ୍ୟ ଶାସନ ସଚିବଙ୍କ ବୈଠକ

# ଯୋଗ୍ୟ ଯୁବକ ଯୁବତୀମାନଙ୍କୁ ନିଯୁକ୍ତି ସୁଯୋଗ ପ୍ରଦାନ କରିବ



**ଭୁବନେଶ୍ୱର :** ଭାରତୀୟ ସେନା(ଇଣ୍ଡିଆନ ଆର୍ମି) "ଅଗ୍ନିବୀର" ନିଯୁକ୍ତି-୨୦୨୬ ସଂପର୍କରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଲୋକସେବା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟର ଯୁବକ ଯୁବତୀମାନଙ୍କୁ ଭାରତୀୟ ସେନା (ଇଣ୍ଡିଆନ୍ ଆର୍ମି)ରେ ଅଧିକରୁ ଅଧିକ ଯୋଗଦାନ କରିବା ସୁଯୋଗ ପାଇଁ ଅଗ୍ନିବୀର" ନିଯୁକ୍ତି ସମ୍ପର୍କିତ ସୂଚନାକୁ ବ୍ୟାପକ ଭାବେ ପ୍ରଚାର କରିବା ଏବଂ ଯୁବକ ଯୁବତୀମାନେ କିପରି ସୁବିଧାରେ ପଞ୍ଜୀକରଣ କରିପାରିବେ, ସେ ସଂପର୍କରେ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଲୋକସେବା ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂ, ଉଚ୍ଚ ଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ, ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶକ ଚକ୍ରବର୍ତ୍ତୀ ସିଂ ରାଠୋର, ଆର୍ମି ନିଯୁକ୍ତି ବୋର୍ଡ, କଟକର କର୍ଣ୍ଣେଲ ପ୍ରସନ୍ନା, ମେଜର ଅଶ୍ୱିନୀ ଉପସ୍ଥିତ ଥିବା ବେଳେ ସମସ୍ତ ଜିଲ୍ଲାର ଜିଲ୍ଲାପାଳମାନେ ଆଭାସୀ ମାଧ୍ୟମରେ ଉପସ୍ଥିତ ଥିଲେ। ବୈଠକରେ ଭାରତୀୟ ସେନାରେ ଯୋଗଦାନ ପାଇଁ ସାଧାରଣ ପ୍ରବେଶିକା ପରୀକ୍ଷା, ପ୍ରଶିକ୍ଷଣ, ଦରମା ବ୍ୟବସ୍ଥା ସଂପର୍କିତ ଆଲୋଚନା କରାଯାଇଥିଲା। ସେନାରେ ବ୍ୟାପକ ନିଯୁକ୍ତି ରହିଥିବା ସ୍ଥଳେ ବିଭିନ୍ନ ପ୍ରଦେଶରେ ଅଧିକରୁ ଅଧିକ ଅଗ୍ନିବୀର ନିଯୁକ୍ତି ନେଇ ପଞ୍ଜୀକରଣ କରୁଥିବା ବେଳେ ଓଡ଼ିଶାରେ କିନ୍ତୁ ପଞ୍ଜୀକରଣ ସଂଖ୍ୟା କମ ରହୁଛି। ଅଗ୍ନିବୀର ନିଯୁକ୍ତି ପାଇଁ ପ୍ରତିବର୍ଷ କମ୍ ସଂଖ୍ୟକ ପ୍ରାର୍ଥୀ ପ୍ରାର୍ଥିନୀ ପଂଜୀକରଣ କରୁଥିବା କାରଣରୁ ସେନା ନିଯୁକ୍ତିରେ ନିୟମ ଅନୁସାରେ ଓଡ଼ିଶା ପାଇଁ ପଦବୀ ସଂଖ୍ୟ ବଢୁ ନାହିଁ। ରାଜ୍ୟରୁ ସେନା ଭର୍ତ୍ତି ପାଇଁ ଗତ ଦଶ ବର୍ଷର ତଥ୍ୟ ଏବଂ ଚଳିତ ବର୍ଷର ପଞ୍ଜୀକରଣ ସ୍ଥିତି ଉପରେ ସମୀକ୍ଷା କରାଯାଇଥିଲା। ଚଳିତ ବର୍ଷ ୫ ମାର୍ଚ୍ଚ ୨୦୨୬ ସୁଦ୍ଧା ଓଡ଼ିଶାରୁ ମୋଟ ୬୦୪୪ ଜଣ ଯୁବକ ଯୁବତୀ ପଞ୍ଜୀକରଣ କରିଛନ୍ତି। ଏଥିରୁ ରାଜ୍ୟର ଉତ୍ତରାଂଚଳ ଜିଲ୍ଲାରୁ ୧୭୭୦, ଉପକୂଳ ଜିଲ୍ଲାରୁ ୨୫୮୩ ଏବଂ ଦକ୍ଷିଣାଞ୍ଚଳ ଜିଲ୍ଲାରୁ ୧୬୯୧ ଜଣ ପଞ୍ଜୀକରଣ କରିଥିବା ଜଣାପଡ଼ିଛି। ଅଗ୍ନିବୀର ସେନାରେ ନିଯୁକ୍ତି ପାଇଁ ଜଏନ ଇଣ୍ଡିଆନ ଆର୍ମି ୱେବସାଇଟ ୧୩ ଫେବୃଆରୀରୁ ଖୋଲା ଯାଇଛି ଏବଂ ଏହା ୧ ଏପ୍ରିଲ ୨୦୨୬ ପର୍ଯ୍ୟନ୍ତ ଚାଲୁ ରହିବ। ୨୦୨୫-୨୬ ବର୍ଷରେ ୮୬୬୪ ଜଣ ଓଡ଼ିଶାରୁ ପ୍ରବେଶିକା ପରୀକ୍ଷାରେ ଉର୍ତ୍ତିର୍ଣ୍ଣ ହୋଇଥିଲା ବେଳେ ସମୁଦାୟ ୧୪୭୭ ଜଣ ଅଗ୍ନିବୀର ନିଯୁକ୍ତି ପାଇଥିଲେ। ବୈଠକରେ ଓଡ଼ିଶାର ଗୌରବ ସରୋଜିନୀ ଦାସ, ସତ୍ୟବାନ ଦାସ ଓ ମନସ୍ୱିନୀ ଦାସଙ୍କ ଉଦାହରଣ ନିଆଯାଇଥିଲା। ଏମାନେ ଓଡ଼ିଶାରୁ ଗୋଟିଏ ପରିବାରରୁ ୨ ଜଣ ଝିଅ ଏବଂ ଗୋଟିଏ ପୁଅ ଯୋଗଦାନ କରିଛନ୍ତି। ବୈଠକରେ ଆଲୋଚନା କରାଯାଇଥିଲା ଯେ ଓଡ଼ିଶାରେ ବ୍ୟାପକ କ୍ରୀଡା ସଂସ୍କୃତି ରହିଛି। କ୍ରୀଡାରେ ଭଲ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀମାନେ ଉପଯୁକ୍ତ ପ୍ରମାଣିତ ସଂସ୍ଥାର ପ୍ରମାଣ ପତ୍ର ଥିଲେ ସେନାରେ ଯୋଗଦାନ ସୁଯୋଗ ରହିଛି। ସେନାରେ ଅଧିକ ନିଯୁକ୍ତି ଆମର ସୁରକ୍ଷା ଓ ନିରାପତ୍ତାକୁ ବୃଦ୍ଧି କରିବ। ବର୍ତ୍ତମାନ ଆଉ ୧ ମାସରୁ କମ ରହିଥିବାରୁ ଅଧିକରୁ ଅଧିକ ପଞ୍ଜିକରଣ ପାଇଁ ସୁବିଧା କରିବାକୁ ବୈଠକରେ ଆଲୋଚନା କରାଯାଇଥିଲା। ଜିଲ୍ଲା ନିଯୋଜନ ଅଧିକାରୀମାନେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିବାକୁ ପରାମର୍ଶ ଦିଆଯାଇଛି। ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ, ଉଚ୍ଚ ଶିକ୍ଷା, ବିଦ୍ୟାଳୟ ଓ ଗଣଶିକ୍ଷା, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଆଦିଙ୍କୁ ଅଧିକରୁ ଅଧିକ ପଞ୍ଜୀକରଣ ପାଇଁ ପଦକ୍ଷେପ ନେବାକୁ ମୁଖ୍ୟ ଶାସନ ସଚିବ ଗୁରୁତ୍ୱ ଦେଇଛନ୍ତି। ମୋ ସେବା କେନ୍ଦ୍ର ଏବଂ କମନ ସର୍ଭିସ୍ ସେଣ୍ଟରର ଗୁଡ଼ିକର ସୁବିଧା ନେବାକୁ ମଧ୍ୟ ବୈଠକରେ ଆଲୋଚନା କରାଯାଇଥିଲା। ଯୁବମାନଙ୍କ ମଧ୍ୟରେ ସେନା ଭର୍ତ୍ତି ସମ୍ପର୍କିତ ସଚେତନତା ବଢ଼ାଇବା ପାଇଁ ସୋସିଆଲ ମିଡିଆ, ପ୍ରିଣ୍ଟ ଓ ଇଲେକ୍ଟ୍ରୋନିକ ମାଧ୍ୟମରେ ବ୍ୟାପକ ପ୍ରଚାର କରିବା ସହ ପ୍ରତ୍ୟେକ ତହସିଲ ସ୍ତରରେ ନିବନ୍ଧନ ସହାୟତା କିଓସ୍କ ସ୍ଥାପନ କରିବାକୁ ପରାମର୍ଶ ଦିଆଯାଇଛି। କଲେଜ ଓ ଆଇଟିଆଇ ମାଧ୍ୟମରେ ମଧ୍ୟ ଯୁବମାନଙ୍କୁ ପଞ୍ଜୀକରଣ ପାଇଁ ଉତ୍ସାହିତ କରିବା ଏବଂ ହ୍ୱାଟସଆପ୍ ଗ୍ରୁପ୍ ଓ ଅନ୍ୟାନ୍ୟ ଡିଜିଟାଲ ମାଧ୍ୟମରେ ସୂଚନାର ପ୍ରସାର କରିବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ଏଥି ସହିତ ଜିଲ୍ଲା ପ୍ରଶାସନଙ୍କ ସହଯୋଗରେ ସେନା ଭର୍ତ୍ତି ରାଲି ଓ ସଚେତନତା କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରିବା ନେଇ ଆଲୋଚନା ହୋଇଥିଲା। ଜିଲ୍ଲା ସ୍ତରରେ ନିୟମିତ ସମୀକ୍ଷା ପାଇଁ ପରାମର୍ଶ ଦିଆଯାଇଛି। କଲେଜ ଓ ଆଇଟିଆଇର ଡାଟା ଏଣ୍ଟ୍ରି ଅପରେଟରମାନଙ୍କୁ ଏହି ପ୍ରକ୍ରିୟାରେ ସମ୍ମିଳିତ କରାଯିବ ଏବଂ ସେନା ଭର୍ତ୍ତି କାର୍ଯ୍ୟାଳୟ ପକ୍ଷରୁ ଆବଶ୍ୟକ ପ୍ରଶିକ୍ଷଣ ଦିଆଯିବ। ଏଆରଓଙ୍କ ପକ୍ଷରୁ ସଚେତନତା ବୃଦ୍ଧି ପାଇଁ ଏକ ସମୟରେ ଏକାଧିକ କଲେଜ ସହ ଭିଡିଓ କନଫରେନ୍ସିଂ ମାଧ୍ୟମରେ ସମ୍ପର୍କ ସ୍ଥାପନ କରାଯିବା ନେଇ ବୈଠକରେ ଆଲୋଚନା କରାଯାଇଥିଲା।



କାହା କଥାରେ ଯଦି କୌଣସି ଭୁଲ୍
କିମ୍ବା ଠିକ୍ ହୋଇଯାଉଥାନ୍ତା,
ତେବେ ଦୁନିଆ ସ୍ୱର୍ଗ ପାଲଟି
ଯାଇଥାନ୍ତା।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୯ ମାର୍ଚ୍ଚ - ୧୫ ମାର୍ଚ୍ଚ, ୨୦୨୬

# କେତେ ଲାଭ, କେତେ କ୍ଷତି

ସମ୍ପାଦକୀୟ

ତାରକ ମହାନ୍ତି



ନିକଟରେ ହୋଲି ପର୍ବ ଯାଇଛି। ଫଗୁ ରଙ୍ଗରେ ସମସ୍ତେ ଏହାକୁ ନିହାତି ଉପଭୋଗ କରିଥିବେ ଓ ବସନ୍ତ ଋତୁର ସ୍ପର୍ଶ ଅନୁଭବ କରି ବିମୋହିତ ଥିବେ। ସମଗ୍ର ବିଶ୍ୱରେ ଏବେ ଯୁଦ୍ଧର ଭୟ ମଣିଷକୁ ଆତଙ୍କିତ କରି ରଖିଛି ଇଜ୍ରାଏଲ, ଆମେରିକା ଏବେ ଇରାନକୁ ଧ୍ୱଂସ କରିବା ପାଇଁ ଯେଭଳି ବଜ୍ର ପ୍ରହାର ଚଳାଇଛନ୍ତି ଏବଂ ଇରାନ ଏହାର ଦୃଢ଼ ଜବାବ ଦେଇଚାଲିଛି ତାହା ବିଶ୍ୱବାସୀଙ୍କର ଆଦୌ ମଙ୍ଗଳ କରୁନାହିଁ। ସବୁଠି ଅଗ୍ନି ପିଣ୍ଡୁଳା ଉପରେ ଜଳିଯାଉଛି ମଣିଷର ଆୟୁଷ, ସ୍ୱପ୍ନ ଓ ଜୀବନ। ଆମେ ଏବେ ମହାଶଙ୍କଟ ଦେଇ ଗତି କରୁଥିଲା ବେଳେ ବାବା ଭେଙ୍ଗାଙ୍କ ଭବିଷ୍ୟବାଣୀ ଯେଭଳି ସତ୍ୟ ହୋଇଚାଲିଛି ତାହା ଚିନ୍ତାର ବିଷୟ। ଏଠାରେ କହି ରଖେ ଯେ ଯୁଦ୍ଧ କୌଣସି ସମାଧାନର ପନ୍ଥା ନୁହେଁ। ଶାନ୍ତି ଏବଂ ଆଲୋଚନା ମାଧ୍ୟମରେ ଯାହା ସାଧିତ ହୋଇପାରେ ତାହା ଯୁଦ୍ଧରୁ ମିଳି ନଥାଏ। ଆମେରିକା ସମଗ୍ର ବିଶ୍ୱରେ ନିଜର ଆଧିପତ୍ୟ ପାଇଁ ଯୁଦ୍ଧ ଭୟ ଦେଖାଇଚାଲିଛି। କିନ୍ତୁ ଏବେ ଏତେ ଶକ୍ତିଶାଳୀ ଯେ, ଆମେରିକା ଇରାନକୁ ସମୂଳେ ବିନାଶ କରିବା ସମ୍ଭବ ନୁହେଁ। ଇରାନ ନିକଟରେ ଏଭଳି ଶକ୍ତିଶାଳୀ ବୋମା ଅଛି ଯାହାର ପ୍ରୟୋଗ ହେଲେ ଆମେରିକା ବରବାଦ ହୋଇଯିବ। ଏବେ ଇରାନର କୋଡିଏ ଲକ୍ଷ ଟଙ୍କିଆ ଡ୍ରୋନ ଧ୍ୱଂସ କରିବାକୁ ଆମେରିକାକୁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛି। ଯାହାର ସିଧା ପ୍ରଭାବ ଆମେରିକାର ଅର୍ଥନୀତି ଉପରେ ପଡୁଛି। ଇରାନ ଏବେ ଆମେରିକା ଓ ଇଜ୍ରାଏଲ ଉପରେ ହାଇପରସୋନିକ ମିଜାଇଲ ମାଡ଼ କରିବ। କାରଣ ତାଙ୍କ ଦେଶର ମୁଖ୍ୟ ଖୋମିନିଙ୍କ ମୃତ୍ୟୁର ପ୍ରତିଶୋଧ ନେବାକୁ ସ୍ଥିର କରିସାରିଛି। ଆମେରିକା ଭାବିଥିଲା ଇରାନ ମାତ୍ର ଗୋଟିଏ ସପ୍ତାହ ମଧ୍ୟରେ ସମାପ୍ତ ହୋଇଯିବ। କିନ୍ତୁ ଆମେରିକାର ଏହି ଆକଳନ ଭୁଲ। ଇରାନ ଏବେ ଆମେରିକା, ଇଜ୍ରାଏଲ ଏବଂ ଆହୁରି କିଛି ଦେଶ ସହିତ ଦୀର୍ଘକାଳୀନ ଲଢେଇ ପାଇଁ ପ୍ରସ୍ତୁତ ରହିଛି। ଇରାନର ଯେତିକି କ୍ଷତି ହୋଇଛି ତାହାଠାରୁ ଅଧିକ କ୍ଷତି ସହୁଛନ୍ତି ଆମେରିକା ଓ ଇଜ୍ରାଏଲ। ମଧ୍ୟପ୍ରାଚ୍ୟ ଯୁଦ୍ଧ ବିପଜ୍ଜନକ ପର୍ଯ୍ୟାୟରେ ପହଞ୍ଚିଥିଲା ବେଳେ ଇରାନର ନୂତନ ସର୍ବୋଚ୍ଚ ନେତା ଭାବେ ମୋଜତମା ଖେମିନି ନିଯୁକ୍ତି ପାଇଛନ୍ତି। ତାଙ୍କ ନିଯୁକ୍ତି ପରେ ଇରାନର ସାମରିକ ଆଭିମୁଖ୍ୟରେ ଏକ ବଡ଼ ପରିବର୍ତ୍ତନ ଆସିବ ବୋଲି କୁହାଯାଉଛି। କାରଣ ପୂର୍ବ ନେତୃତ୍ୱ କିଛି ମାତ୍ରାରେ ସଂଯମତା ରହୁଥିଲା ବେଳେ ନୂଆ ମୁଖିଆ ଅଧିକ ଆକ୍ରମଣାତ୍ମକ ଏବଂ ବିନାଶକାରୀ ବୋଲି ଜଣାପଡିଛି। ଯାହାକି ଇଜ୍ରାଏଲ ପାଇଁ ଆତଙ୍କର କାରଣ ପାଲଟିଛି। ମୋଜତବାଙ୍କ ନିର୍ଦ୍ଦେଶରେ ଇରାନ ବର୍ତ୍ତମାନ ସାମରିକ ଘାଟି ଅପେକ୍ଷା ଇଜ୍ରାଏଲର ବନ୍ଦର ଏବଂ ତୈଳ ଡିପୋଗୁଡିକୁ ଅଧିକ ଟାର୍ଗେଟ କରୁଛି। ଯାହାଦ୍ୱାରା ଇଜ୍ରାଏଲର ଅର୍ଥନୀତିକୁ ପଙ୍ଗୁ କରାଯାଇପାରିବ। ଏହାରି ମଧ୍ୟରେ ଆମେରିକା ଏହାର ଆଣବିକ ଅସ୍ତ୍ରବହନକ୍ଷମ ମିନିଟମ୍ୟାନ ୩ ଅନ୍ତର୍ମହାଦେଶୀୟ ବାଲିଷ୍ଟିକ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷା କରିଛି। 'ଡୁମ୍ସଡେ କ୍ଷେପଣାସ୍ତ୍ର' ନାମରେ ପରିଚିତ ଏହି ମିନିଟମ୍ୟାନ ୩ ହିରୋସୀମା ଉପରେ ପକାଯାଇଥିବା ପରମାଣୁ ବୋମା ଅପେକ୍ଷା ୨୦ ଗୁଣ ଅଧିକ ଯୁଦ୍ଧାସ୍ତ୍ର ବହନ କରିପାରିବ। ଆଗକୁ ବିଶ୍ୱ ଦେଖିବ ଇରାନ ଓ ଆମେରିକାର ବିଶ୍ୱ ତାଣ୍ଡବ। ଏହା ନିଶ୍ଚୟ ମାନବ ସଭ୍ୟତା ପାଇଁ ଭୟଙ୍କର ଓ ଘାତକ। ଇରାନ ମଧ୍ୟ ପୂର୍ବାପେକ୍ଷା ଅଧିକ ଆକ୍ରାମକ ହୋଇପଡୁଛି। ନୂଆ ନୂଆ କ୍ଷେପଣାସ୍ତ୍ର ପ୍ରୟୋଗ ଜରିଆରେ ଇରାନ ଆମେରିକାର ବିନାଶ ଚାହୁଁଚି। ଇଜ୍ରାଏଲ ମଧ୍ୟ ଏହି ଆକ୍ରମଣରୁ ବର୍ତ୍ତି ପାରିବ ନାହିଁ। କାରଣ ଚୀନ ଓ ଋଷ ଭଳି ଯଦି ଇରାନ ସପକ୍ଷରେ ଯାଆନ୍ତି ତେବେ ଏହି ଯୁଦ୍ଧ ନିଶ୍ଚୟ ସଂଗୀନ ଓ ଧ୍ୱଂଶାତ୍ମକ ହୋଇପଡିବ। ଏଭଳି ସମୟରେ ଶାନ୍ତି ଆଲୋଚନା ଜରୁରୀ ହୋଇଥିଲା ବେଳେ ପଶ୍ଚିମୀ ଦେଶମାନେ ଯୁଦ୍ଧ ସପକ୍ଷରେ ରହିଥିବା ଜଣାପଡୁଛି। ପ୍ରଚୁର ଅର୍ଥ ନଷ୍ଟ କରି ଏଭଳି ଭୟଙ୍କର ଲଢେଇ ବିଶ୍ୱ ପାଇଁ ନିଶ୍ଚୟ ନୂଆ ବିପଦକୁ ଡାକି ଆଣୁଛି। ଏବେ ମହାପ୍ରଳୟ ଅପେକ୍ଷାରେ ଇରାନ-ଆମେରିକା-ଇଜ୍ରାଏଲ ଯୁଦ୍ଧ। ଏଭଳି ମହାଯୁଦ୍ଧକୁ ନେଇ କିଛି ବି ଆଶଙ୍କା ଦେଖାଦେଇପାରେ। ଏଥିରେ ବିଶ୍ୱ ବଜାର, ମାନବ ସଭ୍ୟତାର କେତେ ଲାଭ, କେତେ କ୍ଷତି।

# ମଣିଷଠୁ ଅଧିକ ପାଣି ପିଉଛି ଏଆଇ !

**ମନସିଜ୍ ଦାସ**

ଆଜି ଏଆଇ ଆମ ଜୀନର ଏକ ଅଙ୍ଗ ହୋଇଛି। କିନ୍ତୁ ଯେଉଁ ଏଆଇକୁ ଆମେ ସ୍ମାର୍ଟ, ଦ୍ରୁତ ଓ ଭବିଷ୍ୟତ ବୋଲି କହୁଛୁ, ତାହା ଚୁପଚାପ ପୃଥିବୀର ପାଣି ସବୁ ଶୋଷି ଦେଉଛି। ତାହା ବି ଏତେ ମାତ୍ରାରେ ଯେ ଏବେ ସତର୍କ ଘଣ୍ଟି ବାଜିବା ଆରମ୍ଭ ହୋଇଛି। ଏଆଇକୁ କେମିତି ରୋକାଯିବ ଏବଂ ଏହାର ବିକଳ୍ପ କ'ଣ ତାକୁ ନେଇ ନିରନ୍ତର ବିତର୍କ ଚାଲିଛି।

ସଦ୍ୟତମ ଅଧ୍ୟୟନରୁ ଜଣାପଡ଼ିଛି, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ସିଷ୍ଟମର ପାଣି ଖର୍ଚ୍ଚ ସମଗ୍ର ବିଶ୍ୱରେ ବିର୍ଷକୁ ଯେତିକି ବୋତଲ ପାଣି ଖର୍ଚ୍ଚ ହେଉଛି, ତା'ଠାରୁ ମଧ୍ୟ ଅଧିକ। ଏଆଇ କୌଣସି ଯାଦୁ ନୁହେଁ, ଏହା ପଛରେ ବଡ଼ ବଡ଼ ଡାଟା ସେଣ୍ଟର ରହିଛି। ଡାଟା ସେଣ୍ଟରରେ ହଜାର ହଜାର ସର୍ଭର ଦିନ ରାତି ଚାଲୁଛି। ଏହି ସର୍ଭର କାମ କରିବା ବେଳେ ଉତ୍ତପ୍ତ ହୁଅନ୍ତି ଏବଂ ଉତ୍ତାପ ନିୟନ୍ତ୍ରଣ ଲାଗି ପାଣି ବ୍ୟବହୃତ ହୁଏ। ଏହି ପାଣି ପ୍ରକୃତରେ ଏଆଇର ଅସଲ ଇନ୍ଧନ। ସାଧାରଣ ୟୁଜର ଏ ବିଷୟରେ କେବେ ଜାଣନ୍ତି ନାହିଁ।

ଅଧ୍ୟୟନ ଅନୁସାରେ ୨୦୨୫ ଶେଷ ସୁଦ୍ଧା ଏଆଇ ସହ ଜଡ଼ିତ ସିଷ୍ଟମ ୩୦୦ରୁ ୭୦୦ ଅରବ ଲିଟର ପର୍ଯ୍ୟନ୍ତ ପାଣି ଖର୍ଚ୍ଚ କରିପାରନ୍ତି। ଯଦି ତୁଳନା କରାଯାଏ, ଏହି ମାତ୍ରା ସାରା ବିଶ୍ୱରେ ବିକ୍ରି ହେଉଥିବା ବୋତଲ ପାଣିଠୁ ମଧ୍ୟ ଅଧିକ। ଅର୍ଥାତ ଯେଉଁ ପାଣିକୁ ଲୋକେ କିଣି ପିଉଛନ୍ତି, ତାଠୁ ଅଧିକ ପାଣି ଏଆଇ ମେସିନ ଚୁପଚାପ ପିଇଯାଉଛନ୍ତି। ମାମଲା କେବଳ ପାଣିରେ ସୀମିତ ନୁହେଁ। ଏହି ଡାଟା ସେଣ୍ଟର ଗୁଡ଼ିକୁ ଚଳାଇବା ପାଇଁ ପ୍ରଚୁର ବିଜୁଳି ମଧ୍ୟ ଆବଶ୍ୟକ। ଏହାର ଅର୍ଥ ଅତ୍ୟଧିକ ଅଙ୍ଗାରକ ନିର୍ଗମନ। ଅନୁମାନ ଯେ ଆଗାମି ଦିନରେ ଏଆଇ ଦ୍ୱାରା ସୃଷ୍ଟି ଅଙ୍ଗାରକ ଅନେକ ବଡ଼ ସହରର ବାର୍ଷିକ ପ୍ରଦୂଷଣ ସହ ସମାନ ହୋଇପାରେ। କିନ୍ତୁ ଏ ବିଷୟରେ କେବେ ଖୋଲା ଆଲୋଚନା ହୁଏନାହିଁ, କାରଣ ଅଧିକାଂଶ ବଡ଼ ଟେକ କମ୍ପାନୀ ନିଜ ଡାଟା ସେଣ୍ଟର ଗୁଡ଼ିକର ଅସଲ ପାଣି ଓ ବିଜୁଳି ଖର୍ଚ୍ଚ ସାର୍ବଜନୀନ କରୁନାହାନ୍ତି। ଏଆଇକୁ ପଚାରାଯାଉଥିବା ପ୍ରଶ୍ନ ଛୋଟ ହୋଇପାରେ, କିନ୍ତୁ ଏହାର ପ୍ରଭାବ ବଡ଼। କୋଟି କୋଟି ଲୋକ ପ୍ରତ୍ୟହ ଏଆଇ ଟୁଲ୍ସର ଉପଯୋଗ କଲେ, ପାଣିର ଖର୍ଚ୍ଚ ଅରବ ଲିଟରରେ ପହଞ୍ଚୁଯାଉଛି। ସେଥିପାଇଁ ବିଶେଷଜ୍ଞମାନେ ଏବେ ଚେତାବନୀ ଦେଉଛନ୍ତି ଯେ ଯଦି କୌଣସି ଯୋଜନା ବିନା ଏଆଇର ଏହି ବେଗ ଜାରି ରହିବତେବେ ଜଳାଭାବ ଆହୁରି ଘନେଇବ।

କୃତ୍ରିମ ବୁଦ୍ଧମତା ବା ଆର୍ଟିଫିସିଆଲ ଇଣ୍ଟେସଲେଜିନ୍ସ ଅର୍ଥ ହେଉଛି ମେଶିନ ଗୁଡ଼ିକ ଦ୍ୱାରା ମାନବୀୟ ବୁଦ୍ଧିର ଅନୁକରଣ। ଏହା ଏପରି ପ୍ରଣାଳୀ ତିଆରି କରେ, ଯାହା ମଣିଷ ପରି ଭାବିପାରେ, ଶିଖିପାରେ, ତଥ୍ୟ ବିଶ୍ଳେଷଣ କରିପାରେ ଓ ନିଷ୍ପତ୍ତି ନେଇପାରେ। ଏଆଇ ବହୁଳ ତଥା ବିବିଧ ତଥ୍ୟ ଓ ଉଚ୍ଚ କମ୍ପ୍ୟୁଟିଙ୍ଗ ଶକ୍ତି ଉପରେ ଭିତ୍ତିକରି କାମ କରେ। ଏଥିପାଇଁ ମନୁଷ୍ୟର ଦୀର୍ଘଦିନର କାର୍ଯ୍ୟପ୍ରଣାଳୀ ଓ ଏହାର ପରିଣାମ ସମ୍ବନ୍ଧୀୟ ତଥ୍ୟକୁ ନେଇ ଅତି ଦକ୍ଷତା ସମ୍ପୂର୍ଣ୍ଣ କମ୍ପ୍ୟୁଟରକୁ ପ୍ରଶିକ୍ଷଣ କରିବାକୁ ପଡ଼େ। କୃତ୍ରିମ ବୁଦ୍ଧିମତା ହେଉଛି ଏକ ପ୍ରଯୁକ୍ତି, ଯାହା ମେଶିନ ଗୁଡ଼ିକକୁ ମାନବୀୟ ବୁଦ୍ଧି, ଚିନ୍ତନ ଓ ଶିକ୍ଷା ଶକ୍ତି ଦେଇଥାଏ। ଏହା ମାନବ ପରି ତଥ୍ୟ ବିଶ୍ଳେଷଣ କରି, ଅନୁଭବରୁ ଶିଖି, ନିଷ୍ପତ୍ତି ନେଇପାରେ। ସମାବେଶୀ ବିକାଶକୁ ତ୍ୱରାନ୍ୱିତ କରିବା ଲାଗି ଏଆଇର ଗୁରୁତ୍ୱପୂର୍ଣ୍ଣ ଭୂମିକା ଦର୍ଶାଇ ନିକଟରେ ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଛି ଏଆଇ ପ୍ରଭାବୀ ସମ୍ମିଳନୀ। ବିଶ୍ୱସ୍ତରରେ ଏଆଇ ବା କୃତ୍ରିମ ବୁଦ୍ଧିମତାର ବ୍ୟବହାର ବଢୁଛି। ଆଗାମୀ ଦୁଇ ବର୍ଷ ମଧ୍ୟରେ ଭାରତ ଏଆଇ ଷ୍ଟାକର ସମସ୍ତ ପାଞ୍ଚଟି ସ୍ତର ମଧ୍ୟରେ ୨୦୦ ବିଲିଅନ ଆମେରିକୀୟ ଡଲାରରୁ ଅଧିକ ନିବେଶ ଯୋଜନା ରଖିଛି। ସରକାରଙ୍କ ବିଶାଳ ପ୍ରସ୍ତୁତି ରହିଛି, ୨୦୪୭ ସୁଦ୍ଧା ଏକ ବିକଶିତ ଭାରତ ଗଠନ କରିବା ଏବଂ ଭାରତକୁ ବିଶ୍ୱରେ ଜ୍ଞାନର ମହାଶକ୍ତି ଭାବେ ପ୍ରତିଷ୍ଠା କରିବାରୁ ଏଆଇ ପ୍ରମୁଖ ଭୂମିକା ଗ୍ରହଣ କରିବ। ଭାରତୀୟ ଯୁବପିଢ଼ୀଙ୍କ ନିଆରା ପ୍ରୟାସ ହିଁ ବିଶ୍ୱ ଏଆଇ ମାନଚିତ୍ରରେ ଭାରତକୁ ଏକ ଅପ୍ରତିଦ୍ୱନ୍ଦ୍ୱୀ ଶକ୍ତି ଭାବେ ଉଭା କରିବ।'

ଭାରତରେ ଏଆଇର ବ୍ୟବହାର ଦ୍ରୁତ ଗତିରେ ବଢୁଛି। ଦେଶରେ ସାପ୍ତାହିକ ଦଶକୋଟି ସକ୍ରିୟ ଉପଯୋଗକାରୀ ରହିଥିବା ଜଣାଯାଇଛି। ତେବେ ଭାରତର ବୈଜ୍ଞାନିକ ଗବେଷଣା ଓ ସହଯୋଗ ପାଇଁ ଓପନ ଏଆଇର ନିଶୁଳ୍କ ଉପକରଣ ପ୍ରିଜମର ଉପଯୋଗ କ୍ଷେତ୍ରରେ ଭାରତ ବିଶ୍ୱରେ ଚତୁର୍ଥ ସ୍ଥାନରେ ରହିଛି। ତେବେ ଏଆଇ ସଂସ୍କୃତି ସହିତ ଜଡ଼ିତ ହେବାପରେ ଯୁବ ଓ ବିଦ୍ୟାର୍ଥୀବର୍ଗ କୌଶଳୀ ପଦ୍ଧତି ଗ୍ରହଣ କରି ନିଜ ଜ୍ଞାନର ବିକାଶ କରିବେ। ଏଆଇ ସାଥୀ ହୋଇପାରେ କିନ୍ତୁ ବିକଳ୍ପ ନୁହେଁ। ତେଣୁ ଚୂଡ଼ାନ୍ତ ନିଷ୍ପତ୍ତି ନେବା ସହ ଏଆଇର ବ୍ୟାପକ ବ୍ୟବହାର ଅନେକ କଳ୍ପନାଜଳ୍ପନା ମଧ୍ୟ ସୃଷ୍ଟି କରିଛି। ଏଆଇ ଜୀବନ ଶୈଳୀ ସହ ଶିଳ୍ପ ଜଗତରେ ମଧ୍ୟ ବିପ୍ଳବ ଆଣିଛି।

ଆଧୁନିକ ମଣିଷ ନିଜର ସୁଖ, ସୁବିଧା, ସୌହାର୍ଦ୍ଦ୍ୟ ତଥା ଜୀବନକୁ ସରଳ କରିବାକୁ ବିଭିନ୍ନ ଉପାୟ ଅବଲମ୍ବନ କରୁଛି। ମଣିଷ ଦିନକୁ ଦିନ ପ୍ରକୃତି ଠାରୁ ଦୂରେଇ କଂକ୍ରିଟ ଜଙ୍ଗଲରେ ରହିବାକୁ ଶ୍ରେୟ ମଣୁଛି। କିନ୍ତୁ ଦିନକୁ ଦିନ ସମାଜରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବା କୃତ୍ରିମ ବୁଦ୍ଧିମତାର ଚାହିଦା ବଢ଼ିବା ଦ୍ୱାରା ଲୋକେ ସ୍ୱାର୍ଥକୈନ୍ଦ୍ରିକ ହେଉଛନ୍ତି। ନିଜର ବୁଦ୍ଧି ଖଟାଇବା ବଦଳରେ ଆମେ ମେଶିନ ଉପରେ ଅଧିକ ନିର୍ଭରଶୀଳ ହୋଇଯାଉଛୁ। ତେଣୁ କୃତ୍ରିମ ବୁଦ୍ଧିମତ୍ତା ଯାହାକି ଏକ ମେଶିନ ଦକ୍ଷତା ମଣିଷର ବୁଦ୍ଧିମତ୍ତାକୁ ବ୍ୟବହାର କରି ମେସିନ ଶିକ୍ଷା, ସମସ୍ୟା ସମାଧାନ, ନିଷ୍ପତ୍ତି ତଥ୍ୟ ବିଶ୍ଳେଷଣ, କାର ଚଳାଇବା, ଚେସ ଖେଳିବା ଭଳି କାର୍ଯ୍ୟ କରିବାକୁ ସକ୍ଷମ ହେଉଛି। ଏହାକୁ ଆମେ କହୁଛୁ କୃତ୍ରିମବୁଦ୍ଧିମତ୍ତା। ଏଆଇ ମାଧ୍ୟମରେ ଭଏସ ଆସିଷ୍ଟାଣ୍ଟ, ସୁପାରିଶ ଭଳି କାର୍ଯ୍ୟ କରାଯାଇ ପାରୁଛି। ବର୍ତ୍ତମାନ ସମୟରେ ମଣିଷର ଦୈନନ୍ଦିନ ଜୀବନରେ ଏହାର ଭୂମିକା ବଢ଼ିବାରେ ଲାଗିଛି।

ଆଇଆଇଟି ଭୁବନେଶ୍ୱର ଓ ଏନଆଇଟି ରାଉରକେଲା ସଂସ୍ଥାମାନେ ଏଆଇ ଗବେଷଣା କ୍ଷେତ୍ରରେ ଆଗରେ ଅଛନ୍ତି। ଏହାର ପ୍ରଭାବରେ ଶିକ୍ଷା, କୃଷି, ବିପର୍ଯ୍ୟୟ ପରିଚାଳନା, ଖଣି ଓ ବୈଦ୍ୟୁତିକ ଶିଳ୍ପରେ ନୂତନ ନିଯୁକ୍ତି ସୃଷ୍ଟି ହେବ। ଏହା ମାଧ୍ୟମରେ ଆମେ ବିଶ୍ୱର ବଡ଼ ବଡ଼ ଟେକ୍ ଯାଏଣ୍ଟ ମାନଙ୍କୁ ଓଡ଼ିଶା ପ୍ରତି ଆକୃଷ୍ଟ କରିପାରିବା ଓ ସ୍ଥାନୀୟ ପ୍ରତିଭାଙ୍କୁ ବିଶ୍ୱସ୍ତରୀୟ ମଞ୍ଚ ପ୍ରଦାନ କରିପାରିବା। ଓଡ଼ିଶାରେ ଖଣି ଇସ୍ପାତ ଏବଂ ମାନୁଫାକ୍ଚରିଂ କ୍ଷେତ୍ରରେ ଏଆଇର ପ୍ରୟୋଗ ଅତ୍ୟନ୍ତ ପ୍ରାସଙ୍ଗିକ। ଏଆଇ ଦ୍ୱାରା ସ୍ମାର୍ଟ ମାଇନିଂ ଏବଂ ପ୍ରେଡିକ୍ଟିଭ ମେଣ୍ଟନାନ୍ସ ସମ୍ଭବ ହେବ, ଯାହା ଉତ୍ପାଦନ ବୃଦ୍ଧି କରିବା ସହ ଦୁର୍ଘଟଣା ହ୍ରାସ କରିବ। ପାରମ୍ପରିକ ଶାରୀରିକ ପରିଶ୍ରମ ବଦଳରେ ଏବେ ଡାଟା ଚାଳିତ ନିଷ୍ପତ୍ତି ଗ୍ରହଣ କରାଯାଇ ପାରିବ, ଯାହା କାର୍ଯ୍ୟଦକ୍ଷତାକୁ ନୂତନ ସ୍ତରକୁ ନେଇଯିବ। ଏଆଇ କେବଳ ସଫ୍ଟୱେର ନୁହେଁ, ଏହା ଅତ୍ୟାଧୁନିକ ଚିପ ଏବଂ ହାର୍ଡ଼ୱେର ଉପରେ ନିର୍ଭରଶୀଳ।

ଓଡ଼ିଶାରେ ଆମକୁ ଭିଏଲଏସଆଇ ଡିଜାଇନ ଏବଂ ଫାବଲେସ ସେମିକଣ୍ଡକ୍ଟର ୟୁନିଟ ପ୍ରତିଷ୍ଠା ଉପରେ ଜୋର ଦେବାକୁ ହେବ। ଏଆଇ ମଣିଷର ବିକଳ୍ପ ନୁହେଁ, ବରଂ ସହଯୋଗୀ। କିଛି ପାରମ୍ପରିକ କାମ ହୁଏତ ସ୍ୱୟଂ ଚାଳିତ ହୋଇଯିବ, କିନ୍ତୁ ଏଆଇ ଡେଭଲପର, ଡାଟା ଆନାଲିଷ୍ଟ ଏବଂ ଏଆଇ ଏଥିକ୍ସ ବିଶେଷଜ୍ଞ ଭଳି ହଜାର ହଜାର ନୂଆ କର୍ମସଂସ୍ଥାନ ସୃଷ୍ଟି ହେବ। ଆମକୁ କେବଳ ନିଜର ଦକ୍ଷତା ବୃଦ୍ଧି ବା ଅପ୍ ସ୍କିଲିଂ କରିବାକୁ ପଡ଼ିବ। ମେସିନ ପାଖରେ ବୁଦ୍ଧି ଥାଇପାରେ, କିନ୍ତୁ ବିବେକ ଓ ସୃଜନଶୀଳତା କେବଳ ମଣିଷ ପାଖରେ ଅଛି। ମୂଳ ଜ୍ଞାନ ମଜଭୁତ ଓ ନୂତନ ଶିଖିବା ମନୋଭାବ ଥିଲେ କୌଣସି ପ୍ରଯୁକ୍ତି କାହାର ଚାକିରୀ ନେଇପାରିବ ନାହିଁ, କାମର ପ୍ରକୃତି ମାତ୍ର ପରିବର୍ତ୍ତନ ହୁଏ। ପ୍ରଥମେ ଆମ ପାଠ୍ୟକ୍ରମରେ ପରିବର୍ତ୍ତନ ଆବଶ୍ୟକ। ସ୍କୁଲ ଓ କଲେଜ ସ୍ତରରୁ ଏଆଇ ଏବଂ କୋଡିଂ ଶିକ୍ଷା ଦିଆଯିବା ଉଚିତ। ଶିକ୍ଷାନୁଷ୍ଠାନ ଓ ଶିଳ୍ପ ଜଗତ ମଧ୍ୟରେ ସମନ୍ୱୟ ରହିଲେ ଛାତ୍ରମାନେ କେବଳ ଥିଓରି ନୁହେଁ, ବରଂ ପ୍ରାକ୍ଟିକାଲ ଜ୍ଞାନ ପାଇପାରିବେ। ସରକାରଙ୍କ ଏଆଇ ପଲିସି ଅଧିକ ନିବେଶକ ଅନକୂଳ ହେବା ସହ ଏକ ସମର୍ପିତ ଏଆଇ ଗବେଷଣା କେନ୍ଦ୍ର ଓଡ଼ିଶାରେ ପ୍ରତିଷ୍ଠା ହେବା ନିତାନ୍ତ ଜରୁରୀ। ଯଦି ଦୀର୍ଘମିଆଦୀ ଯୋଜନା, ଦକ୍ଷ ମାନବ ସମ୍ପଦ ଓ ଶିଳ୍ପ ସହଯୋଗ ରହେ, ତେବେ ଓଡ଼ିଶା ଭାରତର ଏକ ପ୍ରମୁଖ କୃତ୍ରିମ ବୁଦ୍ଧିମତା ଓ ସେମିକଣ୍ଡକ୍ଟର କେନ୍ଦ୍ର ହୋଇପାରିବ। କହିବାକୁଗଲେ ସାମ୍ପ୍ରତିକ ସମୟରେ ଏଆଇକୁ ମଣିଷ ଯେଉଁ ଦିଗରେ ନେବ, ଭବିଷ୍ୟତ ସେହିପରି ଗଢ଼ା ହୋଇପାରିବ ନିଶ୍ଚୟ। ସୁତରାଂ କୃତ୍ରିମ ବୁଦ୍ଧିମତ୍ତାର ବ୍ୟାପକ ପ୍ରସାର ଆମ ସମାଜ, ଅର୍ଥନୀତି, ପ୍ରବନ୍ଧନ ଓ ଦୈନନ୍ଦିନ ଜୀବନରେ ବ୍ୟାପକ ପରିବର୍ତ୍ତନ ଆଣିପାରିବ। ମାତ୍ର ଏହାର ଅପବ୍ୟବହାର ଓ ନିୟନ୍ତ୍ରଣହୀନତା ଦ୍ୱାରା ବିପୁଳ ସଙ୍କଟର ଆଶଙ୍କା ରହିଛି। ସୁତରାଂ ଏହାର ଉପଯୁକ୍ତ ପରିଚାଳନା ଓ ନିୟନ୍ତ୍ରଣ ଦ୍ୱାରା ଆମେ ଏହାକୁ ନିଜର ଜଣେ ଶ୍ରେଷ୍ଠ ବନ୍ଧୁ ରୂପରେ ବ୍ୟବହାର କରି ମାନବ ସଭ୍ୟତାର କଲ୍ୟାଣ ସାଧନ କରିପାରିବା।

*ବ୍ୟବସାୟ ରଣନୀତି ଓ କର୍ପୋରେଟ*
*ନେତୃତ୍ୱ ବିଶେଷଜ୍ଞ*
*ଗୁରୁଗ୍ରାମ, ହରିୟାନା*

# ସାହିତ୍ୟ ସନ୍ନ୍ୟାସୀ - ମନୋଜ ଦାସ



**ଅକ୍ଷୟ କୁମାର ରାଉତ**

ସାହିତ୍ୟ ସତ୍ୟ-ଶିବ-ସୁନ୍ଦର କଥା କହେ। ସାହିତ୍ୟ ଗୋଟିଏ ଦେଶ, ଜାତି ଓ ସମାଜର କଥା କହେ। ମଣିଷଙ୍କୁ ଅସତ୍ ପଥରୁ ସତ୍‌ପଥକୁ, ଅନ୍ଧାରରୁ ଆଲୋକକୁ, ଅନୀତି କାର୍ଯ୍ୟରୁ ନୀତି ଓ ଆଦର୍ଶକୁ, ଅବାଟରୁ ବାଟକୁ, ଅବିଦ୍ୟାରୁ ବିଦ୍ୟାକୁ, ବିଶୃଙ୍ଖଳାରୁ ଶୃଙ୍ଖଳାକୁ, ଅସୁନ୍ଦରରୁ ସୁନ୍ଦର ଆଡକୁ ନେବାରେ କାଳଜୟୀ ସ୍ରଷ୍ଟା ତାର ସାହିତ୍ୟ ମାଧ୍ୟମରେ ସଫଳ ହୁଏ। ମାଟି ମା' ଓ ମାନବିକ ମୂଲ୍ୟବୋଧର ଭାବ ଭାଷା ଶବ୍ଦ ଏବଂ ଶୈଳୀକୁ କଲମ ମୁନରେ ଯିଏ ସମ୍ମାନ ଦିଏ, ସେ ହେଉଛନ୍ତି ଆନ୍ତର୍ଜାତିକ ଲେଖକ, କଥାକାର, ସାଧକ ପଦ୍ମଭୂଷଣ ମନୋଜ ଦାସ। ଭାରତୀୟ କଥା ସାହିତ୍ୟର ନାୟକ ୧୯୩୪ ମସିହା ଫେବୃଆରୀ ମାସ ୨୭ ତାରିଖରେ ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକ୍ ଶଙ୍ଖାରୀ ଗ୍ରାମରେ ପିତା ମଧୁସୂଦନ ଦାସ ଓ ମାତା କାଦମ୍ବିନୀ ଦେବୀଙ୍କ କୋଳମଣ୍ଡନ କରିଥିଲେ। ତାଙ୍କ ଜ୍ୟେଷ୍ଠ ଭାଇଙ୍କ ନାମ ଥିଲା ଐତିହାସିକ ଡ.ଃ ମନ୍ମଥନାଥ ଦାସ। ତାଙ୍କ ତିନି ଭଉଣୀଙ୍କ ନାମ ସୁରବାଳା, ସ୍ନେହବାଳା ଓ ଶାନ୍ତିବାଳା ଥିଲା।

ନିଜ ଗାଁ ଶଙ୍ଖାରୀ ନିମ୍ନ ପ୍ରାଥମିକ ବିଦ୍ୟାଳୟରେ ତାଙ୍କର ଖଡିଛୁଆଁ ହୋଇଥିଲା। ଜମାଲପୁରସ୍ଥିତ ବିଶ୍ୱନାଥ ଏକାଡେମୀ, ଜଳେଶ୍ୱରପୁର ହାଇସ୍କୁଲ ଓ ବାଲେଶ୍ୱର ଜିଲ୍ଲା ହାଇସ୍କୁଲରୁ ପାଠପଢ଼ା ଶେଷକରି ୧୯୫୧ ମସିହାରେ ମାଟ୍ରିକ ପାସ୍ କରିଥିଲେ। ପାଠ ପଢ଼ିବା ସମୟରେ ସେ ତାଙ୍କର ବଡଭାଇ ମନ୍ମଥନାଥ ଦାସଙ୍କ ସାଙ୍ଗରେ ଯେଉଁ ଭଡାଘରେ ରହୁଥିଲେ ସେ ଘରଟି ଥିଲା କଥାସାହିତ୍ୟର ସମ୍ରାଟ ଫକୀର ମୋହନଙ୍କର। ସେ ଫକୀରମୋହନ ମହାବିଦ୍ୟାଳୟରୁ ଇଣ୍ଟର ମିଡିଏଟ୍ ପାସ୍ କରିଥିଲେ। ୧୯୫୩-୫୪ ମସିହାରେ ସେ ଏଫ୍.ଏମ୍.କଲେଜ ଛାତ୍ର ୟୁନିଅନର ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ନିଖିଳ ଉତ୍କଳ ଛାତ୍ର ସଂଘର ସମ୍ପାଦକ ଭାବେ ସେ ନିର୍ବାଚିତ ହୋଇଥିଲେ। ୧୯୫୬ ମସିହାରେ ସେ ସାମନ୍ତ ଚନ୍ଦ୍ରଶେଖର କଲେଜରୁ ବି.ଏ. ପାସ୍ କରିଥିଲେ। ମଧୁସୂଦନ ଆଇନ ମହାବିଦ୍ୟାଳୟରୁ ଆଇନରେ ସ୍ନାତକ ପାସ୍ କରିଥିଲେ। ସେ ମଧ୍ୟ ଆଇନ କଲେଜ୍ ୟୁନିଅନର ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ଇଣ୍ଡୋନେସିଆଠାରେ ଅନୁଷ୍ଠିତ ଏସିଆ-ଆଫ୍ରିକା ଛାତ୍ର ସମ୍ମିଳନୀରେ ସେ ଭାରତୀୟ ଛାତ୍ର ସମାଜର ପ୍ରତିନିଧି ଭାବେ ଯୋଗଦେଇଥିଲେ। ୧୯୫୯ ମସିହାରେ ରେଭେନ୍ସା କଲେଜରୁ ଇଂରାଜୀ ଭାଷା ସାହିତ୍ୟରେ ସ୍ନାତକୋତର ପାସ୍ କରି କଟକର ଖ୍ରୀଷ୍ଟ୍ କଲେଜରେ ଅଧ୍ୟାପକ ଭାବେ ଯୋଗଦାନ କରିଥିଲେ।

କୁଜଙ୍ଗ ରାଜ୍ୟର ରାଜକନ୍ୟା ରତ୍ନମାଳି ଜେମା ଓ କୁଜଙ୍ଗ ଗାନ୍ଧି, ପୂର୍ବତନ ଉପବାଚସ୍ପତି ନାରାୟଣ ବୀରବର ସାମନ୍ତଙ୍କ ଜ୍ୟେଷ୍ଠ କନ୍ୟା ପ୍ରତିଜ୍ଞା ଦେବୀଙ୍କ ସହ ମନୋଜ ଦାସଙ୍କ ୧୯୫୯ ମିସିହାରେ ବିବାହ ହୋଇଥିଲା। ୧୯୬୩ ମସିହାରେ ସେ ଶ୍ରୀ ଅରବିନ୍ଦ ଓ ଶ୍ରୀମାଙ୍କ ଦର୍ଶନ ପ୍ରତି ଆକୃଷ୍ଟ ହୋଇ ପଣ୍ଡିଚେରୀର ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରରେ ଅଧ୍ୟାପକ ଭାବେ ଯୋଗଦାନ କରିଥିଲେ। ଶେଷ ପର୍ଯ୍ୟନ୍ତ ସେ ଶ୍ରୀଅରବିନ୍ଦଙ୍କ ଆଶ୍ରମରେ ରହିଥିଲେ। ପିଲାଦିନୁ ତାଙ୍କ ମା କାଦମ୍ବିନୀ ଦେବୀଙ୍କ ପ୍ରଭାବ ତାଙ୍କ ଉପରେ ପଡିଥିଲା। ସେଥିପାଇଁ ସେ ସାହିତ୍ୟ ଆଡକୁ ମନ ବଳାଇଥିଲେ। ପରେ ସେ ଫକୀର ମୋହନଙ୍କ କୋଠାରେ ରହି ପଢ଼ିବା ଯୋଗୁ ତାଙ୍କର ଲେଖନୀ ଚାଳନା ସମସ୍ତଙ୍କୁ ବିସ୍ମିତ କରିଥିଲା। ଛୋଟ ଅବସ୍ଥାରୁ ସେ ହାରମୋନିୟମ ଧରି ଗୀତ ଗାଇବା ସହିତ ବଂଶୀବାଦନ କରୁଥିଲେ। ସେ ନିଜେ ସଙ୍ଗୀତ ନିର୍ଦ୍ଦେଶନା ଦେଉଥିଲେ। ସ୍କୁଲରେ ପଢ଼ିବା ସମୟରୁ ସେ ମାର୍କସବାଦ ପ୍ରତି ଆକୃଷ୍ଟ ହୋଇଥିଲେ। ଜଣେ ବିପ୍ଳବୀ ଛାତ୍ର ନେତା ଭାବରେ ୧୯୫୫ ମସିହାରେ ସେ କାରାବରଣ କରିଥିଲେ। ମନୋଜ ଦାସ ବିଶ୍ୱ କଥା ସାହିତ୍ୟର ଜଣେ ନାୟକ। ତାଙ୍କ କବିତା ଓ ପ୍ରବନ୍ଧ ଗଭୀର ଆତ୍ମିକ ଅନ୍ୱେଷାବୋଧ ଏବଂ ଛାନ୍ଦମୟ। ଉପନ୍ୟାସରେ ସମାଜର ସବୁ ଦିଗନ୍ତ ଓ ପରିଧିର ଭାବକୁ ରୂପାୟନ କରି ସମସ୍ତ ପାଠକ ମହଲରେ ସେ ବିଜୟ ଲାଭ କରିଛନ୍ତି ହୃଦୟର ଭଲ ପାଇବା। ଏହି ସାହିତ୍ୟ ସନ୍ନ୍ୟାସୀ ବହୁ ଉପନ୍ୟାସ, କ୍ଷୁଦ୍ରଗଳ୍ପ, ଭ୍ରମଣ କାହାଣୀ, କବିତା ଓ ଇତିହାସ ସଂସ୍କୃତି ରଚନା କରି ପ୍ରଜ୍ଞାପୁରୁଷ ଭାବେ ସାମଜରେ ପ୍ରଶଂସିତ ହୋଇଛନ୍ତି। ଉପନ୍ୟା ଗୁଡିକହେଲା - ଗୋଧୂଳିର ବାଘ (୧୯୯୫), ବୁଲଡୋଜର୍ସ (୧୯୮୯), ଅମୃତ ଫଳ (୧୯୯୭), ଆକାଶର ଇସାରା (୧୯୯୭), ଚନ୍ଦ୍ରାଲୋକର ପ୍ରହରୀ (୨୦୦୦), ଦ ଏସ୍କେପିଷ୍ଟ, ଏ ଟାଇଗର ଆଟ୍ ଟ୍ୱିଲାଇଟ୍, କନକ ଉପତ୍ୟକାର କାହାଣୀ, ଶେଷ ତାନ୍ତ୍ରିକର ସନ୍ଧାନରେ। ଗଳ୍ପ ସଙ୍କଳନ ସମୁଦ୍ରର କ୍ଷୁଧା (୧୯୫୨), ଜୀବନର ସ୍ୱାଦ (୧୯୫୩), ବିଷକନ୍ୟାର କାହାଣୀ (୧୯୫୪), ଆରଣ୍ୟକ (୧୯୭୦), ଶେଷ ବସନ୍ତର ଚିଠି (୧୯୬୫), ମନୋଜ ଦାସଙ୍କ କଥା ଓ କାହାଣୀ (୧୯୭୧), ଲକ୍ଷ୍ମୀର ଅଭିସାର (୧୯୭୪), ଆବୁ ପୁରୁଷଓ ଅନ୍ୟାନ୍ୟ କାହାଣୀ (୧୯୭୭), ମନୋଜ ପଂଚବିଂଶତି (୧୯୮୩), ଭିନ୍ନ ମଣିଷ ଓ ଅନ୍ୟାନ୍ୟ କାହାଣୀ (୧୯୮୭), ଚତୁର୍ଥ ବନ୍ଧୁ ଓ ଅନ୍ୟାନ୍ୟ କାହାଣୀ (୧୯୯୦), ଅବୋଲକରା କାହାଣୀ (୧୯୯୧), ମନୋଜ ଦାସଙ୍କ ଗଳ୍ପ (୧୯୯୨), ସମୁଦ୍ରକୂଳର ଏକ ଗ୍ରାମ। ଭ୍ରମଣ କାହାଣୀ - ଇନ୍ଦୋନେସିଆ ଅନୁଭୂତି (୧୯୫୭), ଦୂର ଦୂରାନ୍ତର (୧୯୭୩), ଅନ୍ତରଙ୍ଗ ଭାରତ; ପ୍ରଥମ ଭାଗ (୧୯୯୨), ଦ୍ୱିତୀୟ ଭାଗ (୧୯୯୬), କବିତା ସଙ୍କଳନ - ଶତାବ୍ଦୀର ଆର୍ତ୍ତନାଦ (୧୯୪୯), ବିପ୍ଳବୀ ଫକୀର ମୋହନ (୧୯୫୦) ପଦଧ୍ୱନି (୧୯୫୪), ନନ୍ଦାବତୀର ମାଝୀ (୧୯୫୭), ଉପନିବେଶ (୧୯୬୬) ତୁମ ଗାଁ ଓ ଅନ୍ୟାନ୍ୟ କବିତା (୧୯୯୨), ଏହିପରି ଅନେକ ସାହିତ୍ୟର ସ୍ରଷ୍ଟା ଭାବରେ ଶ୍ରଦ୍ଧା ଓ ସମ୍ମାନ ଅର୍ଜନ କରିଛନ୍ତି ତାହା ଆଉ କୌଣସି ଆଧୁନିକ ଓଡିଆ ଗଳ୍ପ ନାୟକଙ୍କ ପକ୍ଷରେ ସମ୍ଭବ ନୁହେଁ। ସାଧନା, ଚେଷ୍ଟା, ପରାକାଷ୍ଠା ଓ ନିପୁଣତା ଯୋଗୁ ଏହି ମହାନ୍ ସାରସ୍ୱତ ସାଧକ ଅନେକ ପୁରସ୍କାରର ଅଧିକାରୀ ହୋଇଥିଲେ। ମନୋଜ ଦାସ ଓଡିଶା ସାହିତ୍ୟ ଏକାଡେମୀ ଓ ଅତିବଡି ପୁରସ୍କାର ୧୯୭୨ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀ, ୧୯୮୦ରେ ଶାରଳା ପୁରସ୍କାର, ୨୦୦୧ ମସିହାରେ ପଦ୍ମଶ୍ରୀ ଓ ୨୦୨୦ରେ ପଦ୍ମଭୂଷଣ ସମ୍ମାନରେ ସମ୍ମାନିତ ହୋଇଥିଲେ। ସେ ତାଙ୍କର ଉପନ୍ୟାସ ଅମୃତ ଫଳ ପାଇଁ ସରସ୍ୱତୀ ସମ୍ମାନ ଲାଭ କରିଥିଲେ।

ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ଲେଖକ ବିଶିଷ୍ଟ କଥାକାର, ସାଧକ, ପଦ୍ମଭୂଷଣ ମନୋଜ ଦାସ ୮୭ ବର୍ଷ ବୟସରେ ୨୦୨୧ ମସିହା ଏପ୍ରିଲ୍ ୨୭ ତାରିଖ ମଙ୍ଗଳବାର ଦିନ ଶ୍ରୀ ଅରବିନ୍ଦ ଆଶ୍ରମ ନର୍ସିଂହୋମ୍‌ରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କ ଆବର୍ତ୍ତମାନରେ ଭାରତୀୟ ସାହିତ୍ୟ ଜଗତରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି। ଏହି ବିଶିଷ୍ଟ ସାହିତ୍ୟ ସାରଥି ଆମ୍ଭମାନଙ୍କ ମଧ୍ୟରେ ସର୍ବଦା ଅମର ହୋଇ ରହିବେ।

*ପାରାଦ୍ୱୀପଗଡ, କୁଜଙ୍ଗ,*
*ଜଗତ୍‌ସିଂହପୁର*
*ଦୂରଭାଷ : ୯୯୩୭୬୯୧୪୭୫*

# ବିନା ଆଦର୍ଶ ଜୀବନ ଲକ୍ଷ୍ୟ ହୀନ



**ମନୋଜ କୁମାର ବେହେରା**

ଆପଣଙ୍କୁ ନିଜ ପାଇଁ ଗୋଟିଏ ଆଦର୍ଶ ଖୋଜିବାର ଆବଶ୍ୟକତା ଅଛି। ଏହି ଆଦର୍ଶ ହୋଇପାରେ ନିଜର ବୃତ୍ତିରେ ଉତ୍କୃଷ୍ଟତା ପ୍ରାପ୍ତ କରିବା,କୌଣସି ରାଜନୈତିକ ବିଚାର, କୌଣସି ଆର୍ଥିକ ପ୍ରଣାଳୀ ଯେମିତି ଆପଣ ଆଗକୁ ବଢିବାକୁ ଚାହାନ୍ତି କିମ୍ବା ସାମାଜିକ ମୂଲ୍ୟର ପାଳନ କରିବା କିମ୍ବା ନୈତିକତା ଏବଂ ଚରିତ୍ରରେ ଅଟଳ ରହିବା। ଏହି ଆଦର୍ଶର ପ୍ରତି ଆମେ ଅଟଳ ଆଉ ପ୍ରତିବଦ୍ଧ ରହିବା ଦରକାର। କୌଣସି ପରିସ୍ଥିତିରେ ନିଜର ସିଦ୍ଧାନ୍ତରେ ପଛକୁ ନହିଟିବା। ଯଦି ଆବଶ୍ୟକ ପଡିବ ତା'ହେଲେ ତାହାର ପାଇଁ ତ୍ୟାଗ କିମ୍ବା ବଳିଦାନ ଦେବା ପାଇଁ ମଧ୍ୟ ତତ୍ପର ରହିବା। କିନ୍ତୁ ଗୋଟିଏ ମାତ୍ରରେ ମଧ୍ୟ ରାଜିନାମା କରିବନି। ଥରେ ଯେତେବେଳେ ଆମେ ନିଜର ଅଦର୍ଶ ଖୋଜି ନେଇଥାଉ, ଆଉ ଆମ ଭିତରେ ଶ୍ରେଷ୍ଠତମ ଗୁଣ ପ୍ରକଟ ହେବାକୁ ଲାଗିଥାଏ। ଯେପର୍ଯ୍ୟନ୍ତ ଏହା ମିଳେ ନାହିଁ, ଆମେ କେବଳ ଉପରସ୍ତର ଦକ୍ଷତା ହିଁ ପ୍ରାପ୍ତ କରିଥାନ୍ତି କିନ୍ତୁ ଆମେ ନିଜର ପ୍ରକୃତ ଶ୍ରେଷ୍ଠ ସ୍ୱରୂପର ଅନୁଭବ କରିପାରନ୍ତି ନାହିଁ। ବିନା ଆଦର୍ଶରେ ଆମର ଜୀବନ ଲକ୍ଷ୍ୟ ହୀନ ପ୍ରତୀତ ହୋଇଥାଏ। ବେଳେବେଳେ ଏମିତି ବି ଅଭ୍ୟାସ ହୋଇଥାଏ କି ଜୀବନ ବ୍ୟର୍ଥ ଅଟେ। ସ୍ୱାମୀ ଚିନ୍ମୟାନନ୍ଦ ଜୋର୍ ଦେଇଥାନ୍ତି କି ଆମକୁ ଉଚ୍ଚତମ ଆଦର୍ଶ ଖୋଜିବା ଦରକାର। ଏହା ସେବା,ନ୍ୟାୟ,ଆତ୍ମ-ବିଶ୍ୱାସ ଅଥବା ଆତ୍ମନୁଭୂତି କିଛି ବି ହୋଇପାରେ। କିନ୍ତୁ ଆମର ପାଖରେ କୌଣସି ପ୍ରେରଣା ସ୍ରୋତ ହେବା ଦରକାର, ଯିଏ ଆମକୁ ଆମର ସର୍ବୋତ୍ତମ ସ୍ୱରୂପ ଆଡକୁ ନେଇଯିବ। ଆମର ପୂର୍ଣ୍ଣ ପ୍ରକାରର ପ୍ରାପ୍ତିରେ ସହାୟକ ହେବ ତଥା ମାନବ ସେବାର ଦିଶାରେ ପ୍ରେରିତ କରିବ। ଭାବନ୍ତୁ ଖେଳକୁଦ ଦଳର ଗୋଟିଏ ଖେଳାଳୀ, ଯଦି ତାହାର ଉଦ୍ଦେଶ୍ୟ କେବଳ ମିତ୍ରଙ୍କ ସହିତ ସମୟ ବିତେଇବା ତଥା ମନୋରଞ୍ଜନ କରିବାକୁ ହେବ, ତା'ହେଲେ ସେ ନିଜର ପୂର୍ଣ୍ଣ କ୍ଷମତା ପର୍ଯ୍ୟନ୍ତ ପହଞ୍ଚି ପାରିବନି। ସ୍ୱାମୀ ଚିନ୍ମୟାନନ୍ଦ କୁହନ୍ତି, ସମସ୍ତଙ୍କର ଅସ୍ତିତ୍ୱ ଅଛି, ମାତ୍ର କିଛି ଜଣ ଅଛନ୍ତି, ଯିଏ ଜୀଅଁନ୍ତି। ଜୀଇଁବା ପାଇଁ ଆପଣଙ୍କର ଗୋଟିଏ ଆଦର୍ଶ ହେବା ଜରୁରୀ।

*ପ୍ଲଟ ନମ୍ବର-୨୧୭/ପି,*
*ବାୟାବାବା ମଠ ଲେନ୍,*
*ୟୁନିଟ୍-୯(ଫ୍ଲାଟ),ଭୁବନେଶ୍ୱର-୨୨*
*ଦୂରଭାଷ : ୭୯୭୮୮୩୦୬୧୧*

**ଯୋଗାଯୋଗ ଠିକଣା**
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ଏ ସମୟରେ ଦୂର କ'ଣ ?

**ଉତ୍କଳାନନ୍ଦ ଅଜୟ କୁମାର ବେହେରା**

ଆଜି ଗ୍ରହ ନକ୍ଷତ୍ରକୁ ଯାତ୍ରା ଦୂର ନୁହେଁ, ବିଦେଶ ଯାତ୍ରା ଦୂର ନୁହଁ, ମୋବାଇଲ ଫୋନରେ ବିଦେଶ ଆତ୍ମୀୟ ବନ୍ଧୁ ପ୍ରିୟଜନ ସମ୍ଭାଷଣ ନଖ ଦର୍ପଣ ବିଦ୍ୟା। କୁଛ ତପସ୍ୟା ସାଧନା ଏବେ ଅପାର ବୋଧ ଶିବ ବର୍ଷ ବର୍ଷ ତପସ୍ୟା ପାଇଁ ହିମାଳୟ ଖୋଜି ବସିବାକୁ ଏ ମଣିଷ ହାସ୍ୟ କରୁଛନ୍ତି କାରଣ ଏବେ ଘର ଘର ହିମ ଆଳୟ ଏସି ଯନ୍ତ୍ର କରିଦେଉଛି ବାବୁମାନେ ଏଥିରେ ବସି କାମ କରି ଚାଲୁଛନ୍ତି ରାସ୍ତାରେ ଗମନ କାଳରେ ହିମଗର୍ଭ ଯାନରେ ଯାହା ଯାତ୍ରା, ଗଙ୍ଗାମା ଭଗିରଥି ରାଜଙ୍କ ତପସ୍ୟାରେ ସଗର ବଂଶଙ୍କ କପିଳ ଶାପ୍ୟରୁ ଉଦ୍ଧାର ପାଇଁ ଆସିଥିଲେ। ବୋଧେ ଭାବ ଏହା ନଥିଲା ଏବେ କାର ସମସ୍ତଙ୍କ ସ୍ନାନ ଶୌଚ ଗୃହକୁ ଜଳଯୋଗାଇ ତୃପ୍ତ ପାଇଁ ଆସିବା ହୋଇଥିଲା, ପୁଣି ଗଙ୍ଗାମା ରାଜକର ଆଦାୟର ଏକ ଉପାୟ ହେବେ ଏହା ବି ଅନ୍ୟ କାରଣ ହୋଇପାରେ। ସେ ପତିତପାବନୀ ତେବେ ରାଜାରାଜୁଡ଼ା ଧନ୍ୟାଢ଼୍ୟ ଏମାନେ କ'ଣ ପତିତ ? ଶାସ୍ତ୍ର ଇତିହାସ ତ ତାଙ୍କରି ପାଇଁ ଲିଖିତ ସବୁ କାନୁନରେ ଗଳବାଟ ତାଙ୍କରି ପାଇଁ ଧନରୁ ଧନକାଢ଼ିବା ବିଦ୍ୟା ତାଙ୍କରି ପାଇଁ ତେବେ ଶାସ୍ତ୍ର କଳ୍ପିତ ସାଗର ବଂଶ ଦାୟାଦ କଣ ଏଇମାନେ କି ? ଗର ଅର୍ଥ ବିଷ୍ଣୁ 'ସ' ଆଗରେ ଲାଗୁଛି ସହ ବା ସଂଯୁକ୍ତ ଅର୍ଥ ଅର୍ଥ ଦର୍ଶାଇ। ଧନ ଦୌଲତକୁ ବିଷୟ କହନ୍ତି। ଏଇ ବିଷୟରେ ବିଷ ମିଶିକରି ଅଛି, ଅତଏବ ଏମାନେ ବିଷୟ ଭୋଗ କରୁନାହାନ୍ତି ବିଷ ଦହିକ୍ୟ ଭୋଗୁଛନ୍ତି। ପ୍ରକୃତରେ ସଗରଙ୍କ ଉତ୍ତରାଧିକାରୀ ଶତ ଯଜ୍ଞ ସଂକଳ୍ପରେ ଉନଶତ ସମାପ୍ତରେ ସଗରଙ୍କ ପୁଣ୍ୟ ଋଷି ଶାପ୍ୟ ତୁ ଯେ ଚାଲିଯାଇପାରେ ଏକଥା ସଗର ରାଜାଙ୍କ ନଥିଲା ଆଉ ଏ ଯୁଗ ସଗର ଉତ୍ତରାଧିକାରୀଙ୍କ କେମିତିକା ହେବ।

ଅଭିଶାପ ଗଛର ଫଳ ନୁହେଁ, କୌଣସି ଯନ୍ତ୍ର ଏହାର ନିର୍ଦ୍ଧାରଣ କରିନପାରେ ଗଢ଼ତା ମାପିନପାରେ, ବେତନଭୋକ୍ତ ମାନେ ବୃତ୍ତି ବଞ୍ଚାଇବା ପାଇଁ କେବେ ଉପଦେଶ ଦେବେନାହିଁ। ଅତୀତରେ କୁରୁ ବଂଶ ଧ୍ୱଂସର ମୁଳକାରଣ ବୃତ୍ତିଭୋକ୍ତା ବୟସ୍କ ମାନେ ରାଜସଭାରେ ଏକନାରୀ ନିର୍ଯ୍ୟାତନାର ବିଷୟ ଶେଷ ପରିଣତି ପାଇଁ ଚେତାଇ ନାହାନ୍ତି, ଶେଷରେ ନିଜେ ମରିଛନ୍ତି ବଉଁଶ ବୁଡ଼ା ହୋଇଛନ୍ତି। ସବୁ ବଡ଼ ପଦବୀଧାରୀଙ୍କ ଭୁଲ କହିଲେ ଗରଦନ ଯିବ, ସମାଲୋଚନ କଲେ ଜଳ ପାତାଳଠାବ ରହିବ ନାହିଁ, ହେଲେ ସମସ୍ତେ ସ୍ଥବିରହେବେ ମୃତ୍ୟୁ ଲଭିବେ ଅର୍ଜିତ ଧନ ପଦବୀ ବିଷୟ ବାସନା କ'ଣ ନେଇକରି ଯିବେ କି ? ତେବେ ଅଢ଼େଇ ଦିନକୁ ବଢ଼େଇ କାହିଁକି ? ଏହା ହିଁ ଦୂର, ଭାବନା ଦୂର, କାହାରି ସହ କାହାରି ମନ ମିଳୁନାହିଁ, ସର୍ବତ୍ର ଅହଂକାର, ଏହା ସମ୍ପର୍କ ଛେଦ କରୁଛି ଏସବୁ ମହାଗର।

*ବରେଣ୍ୟ ବାଣୀ' ପିସି ସରକାର*
*ଲେନ୍, ଅରୁଣୋଦୟ ମାର୍କେଟ,*
*କଟକ,*
*ଦୂରଭାଷ : ୯୪୩୭୦୩୧୨୫୩*

## ଧାରାବାହିକ ଉପନ୍ୟାସ


କମଳିନୀ ମଲ୍ଲିକ

ଓଡିଆ ସାହିତ୍ୟ ଜଗତରେ କମଳିନୀ ମଲ୍ଲିକ ଏକ ପରିଚିତ ସ୍ରଷ୍ଟା । ପ୍ରଥମରୁ ଶିଶୁ ସାହିତ୍ୟରେ ଲେଖନୀ ଚାଳନା କରିଥିବା କମଳିନୀ ମଲ୍ଲିକ୍ ପରବର୍ତ୍ତି ସମୟରେ ଆଧୁନିକ ଗଳ୍ପ ଓ କବିତା ରଚନା କରି ବେଶ୍ ପାଠକପ୍ରିୟ ହୋଇ ପାରିଛନ୍ତି ଏବଂ ତାଙ୍କର ଶତାଧିକ ଗଳ୍ପ ଓ କବିତା ବହୁ ପ୍ରତିଷ୍ଠିତ ସାହିତ୍ୟ ପତ୍ର ପତ୍ରିକାରେ ପ୍ରକାଶିତ ହୋଇଛି । ବିଶେଷଭାବେ ଗଳ୍ପ ରଚନାରେ ନିଜକୁ ଖୁବ୍ ନିବିଷ୍ଟ କରିଥିବା ଏହି କଥାକାରଙ୍କର ଲେଖାରେ ଜୀବନବାଦର ଚମତ୍କାର ଉପସ୍ଥାପନା ଓ ଶୈଳୀ ପାଠକମାନଙ୍କୁ ମୁଗ୍ଧ କରିଛି । ସାମାଜିକ ସ୍ତରରେ ହେଉ ଅବା ବ୍ୟକ୍ତିଗତ ସ୍ତରରେ ଘଟୁଥିବା ଦୈନନ୍ଦିନ ଘଟଣାବଳୀକୁ ସେ ତାଙ୍କର ପ୍ରତ୍ୟେକଟି ଗଳ୍ପର ପୃଷ୍ଠଭୂମିରେ ଏପରି ସମାହିତ କରିଥାନ୍ତି, ଯେଉଁଥିରେ କାରୁଣ୍ୟ, ଆବେଗ, ଦର୍ଶନ, ପ୍ରେମ ସହିତ ଥାଏ ମଧ୍ୟ ସାମାଜିକ ପ୍ରତିଶ୍ରୁତି ଓ ପ୍ରତିବଦ୍ଧତା । ସ୍ୱାର୍ଥପରତା ଓ ସୁବିଧାବାଦିତାକୁ ଆପଣେଇ ନେଉ ନେଉ ଭଲୁ ଯାଉଥିବା ଜୀବନର ଉଚିତ୍ ମାର୍ଗକୁ କଥାକାର ପରୋକ୍ଷ ଭାବରେ କି ଆ ପ୍ରତ୍ୟେକ୍ଷ ଭାବରେ ତାଙ୍କ କଥା କାରିଗରିତାରେ ଦର୍ଶାଇଥାନ୍ତି । ସରଳ, ସହଜ ଓ ସାବଲୀଳ ଭାବରେ କୌଣସି ଶଢାଡ ଝର ବିନା ଏବଂ ନିଜେ ନିରବଚ୍ଛିନ୍ନ ଓ ନିର୍ବିକାର ହୋଇ ଲେଖି ଚାଲିଥିବା ଲେଖିକା କମଳିନୀ ମଲ୍ଲିକଙ୍କ ଗଳ୍ପ ଓ କବିତା ପ୍ରତ୍ୟେକ ପାଠକଙ୍କୁ ବାନ୍ଧି ରଖିବାର କ୍ଷମତା ରଖେ ।

ଭାଗ-୫




*(ପୂର୍ବପ୍ରକାଶ ଉତ୍ତାରୁ)*

ଦୀନେଶ ତାଙ୍କ ବାପାମାଆଙ୍କର ଏକମାତ୍ର ପୁଅ ଥିଲେ । ସେଥିପାଇଁ ଶାଶୁ ଶ୍ୱଶୁରଙ୍କ ମନରେ ବି ବହୁତ ଦୁଃଖ ଓ ନୈରାଶ ଭାବ ମୁଣ୍ଡ ଟେକୁଥିଲା । ଶ୍ୱଶୁର ଯଦିଓ ଚୁପ୍ ରହୁଥିଲେ କିନ୍ତୁ ଶାଶୁ ସବୁବେଳେ ଅଡି ବସୁଥିଲେ । ପ୍ରାୟ ସମୟ ଫୋନରେ ସେହି ଶୂନ୍ୟ ଗର୍ତ୍ତକୁ ଖୋଳି ଦେଉଥିଲେ । କାହିଁକି ଛୁଆପିଲା ଆଜିଯାଏଁ କରୁନ, କଣ ତମର ଅସୁବିଧା ହେଉଛି । ଛୁଆ କଣ ଅଡୁଆ ଲାଗୁଛି । ଏ ବଂଶ ତ ପୁଣି ରହିବ ନା ନାହିଁ । ପିତୃପୁରୁଷଙ୍କୁ ନିରାଶ କରିବ । କଣ ସମୟ ଆସିନି ନା ବୟସ ହେଇନି । ଏମିତି କେତେ କଥା ଏକା ନିଃଶ୍ୱାସକେ ଗାଳି ଦିଅନ୍ତି ସେ ରଶ୍ମୀଙ୍କ ଆଗରେ । ରଶ୍ମୀଙ୍କୁ ଲାଗେ ଯେମିତି ସେଗୁଡାକ କଥା ତ ନୁହେଁ ଗୋଟାଏ ଗୋଟାଏ କଂଟା ଫୋପାଡୁଛନ୍ତି ଶାଶୁ । କେତେ ଯେ ଆଘାତ ଲାଗୁଛି ସେକଥା ସେ ବୁଝିବାକୁ ଚେଷ୍ଟା କରନ୍ତି ନାହିଁ । ଭାରି ବାଧେ, ଭାରି କାଟେ । ହେଲେ ତାଙ୍କ ପାଖରେ କିଛି ପ୍ରତ୍ୟୁତ୍ତର ନଥାଏ । କେବଳ ନିଜ ଭାଗ୍ୟକୁ ନିନ୍ଦିବା ଛଡା । ଏମିତିକି ସେ ଏସବୁ ଦୀନେଶଙ୍କ ପାଖରେ ବି ଲୁଚେଇ ରଖି ଦିଅନ୍ତି ।

ସତରେ ଯଦି ଦୀନେଶ ତାଙ୍କ ଜୀବନସାଥୀ ହୋଇନଥାନ୍ତେ, ତାଙ୍କ ଜୀବନଟା ଯେ କଣ ହେଇଥାନ୍ତା, ସେକଥା ଭାବି ବି ହେଉନାହିଁ । ଜୀବନର ଗତିପଥ କେଉଁ ଦିଗକୁ ବଦଳି ଥାନ୍ତା । ସେ କଣ ତିଷ୍ଠି ପାରିଥାନ୍ତେ ନା ବଂଚିଥାନ୍ତେ । ଶାଶୁଘର ଲୋକଙ୍କ ପାଇଁ ତ ସେ ଏମିତିରେ ବି ବିତୃଷ୍ଣା ଓ ତିରସ୍କାରର ପାତ୍ରୀ ହୋଇ ସାରିଲେଣି । ତ୍ରାହି ପାଉଛନ୍ତି କେବଳ ଦୀନେଶଙ୍କ ପାଇଁ । ହୁଏତ ଆଉ କୋଉ ସ୍ୱାମୀ ହୋଇଥିଲେ ଏତେବେଳକୁ ସେ ଛାଡପତ୍ର ପାଇ ସାରନ୍ତେଣି ନଚେତ୍ ବଂଶରକ୍ଷା ଆଳରେ କେହି ଜଣେ ତାଙ୍କର ସଉତୁଣୀ ବି ହେଇ ସାରନ୍ତାଣି । ଆଦୌ ବି ଅସମ୍ଭବ ନଥିଲା ଏହା । ଏଇ ଯେମିତି ତାଙ୍କ ନିଜର ସାନବାପା କଣ ନକଲେ ! ସେ ଦେଖିଛନ୍ତି ଅଞ୍ଜଳୀ ଖୁଡୀ ସାନବାପାଙ୍କୁ କେତେ ଡରିମରି ଚଳୁଥିଲେ, ତାଙ୍କ ଗୋଡହାତକୁ ଜଗି ବସୁଥିଲେ, କେତେ ଯତ୍ନ ନେଉଥିଲେ, କୋଉଥିରେ କହିବାକୁ ପଡୁ ନଥିଲା । କେବଳ ପିଲାଟିଏ ଦେଇ ପାରି ନଥିଲେ । ବାହାଘରର ମାତ୍ର ପାଂଚବର୍ଷର ଦାମ୍ପତ୍ୟ ଜୀବନ ଥିଲା । କିନ୍ତୁ ପିଲାଛୁଆ ନ ହେବାରୁ ଖୁଡୀଙ୍କୁ ବାଞ୍ଝ, କର୍କଟୀ କହି କହି ପୁଣି ଥରେ ବାହା ହେଇଗଲେ । ଦ୍ୱିତୀୟ ପତ୍ନୀଙ୍କ ଆଡୁ ଝିଅଟିଏ ଜନ୍ମ ହେଲା । ଯାହା ବି ହେଉ କୋଳକୁ ତ ଜଣେ ଆସିଲା । କିନ୍ତୁ ଭାଗ୍ୟର ବିଡମ୍ବନା ଦେଖ, ତା ପରେ ପରେ ଅଞ୍ଜଳୀ ଖୁଡୀଙ୍କର ପୁଅଟିଏ ଜନ୍ମ ହେଲା । କିନ୍ତୁ ତାଙ୍କ ଜୀବନ ଫଟା ମାଠିଆରେ ଚୂନ ବୋଳିଲା ଭଳି ହେଲା । ସଉତୁଣୀର ରାଜ୍ ରେ ସାନବାପା ନିରୂପାୟ ହେଇ ରହିଲେ । ଅଞ୍ଜଳୀ ଖୁଡୀ ଗୋଟେ ଭାରାକ୍ରାନ୍ତ ଓ ଦହଗଞ୍ଜର ଜୀବନ କଟେଇ ଚାଲୁଥିଲେ । କେବଳ ବଂଚିଥିଲେ ପୁଅଟି ମୁହଁକୁ ଚାହିଁ ।

ରଶ୍ମୀଙ୍କର ପୁଣି ମନେ ପଡି ଯାଉଥିଲା ଏକା କ୍ଲାସରେ ପଢୁଥିବା ତାଙ୍କ ଗାଁର ବାନ୍ଧବୀ ଲଳିତା କଥା । ମେଟ୍ରିକ୍ ପରେ ରଶ୍ମୀ କଲେଜରେ ପଢିଲେ । କିନ୍ତୁ ଲଳିତାର ପାଠପଢା ସେତିକିରେ ବନ୍ଦ ହେଇଥିଲା । ତା ବାପାଙ୍କର ଆଉ ପଢାଇବା ପାଇଁ ଶକ୍ତି ନଥିଲା କି ଇଛା ବି ନଥିଲା । ଚାଷୀ ମୂଲିଆ ଘର । ଯେତିକି ପଢିଲା ଯଥେଷ୍ଟ । ଏଣିକି ପରଘରକୁ ଟେକି ଦେଲେ କାମ ସରିଲା । ତା ବାପା ସେଇଆ ହିଁ କଲେ । କେତେ କମ୍ ବୟସରୁ ଲଳିତାକୁ ନିଜ କାନ୍ଧରୁ ଓହ୍ଲାଇ ଶାଶୁଘର ବୋଝ ମୁଣ୍ଡେଇବାକୁ ବିଦା କରିଦେଲେ । ତା ସ୍ୱାମୀ ଜଣେ ବ୍ୟବସାୟୀ ଥିଲା । ପ୍ରଥମ କିଛି ବର୍ଷ ଭଲରେ ଚଳୁଥିଲା । କିନ୍ତୁ ପରିବାରକୁ ସନ୍ତାନଟିଏ ନ ଦେଇ ପାରିବାରୁ ଯାହା ତ ଗଞ୍ଜଣା, ହତମାନ ପାଇଲା । ଶେଷରେ ଛାଡପତ୍ର ପାଇ ଏବେ ବାପଘରେ ଦିନ କାଟୁଛି । ଆଗକୁ କଣ ଅଛି ସେକଥା ସେ ନିଜେ ବି ଜାଣିନି ।

ଏସବୁ କଥା ମନେ ପକାଇ ରଶ୍ମୀ ଭୟରେ ଥରି ଉଠୁଥିଲେ । ଛାତି ଭିତର ଶଙ୍କୁଚିତ ହେଇ ଯାଉଥିଲା । ବାସ୍ତବିକ କଣ ସନ୍ତାନଟିଏ ପ୍ରାପ୍ତିର ଯେଉଁ ସୁଖ, ଆନନ୍ଦ, ଯେଉଁ ଆଶା ଓ ଭରଷା ପିତାମାତା ଏବଂ ପରିବାର ବର୍ଗଙ୍କ ଭିତରେ ଖେଳୁଥାଏ, ତାଠାରୁ ଅପ୍ରାପ୍ତି ଓ ଅଭାବର ନୈରାଶ, ଅବଶୋଷ, ଅନ୍ତର୍ଦାହ ଓ ଅପମାନ ଏତେ ବେଶୀ, ଏତେ ଭାରୀ ? ବିଶେଷକରି ଗୋଟେ ନାରୀ ଜୀବନରେ କେତେ ସଫଳତା ଓ ଗୁରୁତ୍ୱପୂର୍ଣ୍ଣ ଭୂମିକାର ଅୟମାରମ୍ଭ ହୁଏ ଏଇ ମାତୃତ୍ୱ ଟିକକ ପାଇଁ । ମାଆଟିଏ ହେବା ଯେମିତି ଈଶ୍ୱରଙ୍କ ବରଦାନ ଏବଂ ସେଇ ବରଦାନ ବଳରେ ସେ ଦେବୀ ପାଲଟି ଯାଏ, ପୁରୁଷଠାରୁ ଗୋଟାଏ ପାଦ ଆଗରେ ରହିଯାଏ । ନା, ରଶ୍ମୀ ଆଉ ଭାବି ପାରୁ ନାହାନ୍ତି । ଭୟ ଲାଗୁଛି ସିଏ ବି ତ ସେଇ ନାଆରେ ଆଜିଯାଏ ବସିଛନ୍ତି । କିଏ ଜାଣେ କେତେବେଳେ ତାଙ୍କର ସେହି ବାଶ୍ୱାସ ଓ ଭରଷାର ନଉକାଟି କାଳେ କେତେବେଳେ ଯଦି ବୁଡିଯାଏ ?

ସେମିତି ବାଲକୋନିରେ ବସି କେତେ ଆଉ କେତେ କଥା ଅକଥାର ଚିନ୍ତା ଭିତରେ ବୁଡି ଯାଉଥିଲେ ରଶ୍ମୀ । ମନକୁ ପୁଣି ଥୟ କରେଇଲେ । ଏଇ ଧସେଇ ପଶୁଥିବା ଦୁଃଶ୍ଚିନ୍ତାର ସମୟଗୁଡାକରେ ଯାହା ଦୀନେଶ ନାହାନ୍ତି । ଭାରୀ ମନେ ପଡୁଛି ତାଙ୍କ କଥା । ସତରେ ଏମିତି ଦିନେ ଦୁହିଁଙ୍କ ଭିତରେ ଗୋଟେ ଏତେ ଦୂରତା ଆସିବ ବୋଲି କେବେ ଭାବି ନଥିଲେ ସେ । ଦୀନେଶ କର୍ମକ୍ଷେତ୍ରରେ ଥାଇ ଦିନକୁ ପାଂଚ ଛଅ ଥର ଫୋନ୍ କରନ୍ତି ସେଥିପାଇଁ । ଦୂରରୁ ଥାଇ ପ୍ରତ୍ୟେକଟି କଥା ପଚାରି ବୁଝନ୍ତି । ଠିକ୍ ସମୟରେ ଖାଇଛ କି ନାହିଁ, ଶୋଉଛ କି ନାହିଁ, ଯଦି ନା, କାହିଁକି ? କାହିଁକି ଏତେ ରାତି ଯାଏ ଚେଉଁଛ ? ଠିକ୍ ସମୟରେ ଔଷଧ ନେଉଛ କି ନାହିଁ ? ଏମିତି ଅନେକ ପ୍ରଶ୍ନ, ଅନେକ କାଇଦା କଟକଣା । ଯେଉଁଥିରେ ଅନାବିଳ ଭଲ ପାଇବାର ଗନ୍ଧ ବାରି ହୋଇ ପଡୁଥାଏ । ପୁଣି ତା ଭିତରେ ଥାଏ ଦୂରରେ ରହିବାର ବ୍ୟଥା ଓ ବିରହପଣକୁ ଅନ୍ୟମନସ୍କତାରେ ଉଗାଳି ଦେବାର ନିରତା ସ୍ୱୀକାରୋକ୍ତି । ରଶ୍ମୀ ଭାବ ବିହ୍ୱଳ ହୋଇଯାନ୍ତି, ଲାଜେଇ ଯାଆନ୍ତି । ଗୋଟାପଣେ ଭିଜି ଯାଆନ୍ତି । ଦେହରେ ଉଷ୍ମତା ଭରିଯାଏ ।

*(କ୍ରମଶଃ)*

---

## [illegible]





### ହାଟରେ ହଟହଟା

**ରକ୍ଷକ ନାୟକ**

ଭାବୁଛି
ଏ ସ୍ଥାନ ଛାଡ଼ି ଚାଲିଯିବି ।

ଏଠି ତ ହାଟ ବସିଛି
୨୪X୭ ହାଟ ମଝିରେ
ବ୍ରହ୍ମଜ୍ଞାନ, ଯତି ଅସମ
କ'ଣ କହିବି, କ'ଣ ଶୁଣିବି ?

କେବଳ କୋଳାହଳ
ଗୋଟିଏ ଶବ୍ଦ ସେଥିରୁ
ଠଉରାଇପାରୁନି
ସମସ୍ତେ କହି ଚାଲିଛନ୍ତି
କେହି ବୋଧେ ଶୁଣୁନାହାନ୍ତି ।

ଖାଲି ପ୍ରଶ୍ନ ଆଉ ପ୍ରଶ୍ନ
ଆକାଶର ପ୍ରତି କୋଣରେ ପ୍ରଶ୍ନ ଚିହ୍ନ
ଧ୍ରୁବ ତାରାକୁ ଚିହ୍ନି ହେଉନି ।

ପ୍ରଶ୍ନ ପାଇଁ କେବଳ ପ୍ରଶ୍ନ
ଉତ୍ତରକୁ ଧୈର୍ଯ୍ୟ ନାହିଁ, ନିଘା ନାହିଁ
ବୋମା ମାଡ଼, ଗର୍ଜନ ତର୍ଜନ
ରକ୍ତ ନଈ, ବାରୁଦର ଗନ୍ଧ
ପବନରେ କେବଳ ଅଙ୍ଗାରକାମ୍ଳ !
କେତେ ସୁନ୍ଦର ଚିତ୍ରକାଟି
ଆକାଶରେ ଉଡୁଛନ୍ତି ପକ୍ଷୀଦଳ
କେମିତି ଗାଡ଼ିଆ କୂଳରେ ଦଳଦଳ
ମାଛ, ସଂହତିର ଗୀତ ଗୀତିକାରେ
କେମିତି ପତ୍ରମାନେ ଗଛସାରା
ଅତୁଟ ବିଶ୍ୱାସ ଓ ସ୍ୱପ୍ନ ବିନିମୟରେ
କେବେ ଶିଖିବେ ଏମାନେ
ଦଳାଚକଟାରେ କ୍ଷତାକ୍ତ ଦେହ
ଜୋର ଜାର ମୁଲକତାରର ତଂତ୍ର
ଅବାଧ ସ୍ୱାଧୀନତାର
ବିଷବୃତ୍ତ ।

ହାଟର ସାଇନବୋର୍ଡ଼ ଉପରେ
ଏକୁଟିଆ ପକ୍ଷୀଟିଏ ପରି ମୁଁ
ପରିଚିତ ପୃଥିବୀରେ କ୍ରମଶଃ
ଅପରିଚିତ ହେଇଯାଉଥିବା
ଭାଷାଟିଏ ମୁଁ
କେବେ ଥମିବ, ଏ ରୋଳ ଗୋଳ
ବସି ବସି ମୋ'ର ଡ଼େଣା
କ୍ରମଶଃ ଅଚଳ ।

ଉଡ଼ିଯିବ ?
ନା ।
ଭାବୁଛି ଏଇଠି ରହିବି
ଏ ହାଟ ଛାଡ଼ି ମୋ'ର କିଛି ବାଟ ନାହିଁ
ଶେଷରେ ଘୋ'କୁ ଡ଼େଇଁ
ବରଂ ଆତ୍ମହତ୍ୟା କରିଦେବି ।

**ଦୂରଭାଷ : ୯୪୩୭୧୭୧୪୪୦**



### ଜୀବନ ଜିନ୍ଦାବାଦ୍

**ଡ. ଦୀପକ କୁମାର ମିଶ୍ର**

ତୁମେ ଫିଙ୍ଗିଥିବା ଭଙ୍ଗା ପ୍ରଶଂସା ଓ ପଥରଗୁଡ଼ିକରେ
ଗୁନ୍ଥିଛି ମୁଁ
ଦୁର୍ମୁଲ୍ୟର ଫୁଲହାରଟିଏ
ସନ୍ତୁଳି ହେଉଥିବା ଅତୁଳନୀୟ ଆତ୍ମା ପାଇଁ
ଦୁର୍ମୁଖ ଭାଗ୍ୟର ଟୁକୁଡ଼ା ଇଟାତକ ସଂଗ୍ରହ କରି
ତୋଳିଛି ସଦଭାବନାର ଦୃଢ଼ ଦୁର୍ଗଟିଏ
ଆଉ ମଧ୍ୟ ଅଶିଣର ଛାତି ଚିରି
ଥୋଇଚି ଗୁମାନର ଗଜଦନ୍ତ ପଲଙ୍କଟିକୁ
ଗଡ଼ପଡ଼ ହେବାକୁ ବେଳେଅଧେ
ବୃଥା ଓ ବ୍ୟଥା ବିଜଡ଼ିତ ସହିଷ୍ଣୁ ପ୍ରତିଟି ରାତିରେ ।

ସମସ୍ତ ପାପ ପଞ୍ଜୁରିରୁ ଫିଟେଇଦେଇଛି
କଦର୍ଯ୍ୟତାର କୃତଘ୍ନ କବାଟ
ଉଡ଼େଇଦେଇଛି ଅମା ଆକାଶରେ
ସବୁଜ ରଙ୍ଗ ବୋଲି
ଭୀତଗ୍ରସ୍ତ, ଭାରାକ୍ରାନ୍ତ ଟିହାମାନଙ୍କୁ
ଯେଉଁମାନେ ଅକାରଣେ
ଭୋଗୁଥିଲେ ଆଜୀବନ କାରାବାସ
ନିଜର ଆଶ୍ଚର୍ଯ୍ୟଜନକ କଥାକୁହା ଥଣ୍ଟ ଟିକକ ପାଇଁ ।
ଆଖିକୁ ଅସ୍ତ୍ର କରି ଲଢ଼ିଛି ଜୀବନର ଯେତେ ବିଶ୍ୱଯୁଦ୍ଧ
ମୃତ୍ୟୁଠୁ ମହଲତ ନେଇ
ରଚିଛି ଆଶାତୀତ ଅବିନଶ୍ୱର ମହାର୍ଘ ଶୃଙ୍ଗାର
ମଶାଣିର ଦରପୋଡ଼ା ବଳକା କାଠରେ
ଜାଳିଛି ଅଜସ୍ର ଅଭିଶପ୍ତ ଶୀତର ଶାଣିତ ସକାଳ
ରାସ୍ତାକୁ ଠିକଣା କରି
ଖୋଜିଚାଲିଛି ଜୀବନର ଲକ୍ଷେ ଲକ୍ଷ୍ୟସ୍ଥଳ ।

ସମସ୍ତ ପ୍ରେମ ଓ ପ୍ରତାରଣାର ସମ୍ଭାରଗୁଡ଼ିକୁ
ଫଟା ଫୋଟଫ୍ରେମରେ ଖଞ୍ଜି
ଟାଙ୍ଗିଛି ହାଣଖିଆ ହୃଦୟର ପଶ୍ଚିମ କାନ୍ଥରେ
ଆସ, ଦେଖିବ
ନାକଛିଞ୍ଚାଡ଼ି ବଖାଣିଥିବା
ତୁମର ଶାଣିତ ଅନର୍ଗଳ ବ୍ୟକ୍ତବ୍ୟରୁ
ଶବ୍ଦମାନ ଚୋରେଇ
କେମିତି ସଜେଇଲେଖିଛି
କାଳଜୟୀ ପ୍ରେମକବିତାର ଶେଷପଦଟିକୁ ।
ତୁମେ କଣ ଭାବିଥିଲ,
ମୁଁ ଭାସିଯିବି ପତ୍ରଟିର ପଶ୍ଚାତାପ ନେଇ
ବିଭସ ସମୟର କରାଳ ସୁଅରେ
ହେଲେ ଆସି ଦେଖ ତ
ମୁଁ କେମିତି ମୃତ୍ୟୁର ତର୍ଣ୍ଣିଚିପି ଗଢ଼ିଚାଲିଛି
ଜୀବନର ଏକ ଐତିହାସିକ ଭବ୍ୟ ଉପବନ ।

**ଭୁବନେଶ୍ୱର**
**ଦୂରଭାଷ : ୮୨୮୦୨୧୧୦୦୦**



### ନାନାରଙ୍ଗ ନେଇ ଆସିଛି ଫଗୁଣ

**ପ୍ରାଧ୍ୟାପକ ମେଜର ମନୋରଞ୍ଜନ ମହାନ୍ତି**

ମାଘମାସ ଅନ୍ତେ ଆସଇ ଫଗୁଣ
ଆସିଥାଏ ଦୋଳଯାତ
ଆସଇ ବସନ୍ତ କୋଇଲିର ତାନେ
ଛାଡି ଚାଲିଯାଏ ଶୀତ
ଆସିଥାଏ ଦୋଳଯାତ
ଶତ୍ରୁ ହୋଇଥାଏ ମିତ ।
ଆମ୍ବ ବଉଳଇ ଦିଗ ଚହଟଇ
ବିମାନେ ରାଧା ଗୋବିନ୍ଦ
ହାଲ୍‌କା ଖରାରେ ଦେହ ଝାଳେଇଲେ
ବହଇ ପବନ ମନ୍ଦ
ଲାଗଇ କେଡେ ଆନନ୍ଦ
ବିମାନେ ରାଧା ଗୋବିନ୍ଦ
ବିମାନ ଆଗରେ କଷି ଆମ୍ବ ଝୁଲେ
ଭିତରେ ନନ୍ଦ ନନ୍ଦନ
ବଙ୍କିମା ଅଧରେ ବଇଁଶୀ ବାଜିଲେ
ରାଧା ମନ ଛନଛନ
ଭିତରେ ନନ୍ଦ ନନ୍ଦନ
ରାଧା ମନ ଛନଛନ
ରାଧାକୃଷ୍ଣ ଦେହେ ଅବିର ଲାଗିଲେ
ଦିଶଇ ବଡ ସୁନ୍ଦର
କବାଟ ଫାଙ୍କରୁ ନୂଆ ଭୁଆସୁଣୀ
କପାଳେ ନାଲି ସିନ୍ଦୁର
କପାଳେ ନାଲି ସିନ୍ଦୁର ।
ବିମାନ କାନ୍ଧେଇ ଗାଁ ଗାଁ ବୁଲି
ବାଣ୍ଟିଥାନ୍ତି କେତେ ଅବିର
ତେଲିଙ୍ଗି ବାଜାର ତାଳେ ତାଳେ ସର୍ବେ
ନାଚିଥାନ୍ତି ଏକାକାର
ନଥାଏ ବାଛବିଚାର
ବାଣ୍ଟନ୍ତି କେତେ ଅବିର ।
ଘର ଘର ବୁଲି ବୟସ୍କଙ୍କ ମୁଣ୍ଡେ
ଲଗାଇ ନାଲି ଅବିର
ଯୁବକଯୁବତୀ ଆଶିଷ ଲଭନ୍ତି
ପାଦେକରି ନମସ୍କାର
ଲଗାଇ ନାଲି ଅବିର
ପାଦେ କରି ନମସ୍କାର ।
ବନ୍ଧୁ ବାନ୍ଧବଙ୍କ ଗହଳିରେ ଘର
ସବୁଠି ପଡେ ଉଚ୍ଛୁଳି
ଚାଚେରୀ ଖେଳରେ ବିମାନ ବନ୍ଦେଇ
ଦେଇଥାନ୍ତି ହୁଳହୁଳି
ସବୁଠି ପଡେ ଉଚ୍ଛଉଳି
ଦେଇଥାନ୍ତି ହୁଳହୁଳି
ସମସ୍ତଙ୍କ ଘରେ ଗଢ଼ା ଯାଇଥାଏ
ନାନା ପ୍ରକାରର ପିଠା
ରଙ୍ଗ ଖେଳ ମଧ୍ୟେ ପିଲାଛଉଆ ବୁଢ଼ା
ବାଣ୍ଟିଥାନ୍ତି କେତେ ମିଠା
ନାନା ପ୍ରକାରର ପିଠା
ବାଣ୍ଟିଥାନ୍ତି କେତେ ମିଠା ।
ରାଧାଗୋବିନ୍ଦଙ୍କୁ ବିମାନରେ ଦେଖି
ଶାନ୍ତି ଲଭେ ମନପ୍ରାଣ
ସବୁ ପାପ ତାପ ହରିଥାଏ ବୋଲି
ନାମ ପତିତପାବନ
ଶାନତି ଲଢ଼େ ମନପ୍ରାଣ
ବିମାନେ ନନ୍ଦ ନନ୍ଦନ ।
ରାଧା ଗୋବିନ୍ଦଙ୍କୁ ସୁମରଣ କଲେ
ହୋଇଥାଏ ପ୍ରେମବର୍ଷା
ଫଗୁଣ ଫଗୁରେ ନଥାଏ ବିଭେଦ
ନଥାଏ ମନରେ ଈର୍ଷା
ହୋଇଥାଏ ପ୍ରେମ ବର୍ଷା
ମନେ ଆସେ ନୂଆ ଆଶା ।
ସବୁବର୍ଷ ପରି ଆସୁଥାଉ ଫଗୁ
ବିମାନେ ରାଧାଗୋବିନ୍ଦ
ହସୁଥାଉ ଧରା ଲିଭିଯାଉ ଦୁଃଖ
ବାଣ୍ଟିବା ହସ ଆନନ୍ଦ
ବିମାନେ ରାଧା ଗୋବିନ୍ଦ
ବାଣ୍ଟିବା ହସ ଆନନ୍ଦ ।
ମହାନଦୀ ବିହାର

**କଟକ**
**ଦୂରଭାଷ : ୯୪୩୭୭୪୨୨୬୫**



### ମୋ କବିତାର ଶୀର୍ଷକ

**ପ୍ରତିମା ମହାରଣା**

ଛଦ୍ମ ବେଶୀର ନଗ୍ନ ରୂପ
ଦିଅ ମୋତେ ମୋକ୍ଷ
ମୋହ ଭିତରେ ନିର୍ବାଣ
ନୃତ୍ୟାଙ୍ଗନା ମୁଁ ତୁମ ତର୍ଜନୀର
ଢ଼ାଳି ଦିଅ ପୀୟୂଷ
ବେଢ଼ଙ୍ଗରେ ହେଉ ପଛେ
ପୀଯାଲା ମୋ ଅମୃତରେ ଭରି ଦିଅ
ତୃଷାର୍ତ୍ତ ଆତ୍ମା ହେଇଯାଉ ତୃପ୍ତ
କୃଷ୍ଣ ଚୂଡ଼ାର ମୋହର ବାନ୍ଧି ଦିଅ ମନ
ପିପ୍ପଳିର ବୃକ୍ଷ ତଳେ ନହେଲେ ନାହିଁ
କୃଷ୍ଣ ଚୂଡ଼ା ତର ତଳେ ପାଇଯିବି ମୋକ୍ଷ
ସତ୍ତା ରେ ମିଶିଯିବ
ମୋ ଆତ୍ମାର ସର୍ବାଂଶ
ଧ୍ୟାନମଗ୍ନ ମୁଁ ଆଜି ପାଇବାକୁ ବୋଧିସତ୍ତ୍ୱ
ମୋହର ଦ୍ୱାରରେ ଚାହେଁ ମୁଁ ନିର୍ବାଣ
ମୁଁ ଦ୍ୱରେ ଖୋଜେ
ଜୀବନର ଅବଶିଷ୍ଟାଂଶ ।

**ସୁନ୍ଦରପଦା, ଭୁବନେଶ୍ୱର**

---

### ଅଳସୀ କ୍ଷେତରେ ସୋରିଷ ଫୁଲର ବାସ୍ନା

**ସୁନନ୍ଦା ମହାନ୍ତି**





ଗୋଟିଏ ବୋଲି ଝିଅ କଇଁ । ନାହିଁ ନାହିଁ ଭିତରେ ଝିଅଟା ହାତରୁ ହାତକୁ ହେଉଥିଲା । ମହୁଲି ଫୁଲ ରସ ପିଇ ମାଆ ହାତରୁ ବାପା ବୋଲି ଡାକି ହାତରୁ ହାତକୁ ହେଲାବେଳେ ସାରିର ମନ ଓ ହୃଦୟ ପୁରି ଉଠୁଥିଲା ବେଳେ ବାପା ମଦନା ଏଡ଼େ ନିଷ୍ଠୁର କେମିତି ହେଲା କେଜାଣି ଭାବି ଆଖିରୁ ଦୁଇଟୋପା ଲୁହ ନିଗିଡି ଆସେ ସାରିଆର । ଅଭାବ ଅନାଟନ ଭିତରେ ମାତୃତ୍ୱ ର ସୁଖ ନେଇ କଇଁ ଆସିଥିଲା କୋଳକୁ । ଉପଯୁକ୍ତ ଖାଦ୍ୟ ପାନୀୟ କି ପୋଷାକ ଦେଇନପାରିଲେ ମଧ୍ୟ ଝିଅକୁ କୋଳ କରି ତା ଉଷ୍ମତାରେ ମନ ମୁନ ଚୈତନ୍ୟ ପୁରି ଉଠିବା କଥା ମଦନା କାହୁଁ ବୁଝିବ ବାପ ହୋଇ ! ଥରକୁ ଥର ମାଆ ହେବା ଏଡ଼େ ସହଜ ନୁହଁ । ପ୍ରଥମ ଥର ମାଆ ହୋଇ କଇଁକୁ କୋଳ କାଖ କରି ତା ପାଇଁ କଣ ଟିକେ ହାଟରୁ ଆଣିବ ଭାବୁ ଭାବୁ ମମତା ଯୋଜନାରୁ ମିଳିଥିବା ପାଞ୍ଚଶହ ଟଙ୍କା ମଦନା କୋଉ ସୂତ୍ର ରେ ନେଇ ତାଡିଆ ପିଇ ସାରିଦେଲା ବେଳେ ସାରିଆ ଜଳ ଜଳ କରି ଚାହିଁଥିଲା କେବଳ । ଝିଅର ହସ, କାନ୍ଦ ଓ ମାଆ ହାତରୁ ବାପା ହାତକୁ ଯିବା କଥା ସରାପ ପିଇ ଗଡୁଥିବା ମଦନା ହୃଦୟରେ ସିନା ଲହଡି ତୋଳି ପାରିଲା ନାହିଁ ହେଲେ କେଇଟା ଟଙ୍କା ହାତକୁ ନେଇ ଝିଅକୁ ତା କୋଳରୁ ଛଡେଇ ନେଲା ବେଳେ ହାତ ଥରିନଥିଲା ମଦନାର । ଝିଅକୁ ନେଇ ଅନ୍ୟ ହାତକୁ ବିକିଦେଲା ବାବୁଟାକୁ ଯେ ସାରିଆ ସହ ମଦନା ବି ଜେଲ ଦୁଆର ଦେଖିଲା । ହେଲେ କମ ବହପ ତାର ! ସରାପ ପିଆ ବୁଦ୍ଧି ବାହାର କରି ବାବୁକୁ ଦେଖାଇ ପୋଲିସକୁ କହିଲା ସେ ମୋ ସମ୍ପର୍କୀୟ ଭାଇ । ଖୁଆଇପିଆଇ ବଡ଼ କରି ପାଠ ଶାଠ ପଢେଇବାକୁ ଝିଅକୁ ଦେଇଛି । ଆମେ ବଣ ମୂଲକର ଦୁଇ ପ୍ରାଣୀ ଏ ପିଲା ବିକ୍ରୀ କଥା ଜାଣୁନା । ଅଳସୀ କ୍ଷେତରେ ଗଡେଇ ଦେଇ, ସୋରିଷ କ୍ଷେତର ବାସ୍ନା ପିଆଇ ସେହି ବାସ୍ନା ପିଉ ପିଉ ମାଆ ପିଠିରେ ଝୁଲାରେ ଝୁଲୁଥିବା ଝିଅ ଓ ପୁଅ ସନ୍ତାନ ଆମର ଦୈବ ଦିଶାରି କୃପାରୁ ବଡ଼ ହୁଏ । ପତର ଫଳ ମୂଳ ଛେଲି ଖାଇ ଜୁଆନ ହୁଏ । ଭାଇଟା କହିଲା ବୋଲି ଦେଇଛି । ତତଲା ଲୁହ ଦିଧାର ଶୁଖିଗଲା ସାରିର ଆଖି କୋଣରେ । କଥାର ସତ୍ୟତା ଥିଲା ମଦନାର ଦୃଢ଼ କଥାର ବୋଲି । ସତକୁ ସତ ସେହି କଥା ସହ ସେ ଖଲାସ ହୋଇଗଲା ସ୍ୱାମୀ ସହ ଦୁଇଦିନରେ ଜେଲରୁ. ସାନ୍ତ୍ୱନା ଦେଲା ମଦନା । କହୁଥିଲା ଆଲୋ ତୁ ଚାହିଁଲେ କାଲିକୁ କାଲି କେତେ କଇଁ ଆସିବେ ଲୋ । ହେଲେ ମାଆ ମନ ବୁଝୁନଥିଲା ସାରିଆର । ସୁଁ ସୁଁ ହୋଇ ଲୁହ ପୋଛି ଦେଇ ଯାଉଥିଲା ଜଙ୍ଗଲ ଅଫିସର ଘରକୁ କାମ କରିବାକୁ । ଏଠି ମଧ୍ୟ ତାରି ସ୍ୱାମୀ ମଦନ ଆଣି ତାକୁ ରଖେଇ ଦେଇଛି । ବାବୁକୁ କେମିତି ଚିହ୍ନିଲୁ ବୋଲି ପଚାରିଲେ କହେ ଖାଲି ବାବୁ ନୁହଁ ଲୋ ସାରି, ବାବୁର ମାଆ ମତେ ଭଲକି ଚିହ୍ନେ । କେମିତି ପଚାରିଲେ ମୁହଁ ବୁଲେଇ ଫେରିପଡ଼େ ମଦନା । ସାରିଆ କିନ୍ତୁ ଆଉ ଥରେ ମାଆ ହେବାକୁ ରାଜି ନୁହଁ ଜମା ।

ଜଙ୍ଗଲୀ ମଣିଷ ମଦନାର କଳା ମଚ ମଚ ବାହୁ ଓ ଛାତି କୁଆଡେ ଭାରି ମଜଭୂତ ବୋଲି ତାଙ୍କ ଗାଁ ଲୋକ କହୁଥିଲା ବେଳେ ସାରିଆ କହେ ତୁଚ୍ଛାକୁ ଏତେ ଗୋଡ଼େ ମୁଦି ନାହିଁ କାଚଡ଼ିବି ମୁଁ କେତେ ! ଗୋଟେ ବୋଲି ଝିଅର ବାପା ହେବାକୁ ପ୍ରତ୍ୟାଖ୍ୟାନ କରି ଅନ୍ୟ ହାତକୁ ଯୋଉ ବାପ ଟେକି ଦେଇପାରେ ନିଜ ରକ୍ତ ମାଂସ ପିଣ୍ଡୁଳା କୁ ସେପରି ପୁରୁଷର ସ୍ତ୍ରୀ ହେବାକୁ ଘୃଣା କରେ ସାରିଆ ବୋଲି ରଣ ହୁଙ୍କାର ଦିଏ ଜଙ୍ଗଲୀ ଲଳନା । ସାରିଆର ପୁଣି ଥରେ ମାଆ ହେବାକୁ ମନା କରିବା କାରଣ ତାକୁ ଆଉଥରେ ମାଆ କରିବାକୁ ନେହୁରା ହେଉଥିବା ସ୍ୱାମୀ ମଦନା ପରା ଏବେଠୁ ଆଉ ଆଉ କେତେ କୋଉ ବାବୁ ସଙ୍ଗେ ସଲା ସୁତୁରା ହେଉଛି । *(କ୍ରମଶଃ)*

# ଡାବୁଗାଁ ନିର୍ବାଚନ ମଣ୍ଡଳୀସ୍ତରୀୟ ୧୧୦ତମ ବିଜୁ ଜୟନ୍ତୀ ପାଳିତ

**ନବରଙ୍ଗପୁର :** ନବରଙ୍ଗପୁର ଜିଲ୍ଲା ଡାବୁଗାଁ ନିର୍ବାଚନମଣ୍ଡଳୀ ସ୍ତରୀୟ ୧୧୦ ତମ ବିଜୁ ଜୟନ୍ତୀ ପାଳିତ ମହାସମାରୋହରେ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଡାବୁଗାଁ ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ମୁଖ୍ୟ ବକ୍ତାଭାବେ ବିଜେଡି ଜିଲ୍ଲା ଉପସଭାପତି ବଦ୍ରି ନାରାୟଣ ସିଂ, ଜିଲ୍ଲା ପରିଷଦ ସଭ୍ୟ ଧନ ସିଂ ଭତ୍ରା ଓ ଗୁପ୍ତ ବିଶୋୟୀ, ବ୍ଲକ ଅଧ୍ୟକ୍ଷ ବୀଣା ମାଝୀ ଓ ଉପାଧ୍ୟକ୍ଷ ସଦାନନ୍ଦ ନାୟକ, ସାଂସଦ ପ୍ରତିନିଧି ରାମା ରାଓ ଚୌଧୁରୀ, ଜିଲ୍ଲା ଉପ ସଭାପତି ଏମ୍ ଅକ୍ଷପା ରାଓ,ଜିଲ୍ଲା ସମ୍ପାଦକ କୈଳାଶ ଚନ୍ଦ୍ର ବିଶୋୟୀ, ଜିଲ୍ଲା ସମ୍ପାଦକ ଆର୍ ପ୍ରକାଶ ରାଓ, ବିଧାୟକ ପ୍ରତିନିଧି ଏମ୍ ବୁଲୁ ରାଓ,ପାପଡାହାଣ୍ଡି ବ୍ଲକ ସଭାପତି ବିଦ୍ୟାଧର ମଲ୍ଲିକ, ଡାବୁଗାଁ ନିର୍ବାଚନମଣ୍ଡଳୀର କୋଷାଗୁମୁଡା, ଡାବୁଗାଁ, ପାପଡାହାଣ୍ଡି ବ୍ଲକର ବହୁ ବିଜେଡି ବରିଷ୍ଠ କର୍ମୀ ଓ ବହୁ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ। ଉପସ୍ଥିତ ସମସ୍ତ କର୍ମୀମାନଙ୍କୁ ବିଜେଡି ଉତ୍ତରୀୟ ଦେଇ ସ୍ୱାଗତ କରାଯାଇଥିଲା। ପ୍ରଥମେ ମହାନ ଜନନାୟକ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ, ଧୂପ ଲଗାଇ ପ୍ରତି ପ୍ରତ୍ୟେକ ପ୍ରଣାମ ଜଣାଇଥିଲେ। ପରେ ପରେ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ଜୀବନୀ ଉପରେ ବ୍ୟାପକ ଆଲୋଚନା କରିଥିଲେ। ସମସ୍ତ କର୍ମୀମାନଙ୍କୁ ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ସଜାଗ ରହି ନବୀନ ବାବୁଙ୍କ ଜନ ହିତକର କାର୍ଯ୍ୟ ଉପରେ ଜନସାଧାରଣଙ୍କୁ ଅବଗତ କରାଇ ୨୦୨୭ ରେ ହେବାକୁ ଥିବା ତ୍ରିସ୍ତରୀୟ ନିର୍ବାଚନରେ ଶତ ପ୍ରତିଶତ ୱାର୍ଡ ସଭ୍ୟ, ସରପଞ୍ଚ, ସମିତି ସଭ୍ୟ, ଜିଲ୍ଲା ପରିଷଦ ସଭ୍ୟ ଜିତିବା ନେଇ ପୂର୍ଣ୍ଣ ମାତ୍ରାରେ ଲାଗିପଡିବା ପାଇଁ ପରାମର୍ଶ ଦେଇଥିଲେ। ଓଡିଶା ସରକାର ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓ ଭାରତ ସରକାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଶାସନ ଉପରେ ବିକ୍ଷୋଭଗାର କରିଥିଲେ। ଚାଷୀ ମାନଙ୍କ ଧାନ ମଣ୍ଡିରେ ଧାନ କ୍ରୟ କରିବା ସମସ୍ୟା, ଟଙ୍କା ପାଉ ନ ଥିବା ଉପରେ ବ୍ୟାପକ ଆଲୋଚନା କରିଥିଲେ, ନିର୍ବାଚନ ସମୟରେ ପ୍ରତିଶ୍ରୁତି ଦେଇ ଜନସାଧାରଣଙ୍କୁ ଠକିବା, ପ୍ରତିଶ୍ରୁତି ନ ରଖିବା, ଯାହାକି ଧାନ ବିକ୍ରୟ କରି ପୁଅ, ଝିଅ ବିବାହ ଉପରେ ବହୁ ହଇରାଣ ହରକତ ହେଉଥିବା ଦୃଶ୍ୟ ସମସ୍ତଙ୍କ ଦୃଷ୍ଟି ଗୋଚରକୁ ଆଣି ଡାବଲ ଇଞ୍ଜିନ ସରକାରଙ୍କ ଉପରେ ବିକ୍ଷୋଭଗାର କରିଥିଲେ। ସଭାପତିଙ୍କ ବିଜେଡି ନାରାରେ କମ୍ପି ଉଠିଥିଲା ପରିବେଶ। ପାପଡାହାଣ୍ଡି ବ୍ଲକ ସଭାପତି ଉପସ୍ଥିତ ସମସ୍ତ ଅତିଥି ମାନଙ୍କୁ ଧନ୍ୟବାଦ ଜ୍ଞାପନ କରିବା ପରେ ସଭାପତିଙ୍କ ନିର୍ଦ୍ଦେଶରେ ସଭା କାର୍ଯ୍ୟ ସମାପନ କରାଯାଇଥିଲା।



## କାକଟପୁର ପୋଲିସର ବଡ଼ କାର୍ଯ୍ୟାନୁଷ୍ଠାନ

# ଦୁଇ ଗିରଫ, ୨୪ ଘଣ୍ଟା ମଧ୍ୟରେ ନିଖୋଜ ମହିଳା ଉଦ୍ଧାର

**ଅସ୍ତରଙ୍ଗ :** ପୁରୀ ଜିଲ୍ଲା କାକଟପୁର ଥାନା ଅଞ୍ଚଳରେ ପୋଲିସର ତତ୍ପରତା ଦେଖିବାକୁ ମିଳିଛି। ପୃଥକ ପୃଥକ ଘଟଣାରେ ଜଣେ ମହିଳାଙ୍କୁ ଅସଦାଚରଣ ଓ ଅନ୍ୟ ଏକ ଗୋଷ୍ଠୀ ସଂଘର୍ଷ ମାମଲାରେ ପୋଲିସ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏଥିସହ ଜଣେ ନିଖୋଜ ମହିଳାଙ୍କୁ ୨୪ ଘଣ୍ଟା ମଧ୍ୟରେ ଉଦ୍ଧାର କରି ପୋଲିସ ଏକ ବଡ଼ ସଫଳତା ପାଇଛି। କାକଟପୁର ଥାନା ଅଧିକାରୀ ବସନ୍ତ ସାହୁଙ୍କ ସୂଚନା ମୁତାବକ ଗତ ୪ ତାରିଖ ହୋଲି ଉତ୍ସବ ସମୟରେ ବଲରା ଗ୍ରାମରେ ଏକ ଅବାଞ୍ଛନୀୟ ଘଟଣା ଘଟିଥିଲା। ଗ୍ରାମର ରାକେଶ ଭୋଇ (୨୭) ସେହି ଗ୍ରାମର କୃଷ୍ଣ କାନ୍ଦିଙ୍କୁ ପଥରରେ ମାରାତ୍ମକ ଆକ୍ରମଣ କରିଥିଲେ। ଏଥିରେ କୃଷ୍ଣଙ୍କ ମୁଣ୍ଡ ଓ ନାକରେ ଗଭୀର ଆଘାତ ଲାଗି ରକ୍ତ ଜୁଡ଼ୁବୁଡ଼ୁ ହୋଇଥିଲେ। ଏ ନେଇ କୃଷ୍ଣଙ୍କ ପତ୍ନୀ ଲକ୍ଷ୍ମୀପ୍ରିୟା କାନ୍ଦିଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ କେସ୍ ନଂ-୧୦୨/୨୦୨୬ ରୁଜୁ କରିଥିଲା। ଆଜି ସକାଳେ ତଦନ୍ତକାରୀ ଅଧିକାରୀ ଏସ୍.ଆଇ ଅମିତ ପାଢ଼ୀ ଅଭିଯୁକ୍ତ ରାକେଶଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅନ୍ୟ ଏକ ଘଟଣାରେ କଣିହା ଗ୍ରାମର ଜଣେ ମହିଳାଙ୍କୁ ଅସଦାଚରଣ ଓ ମାଡ଼ ମାରିବା ଅଭିଯୋଗରେ ସୁମନ୍ତ କୁମାର ନାୟକ (୪୦)ଙ୍କୁ ପୋଲିସ ଗିରଫ କରିଛି। ଗତକାଲି ସୁମନ୍ତ ସମ୍ପୃକ୍ତ ମହିଳାଙ୍କ ଶାଳୀନତା ହାନି କରିବା ସହ ତାଙ୍କୁ ଓ ତାଙ୍କ ପରିବାରର ଜଣେ ସଦସ୍ୟଙ୍କୁ ବାଉଁଶ ବାଡ଼ିରେ ଆକ୍ରମଣ କରିଥିଲେ। ଫଳରେ ଉଭୟଙ୍କ ଗୋଡ଼ରେ ଶକ୍ତ ଆଘାତ ଲାଗିଥିଲା। ଏନେଇ ଏଏସଆଇ ପ୍ରମୋଦ କୁମାର ରାଉ ତଦନ୍ତ କରି କେସ୍ ନଂ-୧୦୩/୨୦୨୬ ମୂଳେ ଅଭିଯୁକ୍ତଙ୍କୁ ଆଜି ଅପରାହ୍ନରେ କୋର୍ଟ ଚାଲାଣ କରିଛନ୍ତି। ସେହିପରି କାକଟପୁର ଥାନା ଅଞ୍ଚଳରୁ ନିଖୋଜ ଥିବା ଜଣେ ବୟସ୍କା ମହିଳାଙ୍କୁ ପୋଲିସ ତୁରନ୍ତ ପଦକ୍ଷେପ ନେଇ ଗଞ୍ଜାମ ଜିଲ୍ଲାର ବଡ଼ଗଡ଼ ଥାନା ଅଞ୍ଚଳରୁ ସୁରକ୍ଷିତ ଭାବେ ଉଦ୍ଧାର କରିଛି। ନିଖୋଜ ହେବାର ମାତ୍ର ୨୪ ଘଣ୍ଟା ମଧ୍ୟରେ ମହିଳାଙ୍କୁ ଉଦ୍ଧାର କରାଯାଇ ତାଙ୍କ ପରିବାର ସହ ମିଶାଇ ଦିଆଯାଇଛି। ପୋଲିସର ଏହି ତ୍ୱରିତ କାର୍ଯ୍ୟାନୁଷ୍ଠାନକୁ ସ୍ଥାନୀୟ ବୁଦ୍ଧିଜୀବୀ ଓ ସାଧାରଣ ଜନତା ପ୍ରଶଂସା କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ନବୀନଙ୍କୁ ...

ଦଳୀୟ ହ୍ୱିପ ସତ୍ତ୍ୱେ ବିଜେପି ବିଧାୟକ ଭୀମସେନ ଚୌଧୁରୀ ଭୋଟ୍ ଦେବାକୁ ଆସିନଥିବା ବେଳେ କଂଗ୍ରେସର ୨ ବିଧାୟକ ଗ୍ରେଗୋରୀ ମିଞ୍ଜ ଓ ଶିବାଜୀ ମାଝି ମଧ୍ୟ ଅନୁପସ୍ଥିତ ରହିଥିଲେ। ଫଳରେ ତାରା ରଞ୍ଜନଙ୍କ ରାଜ୍ୟସଭା ଯିବା ଆଶା ମୋଉଳି ଯାଇଥିଲା। ଏହି ନିର୍ବାଚନରେ ଘୋଡ଼ା ବେପାର କରିଥିବା ନେଇ ବିଜେଡି ବିରୋଧରେ ଆସିଥିଲା ସାଂଘାତିକ ଅଭିଯୋଗ। ବିଜେଡିର ଦୁଇ ତତକାଳୀନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂଦେଓ ଏବଂ ଅତନୁ ସବ୍ୟସାଚୀ ନାୟକ ବିଜେପି ଓ କଂଗ୍ରେସର ୩ ବିଧାୟକଙ୍କ ସହ ମିଡିଲମ୍ୟାନ ଜରିଆରେ ଡିଲକରୁଥିବାର ଅଡିଓ ବାର୍ତ୍ତାଳାପ ସାମ୍ନାକୁ ଆସିଥିଲା। ଏହାକୁ ନେଇ ରାଜ୍ୟ ରାଜନୀତିରେ ବେଶ କିଛି ଦିନ ତମ୍ବିତୋଫାନ ହୋଇଥିଲା। ୨୦୧୪ରେ ହୋଇଥିବା ରାଜ୍ୟସଭା ନିର୍ବାଚନରେ ମଧ୍ୟ ଦେଖିବାକୁ ମିଳିଥିଲା ଏକ ରୋଚକ ମୁକାବିଲା। ଚତୁର୍ଥ ଆସନ ପାଇଁ ହୋଇଥିଲା ଲଢେଇ। ଏହି ନିର୍ବାଚନରେ ବିଜେଡି ସମର୍ଥନରେ ସ୍ୱାଧୀନ ପ୍ରାର୍ଥୀ ହୋଇଥିଲେ ବିଶିଷ୍ଟ ପଥର ଶିଳ୍ପୀ ପଦ୍ମବିଭୂଷଣ ରଘୁନାଥ ମହାପାତ୍ର। ତାଙ୍କର ମୁକାବିଲା ହୋଇଥିଲା କଂଗ୍ରେସ ପ୍ରାର୍ଥୀ ରଞ୍ଜୀବ ବିଶ୍ୱାଳଙ୍କ ସହ। ତେବେ ବିଜେଡି ବିଧାୟକଙ୍କ ଧୋକା ଯୋଗୁଁ ନିର୍ବାଚନ ହାରିଥିଲେ ରଘୁନାଥ ମହାପାତ୍ର। ଜିତିବା ପାଇଁ ୩୦ ପ୍ରଥମ ପସନ୍ଦର ଭୋଟ୍ ଦରକାର ହେଉଥିବା ବେଳେ ବିଜେଡିର ୩ ପ୍ରାର୍ଥୀ ଏ.ୟୁ ସିଂହଦେଓ, କଳ୍ପତରୁ ଦାସ ଓ ସରୋଜିନୀ ହେମ୍ବ୍ରମଙ୍କ ବିଜୟ ପାଇଁ ଦଳ ପାଖରେ ଆବଶ୍ୟକ ସଂଖ୍ୟା ଥିଲା। ବିଜେଡିର ୧୦୮ ସଦସ୍ୟରୁ ୩ ପ୍ରାର୍ଥୀଙ୍କ ପାଇଁ ୯୦ ଭୋଟ୍ ଯିବା ପରେ ବଳକା ୧୮ ଭୋଟ୍ ରଘୁନାଥଙ୍କୁ ମିଳିବା କଥା। କିନ୍ତୁ ରଘୁନାଥଙ୍କ ସପକ୍ଷରେ ବିଜେଡିର ମାତ୍ର ୧୧ ଜଣ ସଦସ୍ୟ ହିଁ ପ୍ରଥମ ପସନ୍ଦ ଭୋଟ୍ ଦେଇଥିଲା। କାରଣ ବିଜେଡିର ୩ ପ୍ରାର୍ଥୀଙ୍କ ସପକ୍ଷରେ ଆବଶ୍ୟକଠାରୁ ଅଧିକ ପ୍ରଥମ ପସନ୍ଦ ଭୋଟ୍ ପଡ଼ିଥିଲା। ଏ.ୟୁଙ୍କୁ ୩୩, କଳ୍ପତରୁଙ୍କୁ ୩୨ ଓ ସରୋଜିନୀଙ୍କୁ ମିଳିଥିଲା ୩୧ଟି ପ୍ରଥମ ପସନ୍ଦର ଭୋଟ୍। ବିଜେଡିର ଗୋଟିଏ ଭୋଟ୍ ନାକଚ ହୋଇଯାଇଥିଲା। ଯେଉଁଥିପାଇଁ ରଘୁନାଥଙ୍କୁ ମାତ୍ର ୨୦ଟି ପ୍ରଥମ ପସନ୍ଦ ଭୋଟ୍ ମିଳିଥିଲା ସେଥିରେ ବିଜେଡିର ୧୧, ବିଜେପିର ୫, ୩ ସ୍ୱାଧୀନ ବିଧାୟକ ଓ ସିପିଆଇର ଗୋଟିଏ ଭୋଟ୍ ଥିଲା। ବିଜେପି ବିଧାୟକ ମନୋଜ ପ୍ରଧାନ ଅନୁପସ୍ଥିତ ରହିଥିଲେ। ଅନ୍ୟ ପକ୍ଷରେ ରଞ୍ଜୀବ ବିଶ୍ୱାଳଙ୍କ ସପକ୍ଷରେ କଂଗ୍ରେସର ୨୭ ପ୍ରଥମ ପସନ୍ଦ ଭୋଟ୍ ସହ ସ୍ୱାଧୀନ ବିଧାୟକ ଜର୍ଜ ତିର୍କୀ ଓ ନିଲମ୍ବିତ ବିଜେପି ବିଧାୟକ ଭୀମସେନ ଚୌଧୁରୀଙ୍କ ଭୋଟ୍ ଯାଇଥିଲା। ୨୯ ପ୍ରଥମ ପସନ୍ଦ ଭୋଟ୍ ସହ ବାଜିମାରିନେଇଥିଲେ ରଞ୍ଜୀବ ବିଶ୍ୱାଳ। ଏବେ ପୁଣି ଥରେ ହେବାକୁ ଯାଉଛି ରାଜ୍ୟସଭା ନିର୍ବାଚନରେ ଚତୁର୍ଥ ଆସନ ପାଇଁ ଲଢେଇ। କଂଗ୍ରେସ ବିଜେଡିର କମନ ପ୍ରାର୍ଥୀ ଦତ୍ତେଶ୍ୱର ହୋତାଙ୍କୁ ସମର୍ଥନ ଦେବା ନେଇ ସଂକେତ ଦେଇସାରିଛି। କଂଗ୍ରେସର ୧୪ ଏବଂ ବିଜେଡିର ୧୮ଟି ବଳକା ଭୋଟ୍ ମିଶିଲେ ୩୨ଟି ପ୍ରଥମ ପସନ୍ଦ ଭୋଟ୍ ସହ ଦତ୍ତେଶ୍ୱରଙ୍କ ବିଜୟ ସହଜ ମନେ ହେଉଛି। କିନ୍ତୁ ଦିଲ୍ଲୀପ ରାୟ ଯଦି ୨୦୦୨ ପରି କଂଗ୍ରେସ ଓ ବିଜେଡିରେ କ୍ରସ୍ ଭୋଟିଂ କରାଇବାରେ ସମର୍ଥ ହୁଅନ୍ତି ତାହାହେଲେ ନବୀନଙ୍କ ସବୁ ଅଙ୍କ ପୁଣି ଭୁଲ ହୋଇଯିବ।

### ବିଜେଡି ଓ ନବୀନଙ୍କୁ ...

ରାଜ୍ୟସଭା ପାଇଁ ନାମାଙ୍କନ ଦାଖଲ କରିବା ସମୟରେ, ମୋର ହୃଦୟ ଭାବନାରେ ପରି ପୂର୍ଣ୍ଣ ବୋଲି ସୋସିଆଲ ମିଡ଼ିଆରେ ପ୍ରକାଶ କରିଛନ୍ତି ଦିଲ୍ଲୀପ ରାୟ। ସେ କହିଛନ୍ତି ମୁଁ ଓଡ଼ିଶାବାସୀଙ୍କ ଆଶୀର୍ବାଦ ଚାହୁଁଛି। ବିଶେଷକରି ବିଜୁ ବାବୁଙ୍କ ଦୃଷ୍ଟିକୋଣ ଏବଂ ଐତିହ୍ୟ ଦ୍ୱାରା ଅନୁପ୍ରାଣିତ ସମସ୍ତଙ୍କ ସମର୍ଥନ ଚାହୁଁଛି। ଆପଣଙ୍କ ବିଶ୍ୱାସ ଏବଂ ଉତ୍ସାହ ଆମ ରାଜ୍ୟର ସେବା କରିବା ପାଇଁ ମୋର ସଂକଳ୍ପକୁ ସଚ୍ଚୋଟତା, ସମର୍ପଣ ଏବଂ ସାଧୁତାର ସହିତ ମଜବୁତ କରିବ ବୋଲି ସେ ଲେଖିଛନ୍ତି। ସେ ଆହୁରି ଲେଖିଛନ୍ତି, ତାଙ୍କ ପାଇଁ ୫ ମାର୍ଚ୍ଚ କେବେବି କ୍ୟାଲେଣ୍ଡରରେ କେବଳ ଏକ ତାରିଖ ନୁହେଁ। ଏହି ଦିନ ସେ ବ୍ୟକ୍ତିତ୍ୱ ସମ୍ପନ୍ନ ଏବଂ ପିତାଙ୍କ ପରି ବ୍ୟକ୍ତିତ୍ୱଙ୍କୁ ମନେ ପକାଇଥାଏ।

### ୧୬ ବର୍ଷରୁ କମ ...

କିନ୍ତୁ ବିଧାନସଭାରେ କୌଣସି ରାଜ୍ୟର ମୁଖ୍ୟମନ୍ତ୍ରୀ ବ୍ୟାନ ସମ୍ପର୍କରେ ଘୋଷଣା କରି ନଥିଲେ। ବେଶ କିଛି ମାସ ଧରି ୧୬ ବର୍ଷରୁ କମ ବୟସ୍କ ପିଲାମାନଙ୍କ ସୋସିଆଲ ମିଡିଆ ବ୍ୟବହାର ଉପରେ ବ୍ୟାନ ଲଗାଇବା ଉପରେ କର୍ଣ୍ଣାଟକା ସରକାର ଆଲୋଚନା ଜାରି ରଖିଥିଲେ। ରାଜ୍ୟ ଆଇଟି ଓ ବାଓଟେକ୍ନୋଲୋଜି ମନ୍ତ୍ରୀ ପ୍ରିୟଙ୍କା ଖଡଗେ ଚଳିତ ବର୍ଷ ଆରମ୍ଭରେ ବିଧାନସଭାରେ କହିଥିଲେ ଯେ ଏଆଇ ଓ ସୋସିଆଲ ମିଡିଆକୁ କେମିତି ଯୁବ ବ୍ୟବହାରକାରୀମାନେ ଦାୟିତ୍ୱବାନ ଭାବେ ପରିଚାଳନା କରିବେ, ତା'ର ବିଭିନ୍ନ ଦିଗକୁ ସରକାର ଯାଞ୍ଚ କରୁଛନ୍ତି। ସ୍ୱାସ୍ଥ୍ୟମନ୍ତ୍ରୀ ଦୀନେଶ ଗୁଣ୍ଡୁ ରାଓ ମଧ୍ୟ ଛୋଟ ପିଲାମାନେ ଅଧିକ ସମୟ ଧରି ମୋବାଇଲ ବ୍ୟବହାର କରୁଥିବାରୁ ଏହାକୁ ନେଇ ଚିନ୍ତା ପ୍ରକଟ କରିଥିଲେ। ବିଜେପି ବିଧାୟକ ସୁରେଶ କୁମାର ଏହି ପ୍ରସଙ୍ଗକୁ ବେଶ ଗୁରୁତ୍ୱର ସହ ନେବାକୁ ସରକାରଙ୍କୁ ଅନୁରୋଧ କରିବା ସହ ସୋଶାଲ ମିଡିଆର ବହୁଳ ବ୍ୟବହାର ଶିକ୍ଷା ଓ ପରିବାରର ପରିବେଶକୁ କ୍ଷତି ପହଞ୍ଚାଇବ ବୋଲି ମତ ରଖିଥିଲେ। ବିଭିନ୍ନ ବିଶ୍ୱ ବିଦ୍ୟାଳୟର କୁଳପତିଙ୍କ ସହ ଏହି ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ଆଲୋଚନା କରିବା ସହ ୧୬ ବର୍ଷରୁ କମ ବୟସ୍କ ପିଲାମାନଙ୍କ ପାଇଁ ମୋବାଇଲ ବ୍ୟାନ କରାଯିବା ଉଚିତ କି ନୁହେଁ, ସେମାନଙ୍କ ଠାରୁ ମତାମତ ସଂଗ୍ରହ କରିଥିଲେ।

### '୯୦% ସରିଛି ...

ତାକୁ ପୂରଣ କଲେ ବି ଚଳିବ। ଉଦ୍ଦେଶ୍ୟ ହେଉଛି ଯେମିତି ଭୋଟର ତାଲିକା ପୂରା ସ୍ୱଚ୍ଛ ହେବା ଦରକାର। ତେବେ ଯଦି କାହାର ଦୁଇ ଆଡେ ଭୋଟର ତାଲିକାରେ ନାଁ ଥାଏ ତେବେ ସେ ଗୋଟିଏ ଜାଗାରେ ରଖି ପାରିବେ। ଦୁଇଟି ବା ଏକାଧିକ ଜାଗାରେ ରଖିଲେ ତାହା ଦଣ୍ଡନୀୟ ଅପରାଧ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର. ଏସ୍. ଗୋପାଳନ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀ ରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର ଏସ ଗୋପଲନଙ୍କ ସମେତ ଅତିରିକ୍ତ ସିଇଓ ସୁଶାନ୍ତ କୁମାର ମିଶ୍ର, ଯୁଗ୍ମ ସିଇଓ ଗୋପୀନାଥ କୁଅଁର,ଡ଼େପୁଟି ସିଇଓ ଡ଼. ଲକ୍ଷ୍ମୀ ପ୍ରସାଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ୨୦ ବର୍ଷର ...

କେନ୍ଦ୍ର ସରକାର ପ୍ରସ୍ତୁତ ଓ ରାଜ୍ୟ ସରକାରଙ୍କ ସହାୟତାରେ ଏହାକୁ କାର୍ଯ୍ୟକାରୀ କରାଯିବ। ଓଡ଼ିଶାବାସୀଙ୍କ ଆଶୀର୍ବାଦରେ ଏବେ ରାଜ୍ୟର ଅଟକି ଯାଇଥିବା ବିକାଶ ରଥ ଆଗକୁ ବଢ଼ିବ ବୋଲି ସେ କହିଛନ୍ତି। କେନ୍ଦ୍ର ମନ୍ତ୍ରୀ ଶ୍ରୀ ଶାହା ରାଜ୍ୟରେ ବନ୍ଦ ପଡ଼ିଥିବା ସମସ୍ତ ଚିନି କଳକୁ ପୁନରୁଦ୍ଧାର କରିବା ପାଇଁ କେନ୍ଦ୍ର ସମବାୟ ମନ୍ତ୍ରଣାଳୟ ସହଯୋଗ ଯୋଗାଇ ଦେବ ବୋଲି କହିଛନ୍ତି। ନୟାଗଡ଼ ଚିନିକଳ ସମେତ ପୂର୍ବ ସରକାର ଅମଳରେ ରାଜ୍ୟରେ ଯେତେ ଚିନିକଳ ବନ୍ଦ ହୋଇଯାଇଥିଲା, ସେଗୁଡ଼ିକର ପ୍ରସ୍ତାବ ପଠାଇବା ପାଇଁ ସେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ କହିବା ସହ ଆଇପିଏଲ୍ ସହାୟତାରେ ଚିନି କଳର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହେବ ବୋଲି ଘୋଷଣା କରିଛନ୍ତି। ଆଗାମୀ ଦିନରେ ଗୁଜୁରାଟ ଭଳି ଓଡ଼ିଶାରେ 'ଶ୍ୱେତ ବିପ୍ଳବ' ଆଣି ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରାଯିବର ବ୍ଲୁପ୍ରିଣ୍ଟ ରଖିଛନ୍ତି ଶ୍ରୀ ଶାହ। ସେ କହିଛନ୍ତି ଯେ, ଗୁଜରାଟର ଅମୂଲ ମଡେଲ ଭଳି ଓଡ଼ିଶାର ପ୍ରତିଟି ଗାଁରେ ସମବାୟ ସମିତି ଗଠନ କରାଯିବ। ଗୁଜୁରାଟରେ ୩୬ ଲକ୍ଷରୁ ଅଧିକ ମହିଳା ଅମୂଲକୁ ଚଳାଉଛନ୍ତି, ସେହିଭଳି ଓଡ଼ିଶାର ମହିଳାମାନେ ମଧ୍ୟ ଦୁଗ୍ଧ ଉତ୍ପାଦନ ମାଧ୍ୟମରେ ଆତ୍ମନିର୍ଭରଶୀଳ ହେବେ। ପୂର୍ବ ସରକାର ଦୁଗ୍ଧ ଚାଷୀଙ୍କ ପାଇଁ କିଛି କଲେନି, ୨୦ବର୍ଷ ଧରି ଅନ୍ଧକାର ପରେ ଏବେ ଓଡ଼ିଶାରେ ସମୃଦ୍ଧିର ସୂର୍ଯ୍ୟ ଉଦୟ ହୋଇଛି ଓ ଡବଲ ଇଞ୍ଜିନ ସରକାର ଓଡ଼ିଶାକୁ ବିଶ୍ୱର ଏକ ପ୍ରମୁଖ ବିକଶିତ ରାଜ୍ୟରେ ପରିଣତ କରାଇବେ ବୋଲି ଦୃଢ଼ୋକ୍ତି ବ୍ୟକ୍ତ କରିଛନ୍ତି। ରାଜ୍ୟରେ ମତ୍ସ୍ୟ ଚାଷକୁ ମଧ୍ୟ ସମବାୟ ଶକ୍ତି ମାଧ୍ୟମରେ ଅଧିକ ପ୍ରୋତ୍ସାହିତ କରାଯିବ, ଯାହାଫଳରେ ଖାଦ୍ୟ ରପ୍ତାନୀ କ୍ଷେତ୍ରରେ ଓଡ଼ିଶା ଏକ ଲାଭବାନ ରାଜ୍ୟ ହୋଇପାରିବ ବୋଲି ସେ କହିଥିଲେ। ରାଜ୍ୟର ଉପକୂଳର ସମତଳ ଅଂଚଳଠାରୁ ଆରମ୍ଭ କରି ପଶ୍ଚିମ ଓଡ଼ିଶାର ପାହାଡ଼ିଆ ଅଞ୍ଚଳ ଓ ଜନଜାତି ଅଞ୍ଚଳ ପର୍ଯ୍ୟନ୍ତ ସବୁ ସ୍ଥାନର ହସ୍ତଶିଳ୍ପ ଓ ଶିଳ୍ପର ବିକାଶ ପାଇଁ ରୋଡମ୍ୟାପ୍ ପ୍ରସ୍ତୁତ ସରିଛି। ମହାନଦୀର ଉର୍ବର ଅବବାହିକା ଓ ଚିଲିକାର ବିଶାଳ ଜଳରାଶିର କିଭଳି ସଠିକ୍ ସମନ୍ୱୟ ରକ୍ଷା କରାଯାଇ ପାରିବ, ସେନେଇ ମଧ୍ୟ ପ୍ଲାନିଂ ହୋଇଛି ବୋଲି ସେ ସୂଚନା ଦେଇଛନ୍ତି। ଏହି ଅବସରରେ ଶ୍ରୀ ଶାହା ପାରାଦୀପ ଇଫକୋ ୟୁନିଟରେ ସଲଫ୍ୟୁରିକ୍ ଏସିଡ୍ ପ୍ଲାଂଟର ତୃତୀୟ ଷ୍ଟ୍ରିମକୁ ଲୋକାର୍ପଣ କରି ଓଡ଼ିଶାକୁ ଏକ ଶିଳ୍ପ ସମୃଦ୍ଧ ରାଜ୍ୟ କରିବା ଦିଗରେ କେନ୍ଦ୍ର ସରକାରଙ୍କ ସଂକଳ୍ପକୁ ଦୋହରାଇଛନ୍ତି। ଓଡ଼ିଶାବାସୀଙ୍କ ଜନାଦେଶ ଏବେ ଆଶୀର୍ବାଦ ପାଲଟିଛି ଏବଂ ଆଗାମୀ ଦିନରେ ରାଜ୍ୟବାସୀ ଏହାର ପ୍ରକୃତ ସୁଫଳ ପାଇବେ ବୋଲି ସେ କହିଛନ୍ତି। ଶ୍ରୀ ଶାହ ଆହୁରି ମଧ୍ୟ କହିଛନ୍ତି ଯେ, ଓଡ଼ିଶାରେ ପ୍ରଚୁର ଜଳସମ୍ପଦ, ଉର୍ବର ଜମି ଓ ପରିଶ୍ରମୀ ଶ୍ରମଶକ୍ତି ଥିବା ସତ୍ତ୍ୱେ ପୂର୍ବ ସରକାରଙ୍କ ଦୂରଦୃଷ୍ଟି ଅଭାବରୁ ଓଡ଼ିଶା ଆଜି ବିକାଶ ଦୌଡ଼ରେ ପଛରେ ପଡ଼ିଛି। ବିଜେପି ଯାହା କହେ ତାହା କରି ଦେଖାଏ । ୩୧୦୦ ଟଙ୍କାରେ ଧାନ କ୍ରୟ ଓ ସୁଭଦ୍ରା ଯୋଜନାରେ ଏକ କୋଟିରୁ ଅଧିକ ମହିଳାଙ୍କୁ ସହାୟତା ପ୍ରଦାନ ଏହାର ଜ୍ୱଳନ୍ତ ଉଦାହରଣ। ଓଡ଼ିଶାବାସୀ ଏବେ ଜଣେ ଓଡ଼ିଆ ଭାଷା କହୁଥିବା ମୁଖ୍ୟମନ୍ତ୍ରୀଙ୍କୁ ପାଇଛନ୍ତି, ଯିଏ ଲୋକଙ୍କ କୋହ ଓ ମାଟିର ଭାଷାକୁ ବୁଝିପାରୁଛନ୍ତି। ମୋହନ ମାଝୀଙ୍କ ସରକାର ଦାୟିତ୍ୱ ନେବାର ଅଳ୍ପ ଦିନ ମଧ୍ୟରେ ୩୧୦୦ ଟଙ୍କାରେ ଧାନ କିଣିବା ଓ ଏକ କୋଟିରୁ ଅଧିକ ମହିଳାଙ୍କୁ ସୁଭଦ୍ରା ଯୋଜନାରେ ସାମିଲ କରିବା ଭଳି ଐତିହାସିକ ନିଷ୍ପତ୍ତି ନେଇ ବିକାଶର ନୂଆ ପରିଚୟ ସୃଷ୍ଟି କରିଛନ୍ତି। ଏହି ଅବସରରେ ଶ୍ରୀ ଶାହ କଂଗ୍ରେସ ଓ ରାହୁଲ ଗାନ୍ଧିଙ୍କ ନକରାତ୍ମକ ରାଜନୀତିକୁ କଡ଼ା ସମାଲୋଚନା କରିଥିଲେ। କଂଗ୍ରେସ ଓ ରାହୁଲ ଗାନ୍ଧୀଙ୍କ ନକାରାତ୍ମକ ରାଜନୀତିକୁ କଡ଼ା ସମାଲୋଚନା କରି ଶାହା କହିଛନ୍ତି ଯେ ଦେଶ ବିରୋଧୀ ମାନସିକତା ରଖୁଥିବା ଲୋକଙ୍କୁ ଜନସାଧାରଣ ଉଚିତ୍ ଜବାବ ଦେବେ। ସୂଚନାଯୋଗ୍ୟ, ଶ୍ରୀ ଶାହ ଆଜି ମୁଣ୍ଡୁଳିଠାରେ ସିଆଇଏସଏଫର ପ୍ରତିଷ୍ଠା ଦିବସ ସମାରୋହରେ ଯୋଗ ଦେବାପରେ ପାରାଦୀପ ଯାଇ ଇଫକୋରେ ସଲଫ୍ୟୁରିକ୍ ଏସିଡ୍ ପ୍ଲାଣ୍ଟର ଲୋକାର୍ପଣ ସହ ଭୁବନେଶ୍ୱରରେ ମଧ୍ୟ ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଦିଲ୍ଲୀ ଫେରିଯିବା ପୂର୍ବରୁ ଦଳୀୟ କାର୍ଯ୍ୟାଳୟକୁ ଯାଇ ବରିଷ୍ଠ ବିଜେପି ନେତାମାନଙ୍କ ସହ ରୁଦ୍ଧଦ୍ୱାର ବୈଠକ କରିଥିଲେ।

### ସନ୍ତୃପ୍ତ ସବୁଠୁ ...

କୋଇଲା ଦୁର୍ନୀତି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିଲେ ମଧ୍ୟ ତାଙ୍କ ଜେଲ୍ ଦଣ୍ଡାଦେଶ ଉପରେ ହାଇକୋର୍ଟଙ୍କ ରହିତାଦେଶ ରହିଛି। ଏହି ୫ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ସୁଜିତ୍ କୁମାର ଆମେରିକାର ହାର୍ଭାର୍ଡ ବିଶ୍ୱବିଦ୍ୟାଳୟରୁ ପବ୍ଲିକ୍ ଆଡମିନିଷ୍ଟ୍ରେସନରେ ମାଷ୍ଟରଡିଗ୍ରୀ ହାସଲ କରିଥିବାବେଳେ ସନ୍ତୃପ୍ତ ବ୍ରିଟେନର ଆଷ୍ଟନ ବିଶ୍ୱବିଦ୍ୟାଳୟର ଡିଗ୍ରୀଧାରୀ ଅଛନ୍ତି। ସୁଜିତ୍, ଦିଲ୍ଲୀପ ରାୟ ଓ ମନମୋହନ ସାମଲଙ୍କ ପାଖରେ ଆଇନ ଡିଗ୍ରୀ ରହିଛି।

### ୨ ପର୍ଯ୍ୟାୟରେ ...

ପରିଚାଳିତ ହୋଇପାରିବ। ଏହି ଆପ୍ଲିକେସନ୍ ଆଣ୍ଡ୍ରଏଡ୍ ଏବଂ ଆଇଓଏସ୍ ପ୍ଲାଟଫର୍ମ ସହିତ ସୁସଙ୍ଗତ ଏବଂ ଏହାକୁ ୧୬ଟି ଆଞ୍ଚଳିକ ଭାଷାରେ ପରିଚାଳିତ କରାଯାଇପାରିବ। ସ୍ୱ-ଗଣନା (ଏସ୍.ଇ.) ପୋର୍ଟାଲ: ପ୍ରଥମ ଥର ପାଇଁ ସ୍ୱ-ଗଣନାର ବିକଳ୍ପ ପ୍ରଚଳନ କରାଯାଉଛି। ଏସଇ ପୋର୍ଟାଲ ହେଉଛି ଏକ ସୁରକ୍ଷିତ ୱେବ-ଆଧାରିତ ସୁବିଧା ଯାହା ଏକ ପରିବାର ମଧ୍ୟରେ ଯୋଗ୍ୟ ଉତ୍ତରଦାତାମାନଙ୍କୁ କ୍ଷେତ୍ର କାର୍ଯ୍ୟ ପୂର୍ବରୁ ଅନଲାଇନ୍ ସେମାନଙ୍କ ଘରୋଇ ସୂଚନା ଦାଖଲ କରିବାକୁ ଅନୁମତି ଦିଏ। ସଫଳ ଭାବେ ଦାଖଲ କରିବା ପରେ, ଏକ ସ୍ୱତନ୍ତ୍ର ସ୍ୱ-ଗଣନା ପରିଚୟ ପତ୍ର (ଏସ୍.ଇ.ଆଇ.ଡି.) ସୃଷ୍ଟି ହେବ। ଏହି ସ୍ୱୟଂ-ଗଣନା ପରିଚୟ ପତ୍ର (ଏସ୍.ଇ.ଆଇ.ଡି.) ଗଣନାକାରୀ ସହିତ ସେୟାର କରାଯିବ, ଯାହା ଆଧାରରେ ଗଣନାକାରୀ ସୂଚନାକୁ ଯାଞ୍ଚ କରିପାରିବେ। ସେନ୍ସସ୍ ମ୍ୟାନେଜମେଣ୍ଟ ଆଣ୍ଡ ମନିଟରିଂ ସିଷ୍ଟମ୍ (ସି.ଏମ୍.ଏସ୍.) ପୋର୍ଟାଲ୍: ପ୍ରଶାସନିକ ସ୍ତରରେ ଜନଗଣନା ସମ୍ବନ୍ଧୀୟ ସମସ୍ତ କାର୍ଯ୍ୟକଳାପ ଯୋଜନା, ପରିଚାଳନା, କାର୍ଯ୍ୟକାରୀ ଏବଂ ତଦାରଖ କରିବା ପାଇଁ ଡିଜାଇନ୍ ହୋଇଥିବା ଏକ କେନ୍ଦ୍ରୀକୃତ, ୱେବ୍-ଆଧାରିତ ଡିଜିଟାଲ୍ ପ୍ଲାଟଫର୍ମ। ଉପ-ଜିଲ୍ଲା, ଜିଲ୍ଲା ଏବଂ ରାଜ୍ୟ ସ୍ତରର ଅଧିକାରୀମାନେ ଏକ ସମନ୍ୱିତ ଡାସବୋର୍ଡ ମାଧ୍ୟମରେ ପ୍ରକୃତ ସମୟରେ ଗଣନାର ଅଗ୍ରଗତି, କ୍ଷେତ୍ର ପ୍ରଦର୍ଶନ ଏବଂ ପରିଚାଳନା ପ୍ରସ୍ତୁତିକୁ ଟ୍ରାକ୍ କରିପାରିବେ। ଜନଗଣନା-୨୦୨୭ ଅନୁଯାୟୀ, ଘରେ ଯାଇ ସୁରକ୍ଷିତ ମୋବାଇଲ୍ ଆପ୍ଲିକେସନ୍ ବ୍ୟବହାର କରି ତଥ୍ୟ ସଂଗ୍ରହ କରାଯିବ ଏବଂ ସମ୍ପୂର୍ଣ୍ଣ କଭରେଜ୍ ସୁନିଶ୍ଚିତ କରାଯିବ। ଏଥିପାଇଁ ଜନଗଣନା-୨୦୨୭ ପାଇଁ ସାରା ଦେଶରେ ୩୦ ଲକ୍ଷରୁ ଅଧିକ ଗଣନାକାରୀ, ପର୍ଯ୍ୟବେକ୍ଷକ ଏବଂ ଅନ୍ୟାନ୍ୟ ଜନଗଣନା ଅଧିକାରୀ ନିୟୋଜିତ ହେବେ। ପ୍ରଯୁକ୍ତିବିଦ୍ୟା ସହିତ ମିଶ୍ରିତ ନବସୃଜନ ଏବଂ ଅନ୍ତର୍ଭୁକ୍ତିକରଣ, ୨୦୨୭ ଜନଗଣନାକୁ ସଠିକ୍, ସୁରକ୍ଷିତ ଏବଂ ବ୍ୟାପକ କରିବା ନିଶ୍ଚିତ କରିବ। ପ୍ରଥମ ପର୍ଯ୍ୟାୟରେ ଘରର ସ୍ଥିତି ଏବଂ ଘରୋଇ ସୁବିଧା ଉପରେ ତଥ୍ୟ ସଂଗ୍ରହ କରାଯିବ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ଦେଶର ପ୍ରତ୍ୟେକ ବ୍ୟକ୍ତିଙ୍କ ଜନସାଂଖ୍ୟିକୀୟ, ସାମାଜିକ ଏବଂ ଅର୍ଥନୈତିକ ବିବରଣୀ ରେକର୍ଡ କରାଯିବ। ପ୍ରଥମ ପର୍ଯ୍ୟାୟ ପାଇଁ ବିଜ୍ଞପ୍ତି ୭ ଜାନୁଆରୀ ୨୦୨୬ ରେ ଜାରି କରାଯାଇଥିଲା। ଗୃହ ତାଲିକା ଏବଂ ଆବାସ ଗଣନା ପ୍ରତ୍ୟେକ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳ ଦ୍ୱାରା ସୂଚିତ ୩୦ ଦିନିଆ କ୍ରମାଗତ ଅବଧି ମଧ୍ୟରେ ୧ ଏପ୍ରିଲ ୨୦୨୬ ରୁ ୩୦ ସେପ୍ଟେମ୍ବର ୨୦୨୬ ମଧ୍ୟରେ ଅନୁଷ୍ଠିତ ହେବ। ଘରକୁ ଘର ସର୍ଭେ ପୂର୍ବରୁ ଏକ ବିକଳ୍ପ ୧୫ ଦିନିଆ ସ୍ୱ-ଗଣନା ଅବଧି ରହିବ। ୨୦୨୭ ମସିହା ଫେବୃଆରୀ ମାସରେ ସମଗ୍ର ଭାରତରେ ଜନସଂଖ୍ୟା ଗଣନା କରାଯିବ। କେନ୍ଦ୍ରଶାସିତ ଅଞ୍ଚଳ ଲଦାଖ ଏବଂ ଜାମ୍ମୁ କାଶ୍ମୀର, ହିମାଚଳ ପ୍ରଦେଶ ଏବଂ ଉତ୍ତରାଖଣ୍ଡର ବରଫାବୃତ ଅଣ-ସମକାଳିକ ଇଲାକା ପାଇଁ ଗଣନା ସେପ୍ଟେମ୍ବର ୨୦୨୬ ରେ ଅନୁଷ୍ଠିତ ହେବ। ଦ୍ୱିତୀୟ ପର୍ଯ୍ୟାୟ ଜନଗଣନାରେ ଜାତି ସମ୍ବନ୍ଧୀୟ ପ୍ରଶ୍ନ ମଧ୍ୟ ସାମିଲ କରାଯିବ। ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ନିମନ୍ତେ ୨୦୨୭ ଜନଗଣନା ପାଇଁ ସନ୍ଦର୍ଭ ତାରିଖ ୧ ମାର୍ଚ୍ଚ, ୨୦୨୭ ମଧ୍ୟରାତ୍ରି ହେବ। ଲଦାଖ ଏବଂ ତୁଷାର ଆଚ୍ଛାଦିତ ଅଣ-ସଙ୍କେତିକ ଅଞ୍ଚଳ (ଜାମ୍ମୁ ଏବଂ କାଶ୍ମୀର, ହିମାଚଳ ପ୍ରଦେଶ ଏବଂ ଉତ୍ତରାଖଣ୍ଡ) ପାଇଁ ସନ୍ଦର୍ଭ ତାରିଖ ୧ ଅକ୍ଟୋବର, ୨୦୨୬ ମଧ୍ୟରାତ୍ରି ହେବ।

# ସରକାରଙ୍କ ବିକଶିତ ଭାରତ ଜି ରାମ୍ ଜି ସଚେତନ କାର୍ଯ୍ୟକ୍ରମ



**ଲକ୍ଷ୍ମୀପୁର :** କୋରାପୁଟ ଜିଲ୍ଲା ନରାୟଣପାଟଣା ବ୍ଲକ କାର୍ଯାଳୟ ଠାରେ ସରକାରଙ୍କ ବିକଶିତ ଭାରତ ଜି ରାମ୍ ଜି ସଚେତନ କାର୍ଯକ୍ରମ ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଗୋଲାଦି ତ୍ରିନାଥ,ସମ୍ମାନୀତ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିକ୍ରମ କୁମାର ଦୋରା, ମନରେଗା କୋଡିନେଟର ରଶ୍ମିତା ଦାଶ, ବ୍ଲକ ଉପାଧ୍ୟକ୍ଷା ରିନୁ ଦାଶ, ଜିଲ୍ଲାପରିଷଦ ସଭ୍ୟା ରାମ୍ଧ ସିରିକା, ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟସଭ୍ୟା, ସମସ୍ତ କାର୍ଯ ନିର୍ବାହୀ ଅଧିକାରୀ, ସମସ୍ତ ଏଡିଓ, ସମସ୍ତ ବିଭାଗୀୟ ଅଧିକାରୀ ପ୍ରମୂଖ ଉପସ୍ଥିତ ଥିଲେ। ପୂର୍ବରୁ ମନୋରେଗା ଯୋଜନା ଅଧିନରେ ଚାଲିଥିବା ସମସ୍ତ କାର୍ଯଗୁଡିକୁ ଆସନ୍ତା ମାର୍ଚ୍ଛ ୧୫ ତାରିଖ ସୁଧା ସମାପ୍ତ କରିବା ପାଇଁ ନିର୍ଧେଶ ଦିଆଯାଇଥିଲା। ବର୍ତ୍ତମାନ ସରକାର ଏହି ଯୋଜନା ବନ୍ଦ କରି ନୂତନ ଯୋଜନା ବିକଶିତ ଭାରତ ଜୀ ରାମ ଜୀ ଯୋଜନା ଆରମ୍ଭ କରିବାକୁ ଯାଉଛନ୍ତି। ଏହି ଯୋଜନା ମାଧ୍ୟମରେ ସରକାର ପ୍ରତେକ ଗରିବ ପରିବାରକୁ ୧୨୫ ଦିନର କାର୍ଯ ଯୋଗାଇ ଦେବା ପାଇଁ ସ୍ଥିର କରିଛନ୍ତି। ଗରିବ ସୀମା ରେଖା ତଳେ ଥିବା ସମସ୍ତ ହିତାଧିକାରୀଙ୍କୁ କାମ ଯୋଗାଇ ସାମାନଙ୍କୁ ସ୍ୱାବଲମ୍ବନଶୀଳ କରିବା ସହ ସେମାନଙ୍କୁ ବିକାଶ ଦିଗରେ ଆଗେଇ ନେବା ପାଇଁ ଏହା ହେଉଛି ସରକାରଙ୍କ ଏକ ନୂତନ ପଦକ୍ଷେପ। ସରକାର ଏହି ଯୋଜନା ମାଧ୍ୟମରେ ୨୦୪୭ ସୁଧା ଭାରତକୁ ଏକ ବିକଶିତ ଭାରତ ଭାବେ ଗଢି ତୋଳିବାକୁ ଚେଷ୍ଟା କରୁଛନ୍ତି ବୋଲି ଅଧ୍ୟକ୍ଷ ଶ୍ରୀଯୁକ୍ତ ତ୍ରିନାଥ ପ୍ରକାଶ କରିଥିଲେ।

# ବିଜୁବାବୁଙ୍କ ୧୧୦ତମ ଜୟନ୍ତୀ ପାଳିତ



**ଅସ୍ତରଙ୍ଗ :** ସାରା ରାଜ୍ୟରେ କିମ୍ବଦନ୍ତୀ ପୁରୁଷ ବିଜୁବାବୁଙ୍କ ୧୧୦ ତମ ଜନ୍ମ ଜୟନ୍ତୀ ମହାସମାରୋହରେ ପର୍ଯ୍ୟଟନ ସ୍ଥଳୀ ପୀର ଜାହାନିଆ ଠାରେ ପାଳିତ ହୋଇଯାଇଛି। ପ୍ରଥମେ ବିଜୁ ବାବୁଙ୍କ ଫୋଟୋ ଚିତ୍ରରେ ପୁଷ୍ପମାଲ୍ୟ ଦିଆଯାଇ ଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ଅସ୍ତରଙ୍ଗ ବ୍ଲକର ହଜାର ହଜାର ବିଜୁ ପରିବାର, ବିଜେଡ଼ିର ବରିଷ୍ଠ ନେତା, କର୍ମୀ ମାନେ ଯୋଗ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ କାକଟପୁର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ତୁଷାର କାନ୍ତି ବେହେରା ବିଜେଡିର ପୁରୀ ଜିଲ୍ଲା ପରିଷଦ ଉପାଦକ୍ଷ ସ୍ୱାଧୀନ କୁମାର ନାୟକ ଯୋଗ ଦେଇ ପ୍ରବାଦ ପୁରୁଷ ବିଜୁବାବୁଙ୍କ ଅତୀତ ଇତିହାସର ସ୍ମୃତି ଚାରଣ କରିଥିଲେ। ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ଦଳର ସଫଳତା ଉପରେ ଆଲୋକପାତ କରିଥିଲେ। ବିଜେଡ଼ିର ସମସ୍ତ କର୍ମୀ ତୃଣମୂଳ ସ୍ତରରେ ପୁଣି କାର୍ଯ୍ୟକ୍ରମ ଜାରି ରଖିବେ ବୋଲି ଶପଥ ଗ୍ରହଣ କରିଥିଲେ। ସ୍ୱାଧୀନଙ୍କ ଶେଷ ରକ୍ତ ବିନ୍ଦୁ ଥିବା ପର୍ଯ୍ୟନ୍ତ ସେ ଅସ୍ତରଙ୍ଗ ମା ଓ ମାଟି ପାଇଁ ସଂଗ୍ରାମ ଜାରି ରଖିବେ ବୋଲି ଦୃଢକ୍ତି କରିଥିଲେ। ପୂର୍ବତନ ମନ୍ତ୍ରୀ ସୁର ନାୟକଙ୍କ ପରି ରାଜନୈତିକ ସଂଗ୍ରାମ ସବୁବେଳେ ଜାରି ରହିବ ଓ ଲୋକଙ୍କ ସେବାରେ ନିଜକୁ ନିୟୋଜିତ କରିବେ ବୋଲି କହିଥିଲେ। ବିଜେପି ସରକାରଙ୍କ ବିଫଳତା, ଚାଷୀ ମାରଣା ନୀତି, ଆୟୁସମାନ କାର୍ଡ ଉପରେ ମଞ୍ଚାସୀନ ନେତାମାନେ ବକ୍ତବ୍ୟ ରଖିଥିଲେ। ମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭ୍ୟା ସରସ୍ୱତୀ ସ୍ୱାଇଁ, ବନିତା ବେହେରା,ସମସ୍ତ ନିର୍ବାଚିତ ସରପଞ୍ଚ ଓ ସମିତି ସଭ୍ୟ ଓ କର୍ମୀ ଜୟନ୍ତ ତ୍ରିପାଠୀ, କୁଞ୍ଜ ବିହାରୀ ପ୍ରଧାନ, ଲକ୍ଷ୍ମୀ ଧର ଯେନା, ଭୀମସେନ ସ୍ୱାଇଁ, ବିଦ୍ୟାଧର ବିଶ୍ୱାଳ, ସରପଞ୍ଚ କ୍ଷୀରୋଦ କାଣ୍ଡି, ଯଶୋବନ୍ତ ନାୟକ, ମାନସ କୁମାର ସାହୁ, ବିଜୟ ପଡ଼ିଆରୀ, ପ୍ରଫୁଲ୍ଲ କୁମାର ସ୍ୱାଇଁ,ବୃନ୍ଦାବନ ନାୟକ ବ୍ଲକ, ବିଜୁ ଯୁବ ଜନତା ସଭାପତି ପଞ୍ଚାନନ ସ୍ୱାଇଁ ସଭାପତିତ୍ୱ କରିଥିଲେ।

# ବଡ଼ନୀ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ



**ନବରଙ୍ଗପୁର :** ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ପାଲିଆ ପଂଚାୟତ ଅନ୍ତର୍ଗତ ବଡ଼ନୀ ସରକାରୀ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ମଙ୍ଗଳବାର ଦିନ ପାଳିତ ହୋଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସପନ କୁମାର ହାଲଦାରଙ୍କ ସଭାପତିତ୍ୱରେ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗ ଦେଇଥିବା ବେଳେ ସ୍ୱତନ୍ତ୍ର ଅତିଥିଭାବେ ରାଜ୍ୟ ଉପ ସଭାପତି ରମେଶ ଚନ୍ଦ୍ର ସାହୁ ଓ ମୁଖ୍ୟବକ୍ତା ଭାବେ ନବରଙ୍ଗପୁର ଜିଲ୍ଲା ମଙ୍ଗଳ ଅଧିକାରୀ ପାଳକା ରବୀନ୍ଦ୍ର ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ମାନଙ୍କ ମଧ୍ୟରେ ଝରିଗାଁ ବିଧାୟକ ନରସିଂହ ଭତରା, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଭରତ ଚନ୍ଦ୍ର ସାହୁ,ଝରିଗାଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମଧୁସୂଦନ ମାଝୀ, ପାଲିଆ ସରପଞ୍ଚ ରାଧା ସାନ୍ତା,ପାଲିଆ ସମିତି ସଭ୍ୟା ମଦନାଦେଇ ଗୌଡ଼, ଝରିଗାଁ ସାଂସଦ ପ୍ରତିନିଧି ଚନ୍ଦ୍ରଭାନୁ ନାୟକ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଅମିତ କୁମାର ନାୟକ, ବିଏସ ପଦର ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସାଧୁରାମ ଭତରା,ଭିମାଗୁଡା ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରଞ୍ଜନ ବେହେରା, ଭାମୀନି ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ଜେନା, ଚଟା ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମନୋଜ କୁମାର ମିଶ୍ର,ବଡ଼ନୀ ଗ୍ରାମର ମାଟି ପୂଜାରୀ ମଙ୍ଗୁ ପୂଜାରୀ, ବଡ଼ନୀ ଆଶ୍ରମ ବିଦ୍ୟାଳୟର ସ୍କୁଲ ପରିଚାଳନା ସଭାପତି ହରିଶ୍ଚନ୍ଦ୍ର ପୂଜାରୀ ପ୍ରମୁଖ ମଞ୍ଚାସୀନ ରହିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ହାଲଦାର ବିଦ୍ୟାଳୟର ବାର୍ଷିକ ବିବରଣୀ ପଠନ କରିବା ପରେ ମଞ୍ଚାସୀନ ଅତିଥିମାନେ ନିଜ ନିଜ ଅବିଭାଷଣ ରଖିଥିଲେ। ଶେଷରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ବିଦ୍ୟାଳୟର ସହ ଶିକ୍ଷକ କୃତିବାସ ହରିଜନ, ବବି ସ୍ୱାଇଁ, ସନ୍ତୋଷ ପନକା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ସବୁଜ ସୁନା ବାଉଁଶ





ପ୍ରେମାନନ୍ଦ ପାଣିଗ୍ରାହୀ

ତୃଣ ପ୍ରଜାତି ଉଦ୍ଭିଦ ମଧ୍ୟରେ ବାଉଁଶ ହେଉଛି ସବୁଠାରୁ ଉଚ୍ଚ ଓ ଶକ୍ତିଶାଳୀ । ଆମ ଜନଜୀବନ ସହ ବାଉଁଶ ଅଙ୍ଗାଙ୍ଗୀ ଭାବେ ଜଡିତ । ଶିଶୁ ଜନ୍ମ ଠାରୁ ଆରମ୍ଭ କରି ବିବାହ, ଓଷା, ବ୍ରତ, ପର୍ବପର୍ବାଣୀ ସର୍ବୋପରି ମୃତ ବ୍ୟକ୍ତିର ଅନ୍ତେଷ୍ଟିକ୍ରିୟା ପର୍ଯ୍ୟନ୍ତ ବାଉଁଶ ଆବଶ୍ୟକ ହୋଇଥାଏ । ତେଣୁ ବାଉଁଶକୁ ସବୁଜ ସୁନା କୁହାଯାଏ । ଫେଙ୍ଗସୁଇ ମତରେ ବାଉଁଶ ସୌଭାଗ୍ୟ ଓ ସମୃଦ୍ଧିର ପ୍ରତୀକ । ମାଟି କୁଡିଆ ଠାରୁ ଆରମ୍ଭ କରି ପ୍ରାସାଦ ପର୍ଯ୍ୟନ୍ତ ସବୁଠି ବାଉଁଶରୁ ପ୍ରସ୍ତୁତ ସାମଗ୍ରୀ ଦେଖିବାକୁ ମିଳେ । କାଠ ପରେ ବାଉଁଶକୁ ମନୁଷ୍ୟ ଅଧିକ ବ୍ୟବହାର କରିଥାଏ । ଯେକୌଣସି ପରିବେଶରେ ବାଉଁଶ ବଢିପାରେ । ଉଚ୍ଚତାରେ ୩୦ ମିଟର ଓ ଗୋଲେଇରେ ୨୦ସେ.ମି ପର୍ଯ୍ୟନ୍ତ ଏହାର ଆକାର ହୋଇଥାଏ । ଯେକୌଣସି ସାଧାରଣ ଗଛ ଅପେକ୍ଷା ବାଉଁଶ ୩୦ ପ୍ରତିଶତ ଅଧିକ ଅମ୍ଳଜାନ ପରିବେଶକୁ ଦେଇଥାଏ । ବିଶ୍ୱର ଆଫ୍ରିକା, ଏସିଆ, ଦକ୍ଷିଣ ଆମେରିକା,ଉତ୍ତର ଆମେରିକା,ଅଷ୍ଟ୍ରେଲିଆ ମହାଦେଶର ବିଭିନ୍ନ ଅଞ୍ଚଳରେ ବାଉଁଶ ଗଛ ଦେଖିବାକୁ ମିଳିଥାଏ । ସମଗ୍ର ବିଶ୍ୱରେ ୧୨୫୦ ପ୍ରଜାତିର ବାଉଁଶ ଦେଖାଯାଉଥିବା ବେଳେ ଆମ ଦେଶରେ ୧୩୦ ପ୍ରକାର ବାଉଁଶ ଅଛି । ଉତ୍ତର-ପୂର୍ବ ରାଜ୍ୟଗୁଡିକରେ ବହୁ ଲୋକ ବାଉଁଶ ଚାଷ କରନ୍ତି । ମେଘାଳୟ, ମିଜୋରମ, ତ୍ରିପୁରା, ନାଗାଲାଣ୍ଡରେ ବାଉଁଶ ଦ୍ୱାରା ବହୁ ଲୋକଙ୍କର ଆର୍ଥିକ ବିକାଶ ଘଟିଛି ।

ଆମ ରାଜ୍ୟର ମୋଟ ଜଙ୍ଗଲ ଅଞ୍ଚଳର ୩୩ ପ୍ରତିଶତ ଅଞ୍ଚଳ ହେଉଛି ବାଉଁଶ ଜଙ୍ଗଲ । ପ୍ରାୟ ୧୮ ହଜାର ବର୍ଗ କିଲୋମିଟରରେ ଏହା ପରିବ୍ୟାପ୍ତ । ପ୍ରତିବର୍ଷ ୨.୫ ଲକ୍ଷ ଟନ୍ ବାଉଁଶ ରାଜ୍ୟରୁ ଉତ୍ପାଦିତ ହୋଇଥାଏ । ଓଡିଶାରେ



ସୁନ୍ଦରକାନି, ସାଲିଆ, ଅଲାଙ୍ଗି, ବଲାଙ୍ଗି, ଫୁଲ, କଟଙ୍ଗ୍ ଆଦି ଜାତିର ବାଉଁଶ ବେଶୀ ପରିମାଣରେ ଦେଖିବାକୁ ମିଳିଥାଏ ।

ଡମ ଜାତିର ଲୋକେ ବାଉଁଶ ତିଆରି ସାମଗ୍ରୀ ବିକ୍ରି କରି ଜୀବନ ନିର୍ବାହ କରୁଥିଲେ । ଏମାନଙ୍କର କୌଳିକ ବୃତ୍ତି ହେଉଛି ବାଉଁଶରୁ ତିଆରି ବିଭିନ୍ନ ଘରକରଣା ଓ ଅତ୍ୟାବଶ୍ୟକ ଜିନିଷ ତିଆରି କରିବା । କଞ୍ଚା ବାଉଁଶରୁ ବିଭିନ୍ନ ଉପକରଣ ତିଆରି କରିବାରେ ଏମାନେ ନିପୁଣ । ତେବେ ଧିରେଧିରେ ବାଉଁଶ ଜଙ୍ଗଲର ହ୍ରାସ ଓ ସରକାରୀ କଟକଣା ଯୋଗୁଁ ଏବେ କଞ୍ଚା ବାଉଁଶର ଅଭାବ ଯୋଗୁଁ ବହୁ ଡମ ଜାତି ଏହି ବୃତ୍ତିକୁ ଛାଡିବାକୁ ବସିଛନ୍ତି । ହସ୍ତଶିଳ୍ପ କେବଳ କାରିଗରମାନଙ୍କ ଜୀବନଜୀବିକାର ମାଧ୍ୟମ ନୁହେଁ , ଏହା ସେମାନଙ୍କର ବଞ୍ଚିବାର ଶୈଳୀ ଅଟେ । ସେମାନଙ୍କର କଳାକୃତିରେ ପାରମ୍ପରୀକ ମୂଲ୍ୟବୋଧର ଝଲକ ରହିଛି । ବାଉଁଶ କାଠରୁ ପ୍ରସ୍ତୁତ ହେଉଥିବା ଆସବାବପତ୍ର ମିତବ୍ୟୟୀ, ପରିବେଶ ଅନୁକୂଳ ସହ ଦୀର୍ଘସ୍ଥାୟୀ ଓ ଆକର୍ଷଣୀୟ ହୋଇଥାଏ । କୃଷି ସାମଗ୍ରୀ ଭାବେ ଯୁଆଳି, ମଇ, ଡାଙ୍ଗିଆ, ବାହୁଙ୍ଗି, ପାଞ୍ଚଣ, କୁଲେଇ, ଚଲା, ଉଖୁଣୀ, ଟୋକେଇ, ଗାଣ୍ଡୁଆ, ଓଳିଆ, ଓଦର ଆଦି ଜିନିଷକୁ କୃଷକ ବ୍ୟବହାର କରିଥାଏ । ଘରକରଣା ଭାବରେ ଫୁଲ ସାଜି, ପାଛିଆ,ମାଛ ଖେଳି, ଝୁଡା, କୁକୁଡା ପଞ୍ଜୁରୀ, ଧଉଡି, ମାଛ ଧରା ଘୁଙ୍ଗା, ବାଉଁଶ ବିଞ୍ଚଣା, ନାଲି କେଟିଆ, ଡୋଲି,ଝଙ୍କା,ଦଲମା, ଟାଙ୍ଗଲୀ, ଚଆଦି ଉପକରଣ ସାମଗ୍ରୀ ଗାଁଗହଳିରେ ବହୁଳ ବ୍ୟବହାର ହୋଇଥାଏ । ଆଧୁନିକ ଯୁଗରେ ଯେଉଁଇଠି ପ୍ରତ୍ୟେକ ଘରକରଣା ଜିନିଷ ପ୍ଲାଷ୍ଟିକ୍, ଆଲୁମିନିୟମ ଓ ଷ୍ଟିଲରେ ଉପଲବ୍ଧ ସେଠି ମଧ୍ୟ ବାଉଁଶ ତିଆରି ଜିନିଷର ସ୍ଥାନ ସ୍ୱତନ୍ତ୍ର । ଲୋକଙ୍କ ଚଳଣି ଯେତେ ଆଧୁନିକ ହେଲେ ବି ଝୁଡି, ପାଛିଆ, ଝଙ୍କା, ଚାଲୁଣି, ହାତପଙ୍ଖା, ଡଲା, ଚଲା, ଡୋକେଇ, ଝାମ୍ପି ଆଦି ଘରକରଣା ଜିନିଷର ଆବଶ୍ୟକତା ରହିବ । ତେବେ ଅତ୍ୟଧିକ ପ୍ଲାଷ୍ଟିକର ବ୍ୟବହାର ଓ ପରିଶ୍ରମ ଅନୁସାରେ ରୋଜଗାର ନହେବାରୁ ବାଉଁଶକୁ ପେଷା କରି ଜୀବିକା ନିର୍ବାହ କରୁଥିବା ଲୋକେ ଏଥିରୁ ମୁହଁ ଫେରାଉଛନ୍ତି ।

ଉତ୍ତରପ୍ରଦେଶ, ଗୁଜୁରାଟ, ତ୍ରିପୁରା, ଆସାମ, କେରଳ, ହିମାଚଳପ୍ରଦେଶ ପରି ରାଜ୍ୟରେ ବାଉଁଶ ପ୍ରକ୍ରିୟାକରଣକୁ ଶିଳ୍ପ ଭାବରେ ଗ୍ରହଣ କରାଯାଇଛି । ସେହିପରି ଆମ ରାଜ୍ୟରେ ବାଉଁଶ କାରିଗରୀ ଓ



ହସ୍ତକଳାକୁ ସ୍ୱତନ୍ତ୍ର ପରିଚୟ ଦେବାକୁ ବାଉଁଶ ହସ୍ତଶିଳ୍ପ କ୍ଲଷ୍ଟର ପାଇଁ ପ୍ରସ୍ତୁତି ଆରମ୍ଭ କରାଯାଇଛି । ବାଉଁଶ ପ୍ରୋସେସିଂ ୟୁନିଟ୍ କରାଯାଇ ପୁରାତନ ବାଉଁଶ ହସ୍ତକଳାରେ ଆଧୁନିକତାର ସ୍ପର୍ଶ ଦେବାକୁ ବ୍ୟବସ୍ଥା କରାଯାଇଛି । ଓଡିଶାରେ ବାଉଁଶ ଚାଷ ପାଇଁ ଚାଷୀଙ୍କ ମନରେ ଆଗ୍ରହ ସୃଷ୍ଟି କରିବା ପାଇଁ ୨୦୧୮-୧୯ରୁ ବାଉଁଶ ମିଶନ କାର୍ଯ୍ୟ କରୁଛି । ଯେଉଁ ଚାଷୀମାନେ ନିଜ ଜମିରେ ବାଉଁଶ ଚାଷ ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି,ସେମାନଙ୍କୁ ଏହି ମିଶନରେ ୫୦ ପ୍ରତିଶତ ସବସିଡ ପ୍ରଦାନ କରାଯାଉଛି । ଓଡିଶାରେ ବାଉଁଶ ମିଶନର ବିସ୍ତାର କରିବାକୁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଯୋଜନା କରୁଛନ୍ତି । ଲୋକଙ୍କୁ ବାଉଁଶ ଚାଷ ମାଧ୍ୟମରେ ରୋଜଗାରକ୍ଷମ କରାଇବା ସହ ରାଜ୍ୟର ବିଭିନ୍ନ ସ୍ଥାନରେ ବାଉଁଶ ଜଙ୍ଗଲ ସୃଷ୍ଟି କରିବା ଏହି ଯୋଜନାର ଲକ୍ଷ୍ୟ ରହିଛି । ଓଡିଶା ସରକାରଙ୍କ ଦ୍ୱାରା ଅନୁମୋଦିତ ୫୦ଟି ହସ୍ତଶିଳ୍ପକୁ ଆଧାର କରି କାରିଗରମାନେ ବିଭିନ୍ନ ସାମଗ୍ରୀ ଉତ୍ପାଦନ କରୁଛନ୍ତି । ବାଉଁଶ ସାମଗ୍ରୀ ଢେଙ୍କାନାଳ, ମୟୁରଭଞ୍ଜ, ସୋନପୁର, ସୁବର୍ଣ୍ଣପୁର, ବରଗଡ, ରାୟଗଡା, ଖୋର୍ଦ୍ଧା, ନୟାଗଡ, ସୁନ୍ଦରଗଡ, କନ୍ଧମାଳ,ମାଲକାନଗିରି ଜିଲ୍ଲାରେ ଅଧିକ ଉତ୍ପାଦିତ ହୋଇଥାଏ । ତେଣୁ ମୟୁରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର, ଯାଜପୁର ଜିଲ୍ଲାର ରସୁଲପୁର, ବରଗଡରବରଗାଁ ଓ ପଦ୍ମପୁର, ସୁବର୍ଣ୍ଣପୁର ଜିଲ୍ଲାର ବିନିକା, ଢେଙ୍କାନାଳ ଜିଲ୍ଲାର ବଉଳପୁରରେ ଏହି କ୍ଲଷ୍ଟର କରାଯିବାର ବ୍ୟବସ୍ଥା କରାଯାଇଛି । ଏଥିପାଇଁ ବାଉଁଶ ଉନ୍ନୟନ ସଂସ୍ଥା ପକ୍ଷରୁ ୭ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ତ୍ରିପୁରାର ବାଉଁଶ କାରିଗରୀ ପରି ଓଡିଶାର ବାଉଁଶ କାରିଗରୀକୁ ପରିଚିତ କରିବା ପାଇଁ ତ୍ରିପୁରାରୁ ବାଉଁଶ ହସ୍ତକଳା ମାଷ୍ଟର ଆର୍ଟିସାନ୍‌ମାନଙ୍କୁ ଅଣାଯାଇ ପାଞ୍ଚ ଜିଲ୍ଲାର କାରିଗରଙ୍କୁ ପ୍ରଶିକ୍ଷଣ ଦିଆଯିବ । ଏହି ଜିଲ୍ଲାମାନଙ୍କର ବାଉଁଶ କାରିଗରମାନଙ୍କୁ ତ୍ରିପୁରା ଓ ଆସାମକୁ ପଠାଯାଇ ବାଉଁଶ କାରିଗର ସମ୍ପର୍କରେ ଅଧିକ ଜାଣିବା ପାଇଁ ବ୍ୟବସ୍ଥା କରାଯିବ । ଯଦ୍ୱାରା ବାଉଁଶ ଜିନିଷ ଅଧିକ ଆକର୍ଷଣୀୟ ହୋଇପାରିବ ଓ ବାଉଁଶ ଚାଷୀ ଓ କାରୀଗରଙ୍କ ଆର୍ଥିକ ସ୍ଥିତି ସ୍ୱଚ୍ଛଳ ହେବ ।

*ଭୁବନ,ଢେଙ୍କାନାଳ*
*ଦୂରଭାଷ : ୯୪୩୭୭୨୯୩୮୪*

# ପବିତ୍ର ଦେବଭୂମି ସୁବର୍ଣ୍ଣପୁରରେ ଗୋଟିଏ ରାତ୍ରୀ



ସିତାଂଶୁ ଶେଖର ମିଶ୍ର

ସୁବର୍ଣ୍ଣପୁରକୁ ପହଞ୍ଚିବା ସମୟରେ ସୂର୍ଯ୍ୟ ଧୀରେ ଧୀରେ ଅସ୍ତାଚଳ ଅଭିମୁଖେ ଗମନ କରୁଥିଲେ, ଆକାଶକୁ ରଙ୍ଗାଇ ଦେଇ ।

ମହାନଦୀର ପଠାରେ ଠିଆ ହୋଇ ଦୂର ଆକାଶକୁ ଦେଖିଲେ ଲାଗୁଥିଲା—ଯେପରି ଦିନ ଓ ରାତି ଏଠାରେ ନିଜେ ନିଜେ କଥାହୁଏ । ଏହି ସହର କେବଳ ଏକ ଭୌଗୋଳିକ ସ୍ଥାନ ନୁହେଁ, ଏହା ଆସ୍ଥା, ଇତିହାସ ଓ ଶାନ୍ତିର ଏକ ସଜୀବ ସଂଗ୍ରହାଳୟ ।

ରାତି ଯେତେ ବଢ଼ି ବଢ଼ି ଚାଲେ ସହରର ରୂପ ଧୀରେ ଧୀରେ ବଦଳିଯାଏ । ଦିନର ଚଞ୍ଚଳତା ଶାନ୍ତ ହୋଇ, ଗଳିଗୁଡ଼ିକ ନିରବତାକୁ ଆପଣାଇନିଏ । ନଦୀ କୂଳେ ପଦଯାତ୍ରା କରୁଥିବା ବେଳେ ମହାନଦୀର ମନୋହର ଶୀତଳ ପବନ ଯାତ୍ରୀର କ୍ଲାନ୍ତ ମନ ଓ ଶରୀରକୁ ସତେଜ କରିଦିଏ ।

ଚନ୍ଦ୍ରାଲୋକରେ ନଦୀର ଜଳ ଏମିତି ଚମକୁଥାଏ, ଯେପରି ରୂପାର ପତ୍ର ବିଛା ହୋଇଛି ।



ସୁବର୍ଣ୍ଣପୁରର ରାତ୍ରୀ ମନ୍ଦିର ବିନା ଅସମ୍ପୂର୍ଣ୍ଣ । ଦୂରରୁ ଭାସିଆସୁଥିବା ଶଙ୍ଖଧ୍ୱନି ଓ ଘଣ୍ଟାନାଦ ଯାତ୍ରୀର ମନକୁ ଅଲକ୍ଷ୍ୟରେ ଆକର୍ଷିତ କରିନିଏ ।

ମନ୍ଦିର ପ୍ରାଙ୍ଗଣରେ ପ୍ରଜ୍ୱଳିତ ଦୀପ ଓ ଧୂପର ସୁଗନ୍ଧ ସମଗ୍ର ପରିବେଶକୁ ଆଧ୍ୟାତ୍ମିକ କରି ତୋଳେ । ସେଠାରେ କିଛି ସମୟ ନିରବ ଭାବେ ବସିଲେ ମନ ଆପେଆପେ ଶାନ୍ତ ହୋଇଯାଏ ।

ପୁରାତନ ରାଜବାଟୀ ଓ ଐତିହାସିକ ସ୍ଥାନଗୁଡ଼ିକ ରାତିରେ ଆହୁରି ଗମ୍ଭୀର ଲାଗେ । ଏମିତି ଲାଗେ—ପଥର ଦେଉଳରେ ଅନେକ କାହାଣୀ ଲୁଚି ରହିଛି, ଯାହା କେବଳ ଧୈର୍ଯ୍ୟରେ ଶୁଣିଲେ ହିଁ ଖୋଲିଯାଏ । ଛୋଟ 'ଚା' ଦୋକାନରେ ବସି ଗରମ 'ଚା' ପିଇବା ସମୟରେ ସ୍ଥାନୀୟ ଲୋକଙ୍କ ସରଳ କଥାବାର୍ତ୍ତା ଯାତ୍ରାକୁ ଆହୁରି ସ୍ମରଣୀୟ କରିଦିଏ ।

ସୁବର୍ଣ୍ଣପୁରରେ ଗୋଟିଏ ରାତ୍ରୀ କଟାଇବା ମାନେ କେବଳ ଯାତ୍ରା ନୁହେଁ—ଏହା ନିଜକୁ ନିଜେ ଅଳ୍ପ ସମୟ ପାଇଁ ଖୋଜିପାଇବାର ଏକ ସୁଯୋଗ । ଏହି ପବିତ୍ର ଦେବଭୂମି ଯାତ୍ରୀଙ୍କୁ ଶାନ୍ତି, ସ୍ମୃତି ଓ ଆତ୍ମିକ ଆନନ୍ଦ ସହିତ ଫେରାଇଦିଏ ।

*ଶାନ୍ତି ନଗର,ସୋନପୁର*
*ଦୂରଭାଷ : ୮୧୪୪୮ ୭୦୭୨୯*

ଏକମାତ୍ର
ଭୁବନେଶ୍ୱର, ୯ ମାର୍ଚ୍ଚ - ୧୫ ମାର୍ଚ୍ଚ, ୨୦୨୬





# ବଦଳିବ ବାଲି, ଗୋଡ଼ି, ଇଟାର ମୂଲ୍ୟ

**ଭୁବନେଶ୍ୱର :** ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ନିର୍ମାଣ ସାମଗ୍ରୀର ମୂଲ୍ୟ ନିର୍ଦ୍ଧାରଣ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ନିର୍ମାଣ କ୍ଷେତ୍ରରେ ସାମଗ୍ରୀର ଉଚିତ ମୂଲ୍ୟ ନିର୍ଦ୍ଧାରଣ ଓ ସାମଗ୍ରୀର ଗୁଣବତ୍ତା ଉପରେ ଗୁରୁତ୍ୱ ଦିଆଯାଇଥିବା ସୂଚନା ରହିଛି। ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ କେନ୍ଦ୍ର ସରକାରଙ୍କ ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ ଏବଂ ବିଭିନ୍ନ ରାଜ୍ୟରେ ଲାଗୁ ହୋଇଥିବା ନିର୍ମାଣ ସାମଗ୍ରୀର ମୂଲ୍ୟକୁ ତର୍ଜମା କରି ରାଜ୍ୟରେ କିଭଳି ନିର୍ମାଣ ସାମଗ୍ରୀର ସର୍ବଶ୍ରେଷ୍ଠ ମୂଲ୍ୟ ନିର୍ଦ୍ଧାରଣ କରିହେବ ସେନେଇ ଆଲୋଚନା ହୋଇଥିଲା। ପରିବହନ ଖର୍ଚ୍ଚକୁ ହିସାବକୁ ନେଇ ବାଲି, ଗୋଡ଼ି, ଇଟାଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ଇନ୍‌ଡୋର ଏବଂ ଆଉଟ୍‌ଡୋର ସାମଗ୍ରୀ, ବୈଦ୍ୟୁତିକ ସାମଗ୍ରୀ, ପ୍ରି-ଫେବ୍ରିକେଟେଡ୍ ସାମଗ୍ରୀ, କୋଠାବାଡ଼ିରେ ବ୍ୟବହୃତ ସାମଗ୍ରୀର ସଠିକ୍ ମୂଲ୍ୟ ନିର୍ଦ୍ଧାରଣ ନେଇ ଆଲୋଚନା ହୋଇଥିଲା। ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ନିର୍ମାଣ ସାମଗ୍ରୀର ଗୁରୁତ୍ୱ ଓ ଆବଶ୍ୟକତାକୁ ଉପଲବ୍ଧି କରି ମୂଲ୍ୟ ନିର୍ଦ୍ଧାରଣ ପ୍ରକ୍ରିୟା ଶୀଘ୍ର ସମାପ୍ତି ଉପରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଇଆଇସି ତଥା ସ୍ୱତନ୍ତ୍ର ଶାସନ ସଚିବ ଇଂ ଲକ୍ଷ୍ମୀକାନ୍ତ ପାଢ଼ୀ, ଇଆଇସି (ଡିଜାଇନ) ଇଂ ସମୀର ହୋତା, ଇଆଇସି (ସିଭିଲ୍) ଇଂ ସତ୍ୟବ୍ରତ ବେହେରା, ଇଆଇସି (ରୋଡ୍ସ) ଇଂ ଧ୍ୟାନଚାନ୍ଦ ନାୟକ, ମୁଖ୍ୟଯନ୍ତ୍ରୀ ଇଂ ପ୍ରିୟବ୍ରତ ସାମନ୍ତରାୟ ଏବଂ ଇଂ ଶିବବ୍ରତ ତରିଆ, ଅର୍ଥ ପରାମର୍ଶଦାତା ରତୀକାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।


# ଅଟକି ଯାଇଛି ଭିତରକନିକାର ଭିତ୍ତିଭୂମି ବିକାଶ

## ୫ ବର୍ଷ ତଳେ ମଞ୍ଜୁର ହୋଇଥିଲା ୫୯ କୋଟି



**ରାଜନଗର :** ଭିତରକନିକା ଓଡ଼ିଶାର ପ୍ରଥମ ଜାତୀୟ ଉଦ୍ୟାନ। କିନ୍ତୁ ଅନ୍ୟ ପର୍ଯ୍ୟଟନସ୍ଥଳ ତୁଳନାରେ ଭିତରକନିକାର ବିକାଶ ପଛେଇ ଯାଇଛି। ଏହି ଜାତୀୟ ଉଦ୍ୟାନର ବିକାଶ ପାଇଁ ସରକାର ୫ବର୍ଷ ତଳୁ ଅର୍ଥ ଦେଇଥିବା ଘୋଷଣା କରିଥିଲେ ମଧ୍ୟ ଆଜିଯାଏଁ କାମ ଆରମ୍ଭ ହୋଇନି। ଭିତରକନିକାର ବିକାଶ ପାଇଁ ରାଜ୍ୟ ସରକାର ୨୦୨୧-୨୨ ଆର୍ଥିକ ବର୍ଷରେ ୫୮ କୋଟି ୫୮ ଲକ୍ଷ ୫୩ ହଜାର ଟଙ୍କା ବରାଦ କରିଥିଲେ। ଗୁପ୍ତି ଜେଟିରେ ଡ୍ରାଏ ଡକ୍ ସୁବିଧା ପାଇଁ ୩୦ ଲକ୍ଷ ଟଙ୍କା, ଡାଙ୍ଗମାଳ ପ୍ରବେଶ ଦ୍ୱାରଠାରେ ପ୍ଲାଜା ଓ ପାର୍କିଂ ନିର୍ମାଣ ପାଇଁ ୩ କୋଟି ୧୫ ଲକ୍ଷ ୪୩ ହଜାର ଟଙ୍କା, ଗୁପ୍ତିଠାରେ ଜେଟି ନିର୍ମାଣ ପାଇଁ ୯ କୋଟି ୨୩ ଲକ୍ଷ ୭୪ ହଜାର ଟଙ୍କା, ଡାଙ୍ଗମାଳରେ ବ୍ୟାଖ୍ୟାନ କେନ୍ଦ୍ର ନିର୍ମାଣ ପାଇଁ ୧୪ କୋଟି ୩୮ ଲକ୍ଷ ୪୪ ହଜାର ଟଙ୍କା, ଡାଙ୍ଗମାଳ ଜେଟିର ଉନ୍ନତୀକରଣ ପାଇଁ ୭ କୋଟି ୪୭ ଲକ୍ଷ ୮୩ ହଜାର ଟଙ୍କା, ଡାଙ୍ଗମାଳରେ କାରିଗରୀ କ୍ରାଫ୍ଟ ବଜାର ଓ ଫୁଡ୍‌କୋର୍ଟ ନିର୍ମାଣ ପାଇଁ ୭ କୋଟି ୭୯ ଲକ୍ଷ ୪୭ ହଜାର ଟଙ୍କା, ଚାନ୍ଦବାଲିରେ ଜେଟି ନିର୍ମାଣ ପାଇଁ ୬ କୋଟି ୮୭ ଲକ୍ଷ ୬୧ ହଜାର ଟଙ୍କା, ଖୋଲାରେ ଜେଟି ନିର୍ମାଣ ପାଇଁ ୬ କୋଟି ୬୬ ଲକ୍ଷ ୧ ହଜାର ଟଙ୍କା ମଞ୍ଜୁର ହୋଇଥିଲା। ମୁଖ୍ୟ ଫାଟକରେ କୁମ୍ଭୀର ପ୍ରତିକୃତି ନିର୍ମାଣ, ସୂଚନା କେନ୍ଦ୍ର ନିର୍ମାଣ, ଅଲିଭ୍ରିଡ୍ଲେ, ଲୁଣିପାଣି କୁମ୍ଭୀର, ପକ୍ଷୀ, ମ୍ୟାନଗ୍ରୁଭ୍ ସହିତ ୭ଡି ଥିଏଟର୍ ଓ ଆକ୍ୱାରିୟମ ରହିବାକୁ ଯୋଜନା ହୋଇଥିଲା। ଖୋଲା, ଗୁପ୍ତି, ଡାଙ୍ଗମାଳ ଓ ଜୟନଗରରେ ନିର୍ମାଣ ହେଉଥିବା ଜେଟିରେ ଫ୍ଲୋଟିଂଜେଟି ସଂଯୁକ୍ତ ରହିବ। ଏଥିସହିତ ଜେଟି ନିକଟରେ ଟିକେଟ୍, ସ୍ନାକ୍ସ କେନ୍ଦ୍ର, ଟଏଲେଟ୍, ରେଷ୍ଟରୁମ୍ ସହିତ ପାର୍କିଂ ସ୍ଥାନ, ୱାଚ୍ ଟାୱାର୍ ନିର୍ମାଣ କରାଯିବାକୁ ଯୋଜନା ଥିଲା। ସ୍ଥାନ ଚିହ୍ନଟ କରାଯାଇ ପୂର୍ତ୍ତ ବିଭାଗକୁ ନିର୍ମାଣ ଦାୟିତ୍ୱ ଦିଆଯାଇଥିଲା। କିନ୍ତୁ ଆଜିପର୍ଯ୍ୟନ୍ତ ପ୍ରକଳ୍ପ ପାଇଁ ଟେଣ୍ଡର୍ ଡକାଯାଇ ନାହିଁ। ଏହି ଅର୍ଥ କୁଆଡ଼େ ଗଲା, ତାହାକୁ ନେଇ ସନ୍ଦେହ ବଢ଼ିବାରେ ଲାଗିଛି। ୨୦୨୫ ଜୁନ ୯ ତାରିଖରେ ମୁଖ୍ୟମନ୍ତ୍ରୀ କେନ୍ଦ୍ରାପଡ଼ା ଗସ୍ତରେ ଆସି ଭିତରକନିକାର ବିକାଶ ପ୍ରସଙ୍ଗ ଉଠାଇବା ପରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ପର୍ଯ୍ୟଟନ ବିଭାଗର ସଚିବ ବଲୱନ୍ତ ସିଂହ ଭିତରକନିକାରେ ପହଞ୍ଚି ବିଭିନ୍ନ ପ୍ରବେଶ ପଥ ଅନୁଧ୍ୟାନ କରିଥିଲେ। ମାତ୍ର ଆଜିଯାଏଁ ପ୍ରକଳ୍ପ କାର୍ଯ୍ୟ ଆଗେଇ ପାରିନାହିଁ। ଏନେଇ ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ କୃପାସିନ୍ଧୁ ଧଳ କହିଛନ୍ତି, ପ୍ରକଳ୍ପ ପାଇଁ ପରିବେଶ ମଞ୍ଜୁରି ଓ ଅନ୍ୟାନ୍ୟ ସମସ୍ୟା ଥିବାରୁ ବିଭାଗ ଏହି ପ୍ରକଳ୍ପରୁ ଓହରି ଆସିଛି। ଅନ୍ୟପଟେ ଏସିଏଫ୍ ମାନସ କୁମାର ଦାସ କହିଛନ୍ତି, କେଉଁ କାମ କେଉଁ ବିଭାଗ କରିବ, ତାହା ଏଯାଏଁ ନିଷ୍ପତ୍ତି ହୋଇପାରି ନାହିଁ।

PLOT FOR SALE
MOUZA:BHOLA




N.H. Bye Pass (Old Trunk Road), Near ASBM College, Chandaka, Bhubaneswar, Odisha
Contact : 8658607286

## ଲିକ୍ ହେଲେ ଦବିଯାଉଛି ରାସ୍ତା; ବଦଳିବ ପୁରୁଣା ପାଇପ୍

# ଖର୍ଚ୍ଚ ହେବ ୫କୋଟି ୬୦ ଲକ୍ଷ

**ପୁରୀ :** ୩୦ ବର୍ଷ ତଳେ ପାନୀୟ ଜଳ ଯୋଗାଣ ପାଇଁ ପୁରୀ ସହରର ବିଭିନ୍ନ ଜାଗାରେ ଭୂତଳ ପାଇପ୍ ପକାଯାଇଥିଲା। କ୍ରମେ ରାସ୍ତା ଉଚ୍ଚା ହୋଇ ଚାଲିଲା ଏବଂ ମାଟିତଳେ ଥିବା ପାଇପ୍ ତଳକୁ ତଳକୁ ଚାଲିଲା। ଏବେ ଏହି ପାଇପ୍ ରାସ୍ତାର ୬ଫୁଟ୍ ତଳେ ଅଛି। ଏଣୁ ଲିକ୍ ହେଲେ ଆଉ ମରାମତି ସମ୍ଭବ ହେଉ ନଥିଲା। ଲିକ୍‌କୁ ମରାମତି ନ କରି କଂକ୍ରିଟ୍ ଢଳେଇରେ ପୋତି ଦେଉଥିଲେ। ଫଳରେ ପାଇପ୍‌ରେ ହୋଇଥିବା ଫାଟ ଦେଇ ମାଟି, ସିମେଣ୍ଟ ପଶିଯିବାର ସମ୍ଭାବନା ରହିଥିଲା। ଏବେ ପୁରୁଣା ପାଇପ୍ ସବୁକୁ ହଟାଇବାକୁ ଯୋଜନା ହୋଇଛି। ଏଥିପାଇଁ ୱାଟ୍‌କୋ ଖର୍ଚ୍ଚ କରିବ ୫କୋଟି ୬୦ ଲକ୍ଷ। ଏଥିପାଇଁ ଟେଣ୍ଡର ଜରିଆରେ ଠିକା ସଂସ୍ଥା ଚୟନ ହୋଇଛି। ଖୁବ୍‌ଶୀଘ୍ର କାର୍ଯ୍ୟାଦେଶ ଦିଆଯିବ। ୨୦୦୦ ମସିହା ପୂର୍ବରୁ ମାଟିତଳେ ପାନୀୟ ଜଳ ଯୋଗାଣ ପାଇପ୍ ବିଛାଯାଇଥିଲା। ମାଟିତଳେ ରାସ୍ତାକଡ଼ରେ ଏହି ସବୁ ପାଇପ୍ ପଡ଼ିଥିଲା। କ୍ରମେ ସହରର ବିଭିନ୍ନ ରାସ୍ତା ଚଉଡ଼ା ହୋଇଥିଲା। ତା ସହିତ ରାସ୍ତାର ନବୀକରଣ ହୋଇଥିଲା। ନିୟମ ଅନୁସାରେ ରାସ୍ତାକୁ ଖୋଳି ସମାନ ଉଚ୍ଚତା ବିଶିଷ୍ଟ କରିବା କଥା। ହେଲେ ପୌରସଂସ୍ଥା ଏବଂ ରାସ୍ତା ଓ କୋଠାବାଡ଼ି ବିଭାଜନ କୌଣସି ସଂସ୍ଥା ରାସ୍ତା ଖୋଳି ନୂଆ ରାସ୍ତା ତିଆରି କରୁନାହାନ୍ତି। ପୁରୁଣା ପିଚୁ ଉପରେ ନୂଆ ପିଚୁ ପକାଇ ଦେଉଛନ୍ତି। କଂକ୍ରିଟ୍ ରାସ୍ତା ଉପରେ ମଧ୍ୟ ସିମେଣ୍ଟ ବୋଳି ପେଭର ବ୍ଲକ୍ ପକାଇ ଦିଆଯାଉଥିବା ନଜିର୍ ରହିଛି। ଏଣୁ ଯେଉଁ ପାଇପ୍ ଗୁଡ଼ିକ ମାଟିତଳେ ଥିଲା ରାସ୍ତା ସମ୍ପ୍ରସାରିତ ହେବା ପରେ, ତାହା ରାସ୍ତା ମଝିକୁ ଚାଲିଯାଇଥିଲା। ରାସ୍ତା ଖୋଳାନଯାଇ କାମ ହେଉଥିବାରୁ ରାସ୍ତାର ମୋଟେଇ ବଢ଼ିବଢ଼ି ଚାଲିବାରୁ ଭୂତଳ ପାଇପ୍ ୬ ଫୁଟ୍ ତଳକୁ ଚାଲିଯାଇଥିଲା। କଂକ୍ରିଟ୍ ରାସ୍ତା ତଳେ ଥିବା ପାଇପ୍‌ରୁ ପାଣି ଲିକ୍ ହେଲେ ତାହାକୁ ମରାମତି କରିବା ସମ୍ଭବ ହେଉ ନଥିଲା। ପାଣି କିଭଳି ଉପରକୁ ନ ଆସିବ ତାହାକୁ ବାଲି, ପକାଇ କଂକ୍ରିଟ୍ କରି ପୋତି ଦେଉଥିଲେ। ଅନ୍ୟପଟେ ଭୂତଳ ପାଇପ୍ ଫାଟିଗଲେ ମାଟି ନରମ ହୋଇଯାଉଥିବାରୁ ରାସ୍ତା ଦବି ଯାଉଥିଲା। ଅନେକ ସମୟରେ ରାସ୍ତା ନିର୍ମାଣରେ ଅନିୟମିତତା ଯୋଗୁ ରାସ୍ତା ଦବି



ଯାଉଥିଲେ ମଧ୍ୟ ରାସ୍ତା ଓ କୋଠାବାଡ଼ି ବିଭାଜନ (ଆର୍ ଆଣ୍ଡ ବି) ୱାଟ୍‌କୋ ଦୋଷ ଦେଇ ବସିଯାଉଥିଲା କି ମାଟିତଳେ ପାଇପ୍ ଫାଟୁଥିବାରୁ ରାସ୍ତା ଦବି ଯାଉଛି। ନିକଟ ଅତୀତରେ କଲେଜ୍ ଛକ ଓ ଭିଆଇପି ରୋଡ୍ରେ ରାସ୍ତା ଦବିଯିବାରୁ ୱାଟ୍‌କୋ ଦୋଷ ଦେଇ ଆର୍ ଆଣ୍ଡ ବି ଖସି ଯାଇଥିଲା। ତେବେ ସବୁଠାରୁ ବଡ଼ ସମସ୍ୟା ଥିଲା କି ଭୂତଳ ପାଇପ୍ ଫାଟିଲେ ମାଟି ପଶିଯାଉଥିବାରୁ ପାନୀୟଜଳ ପ୍ରଦୂଷିତ ହୋଇ ପଡୁଥିଲା। ଲୋକ ଜାଣି ପାରୁ ନଥିଲେ। ସେହି ପ୍ରଦୂଷିତ ପାଣିକୁ ପିଇବା ପାଇଁ ବ୍ୟବହାର କରୁଥିଲେ। ଏଭଳି ନିୟମିତ ଚାଲିବାରୁ ପୁରୁଣା ପାଇପ୍‌କୁ ହଟାଇବାକୁ ଯୋଜନା ହୋଇଥିଲା। ଏଥିପାଇଁ ସର୍ଭେ ହେବା ପରେ ୱାଟକୋର ୪ଟି ସେକ୍ସନରେ ୯.୬୮ କିମି ପାଇପ୍ ବିଛାଯିବାକୁ ଯୋଜନା ହୋଇଛି। ପ୍ରଥମେ ନୂଆ ପାଇପ୍ ବିଛାଯିବ। ସେଗୁଡ଼ିକର କମିସନିଂ ସଫଳ ହେବା ପରେ ପୁରୁଣା ପାଇପ୍ରୁ ସଂଯୋଗ ବିଚ୍ଛିନ୍ନ କରି ନୂଆ ପାଇପ୍ରେ ସଂଯୋଗ କରାଯିବ। ତେବେ କୌତୁହଳପ୍ରଦ ହେଉଛି ପୁରୁଣା ପାଇପ୍ ଗୁଡ଼ିକୁ ଆଉ ହଟାଯିବ ନାହିଁ। ମାଟିତଳେ ପଡ଼ି ଖତ ଖାଇବ। ଏନେଇ ଆମ୍ ଆଦ୍‌ମୀ ପାର୍ଟି ସଞ୍ଜୀବ ମହାନ୍ତି କହିଛନ୍ତି, ପୁରୀ ମହାନଗର ନିଗମ ହୋଇଛି। ଏହାର କଳେବର ବଢ଼ିବା ସହ ଉନ୍ନତମାନର ସେବା ଯୋଗାଇ ଦେବାପାଇଁ ପ୍ରଶାସନ ପ୍ରୟାସ କରୁଛି। କିନ୍ତୁ ୟୁଟିଲିଟି କରିଡର କାହିଁକି କରାଯାଉନି ? ରାସ୍ତା ଓ କୋଠାବାଡ଼ି ବିଭାଜନ ରାସ୍ତା ନିର୍ମାଣ କଲାବେଳେ ଏଭଳି ସ୍ୱତନ୍ତ୍ର ୟୁଟିଲିଟି କଥା କାହିଁକି ଭୁଲିଯାଉଛି ? ତଳେ କୋଟି କୋଟି ଟଙ୍କାର ପାଇପ୍ ପୋତା ହୋଇ ରହିଲା, ଏବେ ଉପରେ ୫ କୋଟି ପୋତା ହବ। ସାଧାରଣ ଲୋକଙ୍କ ଜୀବନ ସହ ଖେଳି ଆଉ କେତେ ଦିନ ଏମିତି ଚାଲିଥିବ ? ଏନେଇ ୱାଟ୍‌କୋ ମହାପ୍ରବନ୍ଧକ ବିକ୍ରମ ରାଉତ କହିଛନ୍ତି, ନୂଆ ପାଇପ୍ ବିଛା ହୋଇ ଗଲେ ମାଟିତଳୁ ପାଇପ୍ ଫାଟି ପାଣି ଲିକ୍ ହେବା ଆଶଙ୍କା ରହିବ ନାହିଁ।

# ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ବାର୍ଷିକ ଉତ୍ସବ



**ଲକ୍ଷ୍ମୀପୁର :** କୋରାପୁଟ ଜିଲ୍ଲା ନାରାୟଣ ପାଟଣା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ପ୍ରଧାନ ଶିକ୍ଷୟତ୍ରୀ ମୀନତି ମହାନ୍ତିଙ୍କ ଅଧ୍ୟକ୍ଷତାରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଗୋଲାଦି ତ୍ରିନାଥ, ମୁଖ୍ୟବକ୍ତା ଭାବେ ପ୍ରଦୀପ କୁମାର ନାଗ, ଦେବବ୍ରତ ମିଶ୍ର, ମହେନ୍ଦ୍ର ଗାଣ୍ଟା, ଜୀବନ ଦାସ ଚଲାଣ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଛାତ୍ରୀ ମାନେ କିପରି ନିଜ ଭଲ ପାଠ ପଢି ନିଜ ପରିବାର ସମେତ ନିଜ ଅଞ୍ଚଳ ଓ ନିଜ ବିଦ୍ୟାଳୟର ନାଁ ରଖିବେ ସେ ନେଇ ଅତିଥି ମାନେ ନିଜ ନିଜ ମନ୍ତବ୍ୟ ପରିପ୍ରକାଶ କରିଥିଲେ। ଏଇ କ୍ଷେତ୍ରରେ ବିଭିନ୍ନ ପ୍ରକାର ପ୍ରତିଯୋଗିତା କରାଯାଇଥିଲା। ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସଫଳ ହୋଇଥିବା ଛାତ୍ରୀମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ବଣ୍ଟନ କରାଯାଇଥିଲା। ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ, ଅଭିଭାବକ, ଅଭିଭାବିକା, ସମସ୍ତ ଛାତ୍ରୀ ଉପସ୍ଥିତ ଥିଲେ।

## ଇନ୍ଦ୍ରାବତୀ ନଦୀବନ୍ଧ ପ୍ରକଳ୍ପରୁ ମିଳୁନି ପାଣି

# ଉପରମୁଣ୍ଡ ଶସ୍ୟଶ୍ୟାମଳା, ତଳମୁଣ୍ଡ ପଡ଼ିଆ

**ନବରଙ୍ଗପୁର :** ଇନ୍ଦ୍ରାବତୀ ନଦୀବନ୍ଧ ନିର୍ମାଣ ପାଇଁ ବିସ୍ଥାପିତ ହେଲେ ନବରଙ୍ଗପୁର ଜିଲ୍ଲାବାସୀ। ପୁରୁଷ ପୁରୁଷର ଭିଟାମାଟି, ଚାଷ ଜମି ହରାଇଲେ। କିନ୍ତୁ ଲାଭ ପାଇଲା ପଡ଼ୋଶୀ ଜିଲ୍ଲାକଳାହାଣ୍ଡି। ନଦୀବନ୍ଧ ପ୍ରକଳ୍ପରୁ କାଣିଚାଏ ପାଣି ନବରଙ୍ଗପୁର ଜିଲ୍ଲାକୁ ମିଳୁ ନ ଥିବାରୁ ପଡ଼ିଆ ପଡ଼ିଛି ଶହ ଶହ ହେକ୍ଟର ଜମି। ରବି ଫସଲ ୫୦ ହଜାର ହେକ୍ଟର ଜମିରେ ସୀମିତ ଥିବା ବେଳେ ତଳମୁଣ୍ଡକୁ ପାଣି ଯୋଗାଇବା ପାଇଁ ପ୍ରସ୍ତାବିତ ଟୁରୀ, ବାଙ୍ଗରୀ ନାଳରେ ଡ୍ୟାମ୍ ନିର୍ମାଣ ହୋଇପାରୁନି। ନଦୀବନ୍ଧ ପ୍ରକଳ୍ପ ପୂର୍ବରୁ ଜିଲ୍ଲାର ପ୍ରମୁଖ ନଦୀ ଇନ୍ଦ୍ରାବତୀରେ ପୋଡ଼ାଗଡ଼, କପୁର ଓ ମୁରାନ ନଦୀ ଜଳ ମିଶୁଥିଲା। ଫଳରେ ଚିରସ୍ରୋତା ଇନ୍ଦ୍ରାବତୀ ନବରଙ୍ଗପୁରକୁ ଶସ୍ୟ ଶ୍ୟାମଳା କରୁଥିଲା। ନଦୀ ପାଣିରେ ୨ଲକ୍ଷରୁ ଊର୍ଦ୍ଧ୍ୱ ହେକ୍ଟର ଜମିରେ ଦୁଇ ଫସଲ ହେଉଥିଲା। କିନ୍ତୁ ନଦୀବନ୍ଧ ନିର୍ମାଣ ପରେ ତଳମୁଣ୍ଡରେ ଥିବା ଜମିକୁ ମାଡ଼ିପାରୁନି ପାଣି। ଫଳରେ ବର୍ଷକୁ ଦୁଇଟି ଚାଷ କରୁଥିବା ଚାଷୀ ଏବେ ଥରେ ଚାଷ କରିବା କଷ୍ଟକର ହୋଇପଡୁଛି। ମୋଟ ଚାଷ ଜମିରୁ ଖରିଫରେ ୧ଲକ୍ଷ ୭୪ହଜାର ହେକ୍ଟର(୪୦%) ଏବଂ ରବିରେ ୫୦ ହଜାର ହେକ୍ଟର (୩୫%) ଜମିକୁ ଜଳସେଚନ ହୋଇପାରୁଥିବା କହିଛନ୍ତି ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସୁଧୀରଂଜନ ବେହେରା। ତାହା ପୁଣି ଇନ୍ଦ୍ରାବତୀ ନଦୀ ଉଠାଜଳସେଚନ ପ୍ରକଳ୍ପ ମାଧ୍ୟମରେ। ୧୧୬୩ ଚାଷୀଙ୍କ ୨୩୬୦୦ ହେକ୍ଟର ଜମିକୁ ବିଦ୍ୟୁତ୍ ଓ ସୋଲାର୍ ପ୍ରକଳ୍ପ ଏବଂ ଗଭୀର ନଳକୂପ ଜରିଆରେ ୫୦ ହଜାର ହେକ୍ଟର ଜମିକୁ ପାଣି ମାଡୁଥିବା କହିଛନ୍ତି ଉଠାଜଳସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଦିଲ୍ଲୀପ ଦାସ। ଭାସ୍କେଲ, କୁସୁମଝର, ଫୁଲଝରି ମଧ୍ୟମ ଜଳସେଚନ ପ୍ରକଳ୍ପରୁ ୪୨୬୩ ହେକ୍ଟର ଜମିକୁ ପାଣି ମାଡୁଥିବା କହିଛନ୍ତି କ୍ଷୁଦ୍ର ଜଳସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଚିନ୍ମୟୀ ମଲ୍ଲିକ। ସେହିପରି ମେଗା ଜଳଯୋଗାଣ ପ୍ରକଳ୍ପରୁ ୪ହଜାର ଓ କୃଷି ଜଳସେଚନ ବିଭାଗ ପ୍ରକଳ୍ପରୁ ୨ ହଜାର ହେକ୍ଟର ଜମି ଜଳସେଚିତ ହେଉଛି। ସୂଚନାଯୋଗ୍ୟ, ଇନ୍ଦ୍ରାବତୀ ପ୍ରକଳ୍ପ ଦ୍ୱାରା ୧ଲକ୍ଷ ୨୮ହଜାର ହେକ୍ଟର ଜମିକୁ ଜଳସେଚନ ଓ ୬୦୦ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ ଲକ୍ଷ୍ୟ ରହିଥିଲା। ପ୍ରକଳ୍ପ ନିର୍ମାଣ ପରେ ଇନ୍ଦ୍ରାବତୀ ଉପରମୁଣ୍ଡରେ ଥିବା କଳାହାଣ୍ଡିର ଜମି ଶସ୍ୟ ଶ୍ୟାମଳା ହୋଇଥିଲା। କିନ୍ତୁ ତଳମୁଣ୍ଡରେ ଥିବା ନବରଙ୍ଗପୁର ଜମି ପଡ଼ିଆ ପଡ଼ିବାରୁ ଚାଷୀ ଆନ୍ଦୋଳନ କରିଥିଲେ। ହାର୍ଜା କମିସନ୍ ଇନ୍ଦ୍ରାବତୀ ଓ ମୁରାନ୍ ଡ୍ୟାମ୍ରୁ ୭ କ୍ୟୁସେକ୍ ଜଳ ବର୍ଷ ତମାମ ଛାଡ଼ିବାକୁ ଏବଂ ଟୁରୀ ଓ ବାଙ୍ଗରୀ ନାଳରେ ଡ୍ୟାମ୍ ନିର୍ମାଣ କରିବାକୁ ପ୍ରସ୍ତାବ ଦେଇଥିଲେ। ସରକାରୀ ଉଦାସୀନତାରୁ ଦୁଇ ପ୍ରକଳ୍ପ ନିର୍ମାଣ ହୋଇ ନ ଥିବାରୁ ଚାଷ କାର୍ଯ୍ୟ ଛାଡ଼ି ଦାଦନ ଯାଉଛନ୍ତି ନବରଙ୍ଗପୁର ଚାଷୀ।


# ୧୧ ଗାଁ ମୌଳିକ ସୁବିଧାରୁ ବଞ୍ଚିତ

**ତାଳଚେର :** ଅନୁଗୁଳଜିଲ୍ଲା ତାଳଚେର ବ୍ଲକ୍‌ର କଳମଛୁଇଁ ପଞ୍ଚାୟତରେ ବର୍ଷ ବର୍ଷ ଧରି ବିକାଶ ବାଧାପ୍ରାପ୍ତ ହୋଇଛି। ଏହି ପଞ୍ଚାୟତକୁ ବଳରାମ କୋଇଲା ଖଣି (ଏମ୍‌ସିଏଲ୍) ୩୭ ବର୍ଷ ହେଲା ଅଧିଗ୍ରହଣ କରିଛି। ଏହା ଭିତରେ ୩ ଦଶନ୍ଧିରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ପଞ୍ଚାୟତର ୧୧ଟି ଗାଁ ସର୍ବନିମ୍ନ ମୌଳିକ ସୁବିଧାରୁ ବଞ୍ଚିତ। ୧୯୮୯ ମସିହାରୁ କଳମଛୁଇଁ ପଞ୍ଚାୟତକୁ କୋଇଲା ଖଣି କର୍ତ୍ତୃପକ୍ଷ ଅଧିଗ୍ରହଣ କରିଛନ୍ତି। ଏଥିରେ କଳମଛୁଇଁ, ସୋଲଡ଼ା, ମଝିକା, ତେଲିପୁର, ଖୁରିଙ୍ଗା, ସତ୍ୟବାଦୀପୁର, ତିଳେଇପଶି, ଖଜୁରିଆ, ବୀରବରପୁର, ପ୍ରସନ୍ନନଗର ଓ ସରାଙ୍ଗ ଆଦି ଗ୍ରାମ ରହିଛି। ଏହି ଗ୍ରାମ ମଧ୍ୟରୁ ପ୍ରସନ୍ନନଗର ଓ ସରାଙ୍ଗ ଗ୍ରାମକୁ ଖଣି ପକ୍ଷରୁ ବିସ୍ଥାପିତ କରାଯାଇଛି। ହେଲେ ବାକି ରହିଥିବା ୯ ଗ୍ରାମକୁ କେବଳ ଅଧିଗ୍ରହଣ କରି ଛାଡ଼ି ଦେଇଛି। ଯାହା ଫଳରେ ଗ୍ରାମଗୁଡ଼ିକରେ ଜମି କିଣାବିକାଠାରୁ ଆରମ୍ଭ କରି ଆବାସ ଯୋଜନା, ରାସ୍ତା ନିର୍ମାଣ ଆଦି ଉନ୍ନୟନ କାମ



ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇ ପଡ଼ିଛି। ପଞ୍ଚାୟତକୁ ସମ୍ପୂର୍ଣ୍ଣ ବିସ୍ଥାପିତ କରିବାକୁ ଲୋକେ ଅନେକ ଥର ଖଣି ବନ୍ଦ ଆନ୍ଦୋଳନ କରିବା ସହିତ ରାଜରାସ୍ତାକୁ ଓହ୍ଲାଇଛନ୍ତି। ବର୍ଷ ପରେ ବର୍ଷ ବିତିଥିଲେ ମଧ୍ୟ ସେମାନଙ୍କୁ ବିସ୍ଥାପିତ କରାଯାଉନାହିଁ। ଏପରିକି ସେମାନଙ୍କୁ ସର୍ବନିମ୍ନ ସୁବିଧା ମଧ୍ୟ ଯୋଗାଇ ଦିଆଯାଉ ନ ଥିବା କଳମଛୁଇଁ ଗ୍ରାମର ରାଜୁ ପ୍ରଧାନ କହିଛନ୍ତି। ଆନ୍ଦୋଳନ ସମୟରେ ଖଣି କର୍ତ୍ତୃପକ୍ଷ ୨୪ ଘଣ୍ଟିଆ ପିଇବା ପାଣି ଏବଂ ଗ୍ରାମରେ ସ୍ୱାସ୍ଥ୍ୟ, ଶିକ୍ଷା ବ୍ୟବସ୍ଥା ସହିତ ଅନ୍ୟାନ୍ୟ ସମସ୍ତ ସୁବିଧା ସିଏସ୍ଆର୍ ପାଣ୍ଠିରୁ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ତାହା କେବଳ ପ୍ରତିଶ୍ରୁତିରେ ରହିଯାଇଛି। ପଞ୍ଚାୟତର ପ୍ରାୟ ୨୭ଶହ ପରିବାରକୁ ମାତ୍ର ୨ଟି ଟ୍ୟାଙ୍କରରେ ପାଣି ଯୋଗାଣ ହେଉଛି। ଯାହା ସମୁଦ୍ରକୁ ଶଙ୍ଖେ ଭଳି। ପୂର୍ବରୁ ଗ୍ରାମରେ ରହିଥିବା ପୋଖରୀଗୁଡ଼ିକରେ ପାଣି ରହୁଥିଲା। କିନ୍ତୁ କୂଅ, ପୋଖରୀ ଓ ଅନ୍ୟ ଜଳାଶୟ ଗୁଡ଼ିକ ଶୁଖିଲା ରହୁଛି। ଗ୍ରାମବାସୀ ଗାଧୋଇବା ସହିତ ଶୌଚ ପାଇଁ ହନ୍ତସନ୍ତ ହେଉଛନ୍ତି। ଏପରିକି ଖଣି ପକ୍ଷରୁ ଗୋଟେ ଦୁଇଟି ପୋଖରୀରେ ପାଣି ଭର୍ତ୍ତି କରାଯାଉଛି। ମାତ୍ର ତାହା କିଛି ସମୟ ପାଇଁ ଗଚ୍ଛିତ ହୋଇ ରହୁଛି। ପଞ୍ଚାୟତରେ ୩୬ଟି ନଳକୂଅ ରହିଛି। ହେଲେ ହାତଗଣତି ୩/୪ଟି ନଳକୂଅକୁ ଛାଡ଼ିଦେଲେ ବାକି ସମସ୍ତ ନଳକୂଅ ଅଚଳ ହୋଇ ପଡ଼ିଛି। ଲୋକେ ପାନୀୟ ଜଳ ପାଇଁ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଏଠାକାର ଲୋକେ ଭିଟାମାଟି ବିକ୍ରି କରି ଅନ୍ୟ ଅଞ୍ଚଳକୁ ଯିବାକୁ ଚାହୁଁଥିଲେ ମଧ୍ୟ ସେମାନଙ୍କ ଜମି କୋଲ୍ ବ୍ଲକ୍ ପରିସରରେ ଆସୁଥିବାରୁ ଜମି କିଣାବିକା ହୋଇପାରୁନି। ଫଳରେ ବାଧ ହୋଇ ଏଠାରେ ପଡ଼ି ରହୁଛନ୍ତି ବୋଲି ସୋଲଡ଼ା ଗ୍ରାମର ରମେଶ ବେହେରା କହିଛନ୍ତି। ଏ ନେଇ କଳମଛୁଇଁ ସରପଞ୍ଚ ଅନୀଲ କୁମାର ପ୍ରଧାନ କୁହନ୍ତି, କୋଇଲା ଖଣି କଂପାନି ଆଜକୁ ୩୭ ବର୍ଷ ହେଲା ପଞ୍ଚାୟତକୁ ଅଧିଗ୍ରହଣ କରିଛି। ହେଲେ ପଞ୍ଚାୟତବାସୀଙ୍କୁ ସମ୍ପୂର୍ଣ୍ଣ ବିସ୍ଥାପନ କରୁନାହିଁ କି ବିଭିନ୍ନ ଗ୍ରାମଗୁଡ଼ିକୁ ମୌଳିକ ସୁବିଧା ଯୋଗାଇ ଦିଆଯାଉନାହିଁ। ଫଳରେ ଲୋକେ ଅତି ଦୟନୀୟ ଭାବେ ଜୀବନ କାଟୁଛନ୍ତି।

PLOT FOR SALE



MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455

MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455

# ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ସଚିବସ୍ତରୀୟ ସମୀକ୍ଷା ବୈଠକ

**ଭୁବନେଶ୍ୱର :** ରାଜ୍ୟ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ସଚିବସ୍ତରୀୟ ବୈଠକ ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ରାଜ୍ୟର ଆର୍ଥିକ ସ୍ଥିତି ଏବଂ ୨୦୨୬ ଫେବୃଆରୀ ମାସ ଶେଷ ସୁଦ୍ଧା ହୋଇଥିବା ୨୦୨୫-୨୬ ଆର୍ଥିକ ବର୍ଷର ବଜେଟ୍ ଅନୁମୋଦିତ ଖର୍ଚ୍ଚ ଅଗ୍ରଗତି ସଂପର୍କରେ ବିସ୍ତୃତ ସମୀକ୍ଷା କରାଯାଇଥିଲା। ମୁଖ୍ୟ ଶାସନ ସଚିବ ସମସ୍ତ ବିଭାଗକୁ ଧାର୍ଯ୍ୟ ସମୟ ଚଳିତ ମାସ ଶେଷ ସୁଦ୍ଧା ବଜେଟ୍ ଅନୁମୋଦନ ହିସାବରେ ଖର୍ଚ୍ଚ ଉପଯୋଗ କରିବା ଏବଂ ଆଗାମୀ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବଜେଟ୍‌ରେ ପ୍ରସ୍ତାବିତ ନୂତନ ଯୋଜନା



ଓ କାର୍ଯ୍ୟକ୍ରମ ଗୁଡ଼ିକର ସଫଳ ରୂପାୟନ ପାଇଁ ପ୍ରସ୍ତୁତି କରିବାକୁ ବିଶେଷ ଦୃଷ୍ଟି ଦେବାକୁ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି। ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂ, ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ ଏବଂ କମିଶନର ତଥା ଶାସନ ସଚିବମାନେ ଉପସ୍ଥିତ ଥିଲେ।

Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ

Editor : **Tarak Mohanty**
ସମ୍ପାଦକ : ତାରକ ମହାନ୍ତି